
ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ସୋମବାର ୧୧ ଅଗଷ୍ଟ ୨୦୨୫ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 11 August 2025
Vol.No. 36 ■ No.211 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ବାର୍ଷିକ ସଂଖ୍ୟା
ସାଗରିକା
ଏବେଠାରୁ
ଡିଜିଟାଲ୍ ଫର୍ମାଟରେ ଉପଲବ୍ଧ...
website : sagarika.in.net


# ବିଶ୍ୱ ଦେଖୁଛି ନୂଆ ଭାରତର ଶକ୍ତି : ଅର୍ଥନୀତିର ସଫଳତା ବଖାଣିଲେ ପ୍ରଧାନମନ୍ତ୍ରୀ ମୋଦୀ

ନୂଆଦିଲ୍ଲୀ,୧୦/୮ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ 'ଭାରତ ଏକ ମୃତ ଅର୍ଥନୀତି' ମନ୍ତବ୍ୟକୁ କଟାକ୍ଷ କରି କହିଛନ୍ତି ଯେ ଭାରତ ବିଶ୍ୱର ଶୀର୍ଷ ତିନି ଅର୍ଥନୀତି ମଧ୍ୟରେ ସ୍ଥାନ ପାଇବା ଆଡ଼େ ଦ୍ରୁତ ଗତିରେ ଅଗ୍ରସର ହେଉଛି। ବେଙ୍ଗାଲୁରୁରେ ଏକ ଜନସଭାରେ ସେ କହିଛନ୍ତି, "ଆମେ ସଂସ୍କାର, କାର୍ଯ୍ୟଦକ୍ଷତା ଓ ରୂପାନ୍ତରଣର ମନୋଭାବ ଏବଂ ସ୍ପଷ୍ଟ ଉଦ୍ଦେଶ୍ୟ ଓ ସୁଚିନ୍ତିତ ପ୍ରୟାସ ସହାୟତାରେ ଏହି ଗତି ହାସଲ କରିଛୁ।" ମୋଦି କହିଛନ୍ତି, "ଆମେ ବିଶ୍ୱର ଶୀର୍ଷ ତିନି ଅର୍ଥନୀତି ମଧ୍ୟରେ ସ୍ଥାନ ପାଇବା ଆଡ଼େ ଦ୍ରୁତ ଗତିରେ ଅଗ୍ରସର ହେଉଛୁ। ୨୦୧୪ରେ ମେଟ୍ରୋ ମାତ୍ର ୫ଟି ସହରରେ ସୀମିତ ଥିଲା, ଆଜି ୨୪ଟି ସହରରେ ୧୦୦୦ କିଲୋମିଟରରୁ ଅଧିକ ମେଟ୍ରୋ ନେଟୱାର୍କ ରହିଛି। ୨୦୧୪ ପୂର୍ବରୁ ପ୍ରାୟ ୨୦,୦୦୦ କିଲୋମିଟର ରେଳ ମାର୍ଗ ବିଦ୍ୟୁତୀକରଣ



ହୋଇଥିଲା, ଗତ ୧୧ ବର୍ଷରେ ଆମେ ୪୦,୦୦୦ କିଲୋମିଟରରୁ ଅଧିକ ରେଳ ମାର୍ଗକୁ ବିଦ୍ୟୁତୀକରଣ କରିଛୁ। ୨୦୧୪ରେ ଭାରତରେ ମାତ୍ର ୭୪ଟି ବିମାନବନ୍ଦର ଥିଲା, ଆଜି ଏହା ୧୬୦ରୁ ଅଧିକ। ଜଳପଥରେ ମଧ୍ୟ ଅଭୂତପୂର୍ବ ଅଗ୍ରଗତି ହୋଇଛି, ୨୦୧୪ରେ ମାତ୍ର ୩ଟି ଜାତୀୟ ଜଳପଥ ଥିବା ବେଳେ ଆଜି ଏହା ୩୦କୁ ବୃଦ୍ଧି ପାଇଛି।" ଏହି ମନ୍ତବ୍ୟ ଆମେରିକା ସହ ବାଣିଜ୍ୟିକ ଉତ୍ତେଜନା ମଧ୍ୟରେ ଆସିଛି। ଗତ ସପ୍ତାହରେ ଟ୍ରମ୍ପ ଭାରତୀୟ ପଣ୍ୟ ଉପରେ ଶୁଳ୍କ ୫୦ ପ୍ରତିଶତକୁ ଦ୍ୱିଗୁଣିତ କରିଥିଲେ, ଯାହାକୁ ଭାରତ ରୁଷିଆରୁ ଅଶୋଧିତ ତୈଳ ଆମଦାନୀ ଜାରି ରଖିବା ନେଇ ଟାର୍ଗେଟ କରାଯାଇଥିଲା। ଟ୍ରମ୍ପ ନୂଆଦିଲ୍ଲୀର ରୁଷିଆ ସହ ତୈଳ କାରବାର ବନ୍ଦ ନକରିବା ପାଇଁ କ୍ଷୁବ୍ଧ ହୋଇ ଭାରତକୁ 'ମୃତ ଅର୍ଥନୀତି' ବୋଲି ବର୍ଣ୍ଣନା କରି କହିଥିଲେ, "ମୁଁ ଚିନ୍ତା କରୁନାହିଁ ଯେ ଭାରତ ରୁଷିଆ ସହ କ'ଣ କରୁଛି। ସେମାନେ ନିଜ ମୃତ ଅର୍ଥନୀତିକୁ ଏକାଠି ନଷ୍ଟ କରିପାରନ୍ତି।" ଏହାର ପ୍ରତିବାଦରେ ଭାରତ ଆମେରିକାର ୨୫ ପ୍ରତିଶତ ଅତିରିକ୍ତ ଶୁଳ୍କକୁ 'ଅନୁଚିତ, ଅଯୌକ୍ତିକ ଓ ଅଗ୍ରହଣୀୟ' ବୋଲି ବର୍ଣ୍ଣନା କରିଛି। ବୈଦେଶିକ ମନ୍ତ୍ରଣାଳୟ ଏକ ବିବୃତିରେ କହିଛି, "ଆମେ ଜାତୀୟ ସ୍ୱାର୍ଥ ସୁରକ୍ଷା ପାଇଁ ସମସ୍ତ ଆବଶ୍ୟକ ପଦକ୍ଷେପ ନେବୁ। ଏହି ଶୁଳ୍କ ଅନୁଚିତ ଓ ଅଯୌକ୍ତିକ।" ବେଙ୍ଗାଲୁରୁରେ ମୋଦି ବେଙ୍ଗାଲୁରୁ ମେଟ୍ରୋର ତୃତୀୟ ପର୍ଯ୍ୟାୟ ପାଇଁ ୧୫,୬୧୦ କୋଟି ଟଙ୍କାର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ତିନୋଟି ବନ୍ଦେ ଭାରତ ଏକ୍ସପ୍ରେସ ଟ୍ରେନ୍‌କୁ ପତାକା ନେଇ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ସେ ଭାରତର ଅଭୂତପୂର୍ବ ଅଗ୍ରଗତି ଓ ଆତ୍ମନିର୍ଭରତା ଉପରେ ଗୁରୁତ୍ୱ ଦେଇଛନ୍ତି।

# ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ବିଲ୍ଡିଂର ଉଦ୍‌ଘାଟନ କଲେ ମୁଖ୍ୟମନ୍ତ୍ରୀ

## ଖୁବ୍‌ଶୀଘ୍ର ଖାଲି ପଡ଼ିଥିବା ଡାକ୍ତର ପଦବୀ ପୂରଣ ହେବ



କୋରାପୁଟ,୧୦।୮(ଅମିତାଭ ବେହେରା ): ରାଜ୍ୟର ନିରନ୍ତର ବିକାଶ ଧାରାରେ ଆଜି କୋରାପୁଟ ଜିଲା ମଧ୍ୟ ସାମିଲ ହୋଇଛି ବୋଲି ରବିବାର କୋରାପୁଟସ୍ଥିତ ସରକାରୀ ଡିଏଭି ମହାବିଦ୍ୟାଳୟ ପଡିଆଠାରେ ଆୟୋଜିତ ସାଧାରଣ ସଭାରେ ଶହୀଦ ଲକ୍ଷ୍ମଣ ନାଏକ ମେଡିକାଲ କଲେଜ ବିଲ୍ଡିଂ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ୨୮୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୬୫୦ ଶଯ୍ୟା ବିଶିଷ୍ଟ ଏହି ବିଲ୍ଡିଂକୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଖୁବ୍‌ଶୀଘ୍ର ଖାଲି ପଡ଼ିଥିବା ଡାକ୍ତର ଓ ଅନ୍ୟାନ୍ୟ ପଦବୀ ପୂରଣ ହେବ। ଚିକିତ୍ସା ପାଇଁ ଆଉ କୋରାପୁଟବାସୀଙ୍କୁ ଦୂର ଦୂରାନ୍ତକୁ ଯିବାକୁ ପଡ଼ିବ ନାହିଁ। ରାଜ୍ୟର ନିରନ୍ତର ବିକାଶ ଧାରାରେ ଯୋଡ଼ି ହେବ କୋରାପୁଟ ଜିଲା। ସି.ଟି ସ୍କାନ୍, ଡାଏଲିସିସ୍, ମାମୋଗ୍ରାଫି ପରି ଅତ୍ୟାଧୁନିକ ରୋଗ ନିରୂପଣ ପରୀକ୍ଷା ନିରୀକ୍ଷାର ବ୍ୟବସ୍ଥା ମଧ୍ୟ କରାଯାଉଛି । ଗୁରୁତର ରୋଗୀମାନଙ୍କ ପାଇଁ ଯେପରି ଅକ୍ସିଜେନର ଅଭାବ ନହେବ ସେଥିନିମନ୍ତେ ସ୍ୱତନ୍ତ୍ର ଅକ୍ସିଜେନ୍ ପ୍ଲାଣ୍ଟ ବସାଯାଉଛି । ଏହି ହସ୍‌ପିଟାଲ ସଂଲଗ୍ନ ୨ ଏକର ପରିମିତ ଜାଗାରେ କ୍ୟାନ୍ସର ଚିକିତ୍ସା ହସ୍‌ପିଟାଲ ମଧ୍ୟ ନିର୍ମାଣ କରାଯାଉଛି । ଏଥିପାଇଁ ଆମ ସରକାର ପ୍ରାୟ ୪୧ କୋଟି ୧୫ ଲକ୍ଷ ଟଙ୍କାର ବ୍ୟୟ ବରାଦ କରିଛନ୍ତି ବୋଲି ସେ କହିଥିଲେ। ଆମ ସରକାର ରାଜ୍ୟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା ଲାଗୁ କରିଛନ୍ତି ।ବର୍ତ୍ତମାନ ରାଜ୍ୟବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା କ୍ଷେତ୍ରରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଓ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମିଳିତ ଭାବେ କାର୍ଯ୍ୟ କରୁଛି । ଏହା ମାଧ୍ୟମରେ ଆମ ରାଜ୍ୟର ୩ କୋଟି ୪୬ ଲକ୍ଷ ଅର୍ଥାତ୍ ୮୦ ପ୍ରତିଶତ ଲୋକ ଉପକୃତ ହେଉଛନ୍ତି । ବର୍ତ୍ତମାନ ସୁଦ୍ଧା ଏହି ଦୁଇଟି ଯୋଜନାରେ ରାଜ୍ୟର ପ୍ରାୟ ୩ ଲକ୍ଷ ୯୧ ହଜାର ହିତାଧିକାରୀମାନଙ୍କ ପାଇଁ ୯୦୦ କୋଟି ଟଙ୍କାର ଚିକିତ୍ସା ସୁବିଧା ପ୍ରଦାନ କରାଯାଇଛି ।

▶▶ପୃଷ୍ଠା ୭

# ଓଟିଇଟି ପ୍ରଶ୍ନପତ୍ର ଲିକ୍‌ରେ ବଡ଼ କାର୍ଯ୍ୟାନୁଷ୍ଠାନ କେବେ ? ଖସିଯିବେ କି ବୋର୍ଡ ସଭାପତି ?

ଭୁବନେଶ୍ୱର, ୧୦/୮ (ନି.ପ୍ର): ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାରେ ବର୍ତ୍ତମାନ ସୁଦ୍ଧା ବୋର୍ଡ ଉପ-ସଭାପତି ନିହାର ମହାନ୍ତି, ଅଫିସର ଡାଟା ଏଣ୍ଟ୍ରି ଅପରେଟର ଜୀତନ ମହାରଣାଙ୍କ ସମେତ ୮ ଜଣ ଗିରଫ ହୋଇଛନ୍ତି । ବଡ଼କଥା ହେଲା, କ୍ରାଇମବ୍ରାଞ୍ଚର ତଦନ୍ତ ଉପ-ସଭାପତିଙ୍କ ଗିରଫଦାରୀରେ ହିଁ ଅଟକିଯାଇଛି । ଆସନ୍ତା ୩୧ ତାରିଖରେ ପୁଣି ଓଟିଇଟି ପରୀକ୍ଷା ହେବ । ବୋର୍ଡ ସଭାପତି ଏହାର ପରିଚାଳନା ଦାୟିତ୍ୱରେ ଅଛନ୍ତି । ତେବେ ପ୍ରଶ୍ନପତ୍ର ଲିକ ଘଟଣାରେ ତଦନ୍ତ ଚାଲିଛି ଓ ସ୍କାନରରେ ଅଛନ୍ତି ଖୋଦ ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ । ଏଭଳି ସ୍ଥଳେ ସେ କେମିତି ପରୀକ୍ଷା ପରିଚାଳନା କରିବେ ସେ ନେଇ ପ୍ରଶ୍ନ ଉଠିଛି । କୁହାଯାଉଛି, ପ୍ରଶ୍ନପତ୍ର ଲିକ ଘଟଣାରେ ଗିରଫ ନିହାର ମହାନ୍ତିଙ୍କୁ ବୋର୍ଡ ସଭାପତିଙ୍କ ପ୍ରଚ୍ଛନ୍ନ ସମର୍ଥନ ଥିଲା । ଏବେ ପ୍ରଶ୍ନ ଉଠୁଛି, ସଭାପତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ କାହିଁକି କୁଣ୍ଠକୁଣ୍ଠ ଶିକ୍ଷା ବିଭାଗ ? କାହାର ଛତ୍ରଛାୟା



ତଳେ ଅଛନ୍ତି ଶ୍ରୀକାନ୍ତ ତରାଇ ? କାହିଁକି କାର୍ଯ୍ୟାନୁଷ୍ଠାନରେ ବିଳମ୍ବ ହେଉଛି ? ଓଟିଇଟି ପ୍ରଶ୍ନପତ୍ର ଲିକ ଘଟଣା ନେଇ ସାରା ରାଜ୍ୟ ଉଠୁଛିପଡୁଛି । କିନ୍ତୁ ବିରୋଧୀ ବିଜେଡି ଓ କଂଗ୍ରେସ ଏନେଇ ଚୁପ୍ ବସିବା ଅନେକ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏଯାଏଁ ବିରୋଧୀ ସେଭଳି ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରିନାହାନ୍ତି । ସରକାରଙ୍କୁ ବି ଘେରିନାହାନ୍ତି । ପ୍ରଶ୍ନ ଉଠୁଛି, ପ୍ରଶ୍ନପତ୍ର ଲିକ୍ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ ହେଉଛି କି ? ଲିକ୍ ପଛରେ ଆଉ କିଏ କିଏ ଅଛନ୍ତି ? ସ୍କାନରରେ ଥିବା ଶିକ୍ଷକ ଗିରଫ ହେବେ କେବେ ? କେଲେଙ୍କାରୀ ଚେର କେତେଦୂର ଲମ୍ବିଛି ? ବୋର୍ଡ ସଭାପତିଙ୍କ ପରିଚାଳନାରେ କେତେ ସ୍ୱଚ୍ଛ ହେବ ଓଟିଇଟି ପରୀକ୍ଷା ? ଜୀତନ ମହାରଣା ଓ ବିଜୟ ମିଶ୍ରଙ୍କୁ ରିମାଣ୍ଡରେ ଆଣିବା ପରେ ଗିରଫ ବୋର୍ଡ ଉପ-ସଭାପତି ନିହାର ମହାନ୍ତିଙ୍କୁ ରିମାଣ୍ଡରେ ଆଣିପାରେ କ୍ରାଇମବ୍ରାଞ୍ଚ। କିନ୍ତୁ ପ୍ରଶ୍ନ ଉଠୁଛି, ବୋର୍ଡ ସଭାପତିଙ୍କ ଉପରେ କାହାର ଆଶୀର୍ବାଦ ଅଛି । ଯାହାକୁ ନେଇ କ୍ରାଇମବ୍ରାଞ୍ଚ ଆଗକୁ ବଢ଼ିପାରୁନାହିଁ ।

▶▶ପୃଷ୍ଠା ୭

# ଛାତ୍ରୀ ମୃତ୍ୟୁ ମାମଲାରେ ବୟଫ୍ରେଣ୍ଡ ଗିରଫ: ମୋବାଇଲରୁ ମିଳିଛି ୬୦ଟି ଅଶ୍ଳୀଳ ଭିଡ଼ିଓ

ଭୁବନେଶ୍ୱର, ୧୦/୮ (ନି.ପ୍ର): କାଳ ସାଜିଲା କି ଦୀର୍ଘଦିନର ପ୍ରେମରେ ପାରିବାରିକ ପ୍ରତିବନ୍ଧକ ? ବିବାହରେ ବାଧା ଷଡ଼ଯନ୍ତ୍ରରୁ ସର୍ବନାଶ ହୋଇଗଲା କି ସବୁକିଛି ? ଦିନେ ଯିଏ ନିଜ ପ୍ରେମିକାକୁ ବିବାହ କରିବା ପାଇଁ ନିଷ୍ପତ୍ତି ନେଇଥିଲା, ପାରିବାରିକ ପ୍ରତିପକ୍ଷର ପ୍ରତିବନ୍ଧନ ସବୁକିଛି ଖିନଭିନ୍ କରିଦେଲା କି ? ପଟ୍ଟାମୁଣ୍ଡାଇ କାଠିଆପଡ଼ା ଛାତ୍ରୀଙ୍କ ରହସ୍ୟଜନକ ମୃତ୍ୟୁ ମାମଲାରେ ଏଭଳି ପ୍ରଶ୍ନ ସହ କାଠଗଡ଼ାରେ ଏବେ ପୁରୁଷ ବନ୍ଧୁ ପ୍ରମୋଦ



ବେହେରା। ୫ ଦିନର ତନାଘନା ଭିତରେ ଏବଂ ବାପାଙ୍କ ଏତଲା ଆଧାରରେ ଆଜି ପ୍ରମୋଦଙ୍କୁ ଗିରଫ ଦର୍ଶାଇଛି କେନ୍ଦ୍ରାପଡ଼ା ପୋଲିସ। ଲଗାଇଛି ୬ଟି ଦଫା। ବିଏନଏସ୍ ଧାରା ୧୦୮ ଅର୍ଥାତ ଆତ୍ମହତ୍ୟା ପାଇଁ ଉସୁକାଇବା, ଧାରା ୨୯୬ ଅର୍ଥାତ ସର୍ବସାଧାରଣ ସ୍ଥାନରେ ଆପତ୍ତିଜନକ ଆଚରଣ, ଧାରା ୭୫ ଅର୍ଥାତ ଯୌନ ନିର୍ଯାତନା, ଧାରା ୭୮ ପିଛା କରିବା, ଧାରା ୬୬/ର ଗୋପନୀୟତା ଉଲଂଘନ ଏବଂ ୬୭/ଇ ଅର୍ଥାତ ଆପତ୍ତିଜନକ ଭିଡ଼ିଓ କିମ୍ବା ଫଟୋ ଭାଇରାଲ କରିବା। ଏଭଳି ୬ଟି ଦଫା ଲଗାଇ, ପୂର୍ବରୁ ଚେନ୍ନାଇରୁ ଧରିଆଣିଥିବା କେନ୍ଦ୍ରାପଡ଼ା ପୋଲିସ, ଆଜି ବୟଫ୍ରେଣ୍ଡଙ୍କୁ ଗିରଫ ଦର୍ଶାଇଛି। ପୋଲିସର ସୂଚନା ଅନୁଯାୟୀ, ମୃତ୍ୟୁର ପୂର୍ବଦିନ ଏବଂ କିଛି ସମୟ ପୂର୍ବରୁ ଯୁବତୀଙ୍କ ସହ ଫୋନରେ କଥା ହୋଇଥିଲେ ପ୍ରମୋଦ।

▶▶ପୃଷ୍ଠା ୭

# ଚନ୍ଦ୍ରଭାଗାରେ ସମୁଦ୍ରରେ ବୁଡ଼ି ୩ ମୃତ

କୋଣାର୍କ , ୧୦/୮ (ନି.ପ୍ର): ଚନ୍ଦ୍ରଭାଗାରେ ସମୁଦ୍ରରେ ବୁଡ଼ି ୩ ଜଣଙ୍କ ମୃତ୍ୟୁ ଘଟିଛି। ଚନ୍ଦ୍ରଭାଗାର ଦୁଇଟି ଭିନ୍ନ ଭିନ୍ନ ସ୍ଥାନରେ ଆଜି ଘଟିଛି ଏହି ଅଘଟଣ। ରବିବାର ଥିବାରୁ ଛୁଟି କାଟିବାକୁ କଟକ ପାହାଳ ଅଞ୍ଚଳର କିଛି ଯୁବକ କୋଣାର୍କ ବୁଲିବାକୁ ଆସିଥିଲେ। ସେମାନେ ଚନ୍ଦ୍ରଭାଗା ନିକଟରେ ସମୁଦ୍ରରେ ଗାଧୋଉଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ବୁଡ଼ି ଯାଇଥିଲେ। ତାଙ୍କୁ ଉଦ୍ଧାର କରାଯାଇଥିଲା। ତେବେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ସେହିପରି ଚନ୍ଦ୍ରଭାଗା ଇକୋରିଟ୍ରିଟ୍‌ଠାରେ ଭୁବନେଶ୍ୱରର କେଶୁରା ସ୍ଥିତ ଏକ ଗାଡ଼ି

▶▶ପୃଷ୍ଠା ୭

# ପୁଣି ଅନଲାଇନରେ ମହାପ୍ରସାଦର ବେଧଡକ୍ ବେପାର

ପୁରୀ, ୧୦/୮ (ନି.ପ୍ର): ମହାପ୍ରଭୁଙ୍କ ମହାପ୍ରସାଦ ପ୍ରତି ମହା ଅବମାନନା। ଭକ୍ତଙ୍କ ଭାବାବେଗ ସହ ଖେଳ। ଅନଲାଇନରେ ଅବଢ଼ା ବେପାର। ମାତିଛନ୍ତି କିଛି ଅସାଧୁ ବ୍ୟବସାୟୀ ଓ ଦଲାଲ। ଆନନ୍ଦବଜାରରେ ମିଳୁଥିବା ମହାପ୍ରସାଦକୁ ୱେବସାଇଟ ଓ ଆପ୍ ଜରିଆରେ ବିକ୍ରି କରୁଛନ୍ତି। ଦେଖନ୍ତୁ ଏ ଫଟୋ। ଯେଉଁଥିରେ ଶ୍ରୀମନ୍ଦିର ନାଁରେ ଅନଲାଇନରେ ବିକ୍ରି ହେଉଛି ଅବଢ଼ା। ଅନ୍ନ, ଡାଲି, ବେସର, ମହୁର ଅର୍ଡର ନିଆଯାଉଛି। ୨ ଜଣଙ୍କ ଖାଇବା ପାଇଁ ଦର ରଖିଛନ୍ତି ୭୦୦ ଟଙ୍କା। ଶ୍ରୀମନ୍ଦିର ସହ କୁଡୁଆ ଭର୍ତ୍ତି



ମହାପ୍ରସାଦ ଫଟୋ ବି ରହିଛି। ରାତି ସାଢେ ୧୦ଟା ସୁଦ୍ଧା ଦିଆଯିବ ଡେଲିଭରି। ଅନଲାଇନ୍ ଅର୍ଡର କଲେ ପ୍ରତି ସୋମବାର, ଗୁରୁବର ଓ ଶନିବାର ଅବଢ଼ା ଦିଆଯିବ ବୋଲି ଉଲ୍ଲେଖ ରହିଛି। ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଅନଲାଇନରେ ମହାପ୍ରସାଦ

▶▶ପୃଷ୍ଠା ୭

# ସମସ୍ତଙ୍କ ବସ୍ ଭାରତର ବିକାଶ ଦେଖି ପାରୁନାହାନ୍ତି: ଟ୍ରମ୍ପଙ୍କୁ ରାଜନାଥ ସିଂହଙ୍କ କଟାକ୍ଷ

ନୂଆଦିଲ୍ଲୀ,୧୦।୮: ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଆମେରିକାର ଶୁଳ୍କ ନୀତି ଉପରେ ତୀବ୍ର ସମାଲୋଚନା କରି କହିଛନ୍ତି ଯେ ବିଶ୍ୱ ଶକ୍ତିମାନେ ଭାରତର ଦ୍ରୁତ ଅଭିବୃଦ୍ଧି ଦେଖି ଈର୍ଷାନ୍ୱିତ। ମଧ୍ୟପ୍ରଦେଶରେ ଏକ କାର୍ଯ୍ୟକ୍ରମରେ ସେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ସମସ୍ତଙ୍କ ବସ୍' ବୋଲି କଟାକ୍ଷ କରି କହିଛନ୍ତି, "କେତେକ ଲୋକ ଭାରତର ଅଗ୍ରଗତି ଗ୍ରହଣ କରିପାରୁନାହାନ୍ତି। ସେମାନେ ଭାବୁଛନ୍ତି, 'ଆମେ ସମସ୍ତଙ୍କ ବସ୍,



ଭାରତ କେମିତି ଏତେ ଦ୍ରୁତ ଅଗ୍ରଗତି କରୁଛି'" ସେ ଆହୁରି କହିଛନ୍ତି ଯେ ଭାରତୀୟ ଉତ୍ପାଦକୁ ବିଦେଶରେ ମହଙ୍ଗା କରିବା ପାଇଁ ଉଦ୍ୟମ ଚାଲିଛି, କିନ୍ତୁ କୌଣସି ବିଶ୍ୱ ଶକ୍ତି ଭାରତକୁ ମହାଶକ୍ତି ହେବାରୁ ଅଟକାଇ ପାରିବ ନାହିଁ। ରାଜନାଥ ସିଂ ରାୟସେନ ଜିଲାର ଉମରିଆ ଗାଁରେ ବିଇଏମଏଲ୍‌ର 'ବ୍ରହ୍ମା' ରେଳ ହବ ନିର୍ମାଣର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଏହି ୧୮୦୦ କୋଟି ଟଙ୍କାର ରେଳ କୋଚ୍ କାରଖାନା ଉଚ୍ଚଗତିର ରେଳଗାଡ଼ି ପାଇଁ କୋଚ୍ ଓ ଅନ୍ୟାନ୍ୟ ରେଳ ଉତ୍ପାଦ ତିଆରି କରିବ, ଯାହା ୫୦୦୦ ସିଧାସଳଖ ଚାକିରି ସୃଷ୍ଟି କରିବ। ସେ କହିଛନ୍ତି, "ମଧ୍ୟପ୍ରଦେଶରେ ପ୍ରତିରକ୍ଷା କ୍ଷେତ୍ର ପାଇଁ ସମସ୍ତ ସୁବିଧା ରହିଛି।

▶▶ପୃଷ୍ଠା ୭

# ଭାରତ ଉପରେ ଟ୍ରମ୍ପ ଶୁଳ୍କର ପ୍ରଭାବ ପଡିବା ଆରମ୍ଭ : କମିପାରେ ରପ୍ତାନୀ

ନୂଆଦିଲ୍ଲୀ,୧୦/୮ : ଭାରତ ଉପରେ ଟ୍ରମ୍ପ ଶୁଳ୍କର ପ୍ରଭାବ ପଡିବା ଆରମ୍ଭ କରିଛି । ଭାରତ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୫୦% ଶୁଳ୍କ ଲଗାଇବାକୁ ଘୋଷଣା କରିଛନ୍ତି। ଏହା ଫଳରେ ଭାରତ ଉପରେ ଏହାର ଗଭୀର ପ୍ରଭାବ ପଡିବା ଆଶଙ୍କା ସୃଷ୍ଟି ହେଲାଣି । ବିଶେଷକରି କପଡା ରପ୍ତାନୀ ଭୟଙ୍କର ପ୍ରଭାବିତ ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଆଉ ଦୁଇଦିନ



ମଧ୍ୟରେ ଏହାର ପ୍ରଭାବ ବି ଦେଖିବାକୁ ମିଳିଲାଣି । ଆମେରିକା ୭ ଅଗଷ୍ଟରୁ ଭାରତ ଉପରେ ୨୫% ଶୁଳ୍କ ଲାଗୁ କରିଛି ଏବଂ ୨୭ ଅଗଷ୍ଟରୁ ୨୫% ଅତିରିକ୍ତ ଶୁଳ୍କ ଲାଗୁ ହେବ ବୋଲି କହିଛି । ଭାରତ ଉପରେ ଏହି ଶୁଳ୍କ ଲାଗୁ ହେବା ସହିତ, ରପ୍ତାନିରେ ହ୍ରାସ ହେବାର ସମ୍ଭାବନା ଅଛି, ଭାରତରୁ ଆମେରିକା ଯାଉଥିବା ସାମଗ୍ରୀର ମୂଲ୍ୟକୁ ମଧ୍ୟ ଏହା ପ୍ରଭାବିତ କରିପାରେ । ଫଳରେ ଆମେରିକାରେ ବିକ୍ରି ହେଉଥିବା ଭାରତୀୟ ଉତ୍ପାଦନ ଗୁଡ଼ିକର ମୂଲ୍ୟବୃଦ୍ଧି ହେବାର ଆଶଙ୍କା ମଧ୍ୟ ରହିଛି ।

## ଟଙ୍କା ନେଣଦେଣକୁ ନେଇ ହତ୍ୟାକାଣ୍ଡ

ଗଞ୍ଜାମ, ୧୦/୦୮ (ନି.ପ୍ର): ଟଙ୍କା ନେଣଦେଣକୁ ନେଇ ବନ୍ଧୁ ହତ୍ୟାକଲା ବନ୍ଧୁକୁ । ଏ ଧରଣର ବିଶ୍ୱାସଘାତକ ଘଟଣା ଘଟିଛି ହରିଡା ଖଣ୍ଡି ଗୌଡ ସାହିରେ। ଦୁଇ ବନ୍ଧୁ ଶଙ୍କର ମାଝି ଓ ଗୌର ବେହେରା ଭଡାଘରେ ରହୁଥିଲେ। ଟଙ୍କା ଦେଣନେଣକୁ ନେଇ ଗତକାଲି ବିଳମ୍ବିତ ରାତିରେ ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା । ଏଥିରେ ଉତକ୍ଷିପ୍ତ ହୋଇ ଗୌର, ଅସୁସ୍ଥ ଶଙ୍କରଙ୍କୁ ମରଣାନ୍ତକ ଆକ୍ରମଣ କରି ଘର୍ବାହାରୁ ଚାବି ପକାଇ ଚାଲିଯାଇଥିଲା। ଘର ଭିତରୁ ତାଙ୍କ ଚିତ୍କାର ଶୁଣି ସାହିଲୋକେ ପୁଲିସକୁ ଖବର ଦେଇଥିଲେ ରାତି ଦୁଇଟା ବେଳେ ବଡବଜାର ଥାନା ପୁଲିସ ଘଟଣାସ୍ଥଳରେ ପହଂଚି ଘରର ଚାବି ଖୋଲି ଗୁରୁତର ଅବସ୍ଥାରେ ଶଙ୍କରକୁ ଉଦ୍ଧାର କରି ବ୍ରହ୍ମପୁର ବଡ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ଶଙ୍କରକୁ ମୃତ ଘୋଷଣା କରିଛନ୍ତି।

## ରାଜ୍ୟ ଅଭିଲେଖାଗାରରେ ଅଗଷ୍ଟକ୍ରାନ୍ତି ଦିବସ ପାଳିତ

ଭୁବନେଶ୍ୱର, ୧୦/୦୮ (ନି.ପ୍ର): ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ଅଗଷ୍ଟକ୍ରାନ୍ତି ଦିବସ ପାଳିତ ହୋଇଯାଇଛି। ଏହି ଦିବସ ପାଳନ ଅବସରରେ ଓଡିଶାରେ ଅଗଷ୍ଟ ବିପ୍ଳବ ସମ୍ବନ୍ଧୀୟ ଏକ ଅଭିଲେଖ ପ୍ରଦର୍ଶନୀ ପ୍ରଦର୍ଶିତ ହୋଇଅଛି ଯାହା ଏକ ସପ୍ତାହ ନିମନ୍ତେ ଜନସାଧାରଣ ତଥା ଗବେଷକମାନଙ୍କ ନିମନ୍ତେ ଉନ୍ମୁକ୍ତ ରହିବ । ଏଥିସହ ଆଜିର ପବିତ୍ର ବଳଭଦ୍ରଙ୍କ ଜନ୍ମ ରକ୍ଷାବନ୍ଧନ ପର୍ବ ଅବସରରେ ଓଡିଶା ରାଜ୍ୟ ଅଭିଲେଖାଗାର ତଥା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୁଲ୍ୟରେ ଉତ୍କଳ ଦୀପିକାରେ ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିର ପ୍ରସଙ୍ଗ ପୁସ୍ତକର ଉନ୍ମୋଚନ କରାଯାଇ ଅଛି।

ପ୍ରତିବର୍ଷ ପରି ଅଗଷ୍ଟ ୯ ତାରିଖରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଙ୍କ ଅବଦାନର ସ୍ମୃତି ଚାରଣ ନିମନ୍ତେ ଏକ ସେମିନାରର ଆୟୋଜନ କରାଯାଇ ଥାଏ । ଚଳିତ ବର୍ଷର ବିଷୟ ଓଡିଶାରେ ଅଗଷ୍ଟ କ୍ରାନ୍ତିର କେତୋଟି ଦିଗ ଉପରେ ଡ. ଅଭୟ କୁମାର ବେହେରା, ଅବସର ପ୍ରାପ୍ତ ପ୍ରାଧ୍ୟାପକ, ରେଭେନ୍ସା ବିଶ୍ୱବିଦ୍ୟାଳୟ ନିଜର ବକ୍ତବ୍ୟ ଉପସ୍ଥାପନ କରିଥିଲେ । ଏହି ଅବସରରେ ଉନ୍ମୋଚିତ ପୁସ୍ତକଟିର ସମ୍ପାଦକ ମଣ୍ଡଳୀର ସଦସ୍ୟ ଶ୍ରୀ ମହୀମୋହ ତ୍ରିପାଠୀ ଏବଂ ଡ. ପିତାବାସ ରାଉତରାଏଙ୍କୁ ସମ୍ମାନିତ କରାଯାଇଥିଲା ଏବଂ ଅନ୍ୟତମ ସମ୍ପାଦକ ସ୍ୱର୍ଗତ ପଦ୍ମଶ୍ରୀ ରଜତ କରଙ୍କ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇ ଥିଲା। ସମ୍ମାନନୀୟ ଅତିଥି ଭାବରେ ଯୋଗ ଦାନ କରିଥିଲେ ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ। ସମ୍ମାନରେ ସ୍ୱାଗତ ଭାଷଣ ଦେଇଥିଲେ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ । ମୁଖ୍ୟ ବକ୍ତା ଭାବେ ଯୋଗ ଦେଇ ରେଭେନ୍ସା ମହାବିଦ୍ୟାଳୟର ଅବସର ପ୍ରାପ୍ତ ପ୍ରାଧ୍ୟାପକ ଅଭୟ କୁମାର ବେହେରା ଓଡ଼ିଶାରେ ଅଗଷ୍ଟ କ୍ରାନ୍ତିର କେତୋଟି ଦିଗ ବିଷୟରେ ଆଲୋକ ପାତ କରିଥିଲେ । ସେ କହିଥିଲେ ଯେ ଭାରତର ସ୍ୱାଧୀନତା ସଂଗ୍ରାମର ଶେଷ ପର୍ବ ହିଁ ଅଗଷ୍ଟ କ୍ରାନ୍ତି । ବିହାରର ଚମ୍ପାରନ ଠାରେ ୧୯୧୭ ମସିହାରେ ଆରମ୍ଭ ହୋଇଥିବା ସଂଗ୍ରାମ ୧୯୪୨ ମସିହାରେ ବମ୍ବେର ଗୋୱାଲିଆ ଟ୍ୟାଙ୍କ ମୈଦାନରେ ଅଗଷ୍ଟ କ୍ରାନ୍ତି ଭାବରେ ଶେଷ ଯୁଦ୍ଧର ସୂତ୍ରପାତ ହୋଇଥିଲା । ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିବା ଦୀର୍ଘ ୨୫ ବର୍ଷର ସଂଗ୍ରାମ ବିଭିନ୍ନ ପର୍ଯ୍ୟାୟ ଦେଇ ଗତି କରିଛି । କେବେ ସଂଗ୍ରାମୀମାନେ ହାରି ଛନ୍ତି; କେତେଥର ବିବଶ ହୋଇଛନ୍ତି; କିନ୍ତୁ ବିଜୟର ଆଶା ଓ ବିଶ୍ୱାସ ନେତୃତ୍ୱରେ ବିଶ୍ୱାସ ହରାଇ ନ ଥିବା ସଂଗ୍ରାମୀମାନେ ଭାରତବର୍ଷକୁ ବିଜୟ ମୁକୁଟ ପିନ୍ଧାଇଛନ୍ତି । ସ୍ୱରାଜ ନିମନ୍ତେ ବନ୍ଧୁକର ଗୁଳି ଆଗରେ ଛାତିଭିଡ଼ି ଠିଆ ହୋଇଥିବା ସଂଗ୍ରାମୀମାନେ ଚିର ବନ୍ଦନୀୟ । ଏବେ ସମୟ ଆସିଛି, ଅଗଷ୍ଟ କ୍ରାନ୍ତି ରୂପକ ମହାସ୍ରୋତର ମଙ୍ଗୁଆଳଙ୍କ ସମ୍ପର୍କରେ ଆଲେଖ୍ୟ ପ୍ରସ୍ତୁତ ନକରି ମହାସ୍ରୋତକୁ ପ୍ରବାହମାନ କରିଥିବା ସାମାନ୍ୟ ଜଳଧାର ଉପରେ ଧାଡ଼ିଟିଏ ଲେଖିଲେ ସେମାନଙ୍କ ପ୍ରତି ଆମେ ଯଥା ମାନ୍ୟ ପ୍ରଦର୍ଶନ କରିପାରିବା ।

ସମ୍ମାନନୀୟ ଅତିଥି ବିଭାଗୀୟ ସ୍ୱତନ୍ତ୍ର ଶାସନ ସଚିବ ଦେବ ପ୍ରସାଦ ଦାଶ ଓଡ଼ିଶା ଏବଂ ଭାରତ ଛାଡ଼ ଆନ୍ଦୋଳନ କିପରି ଦେଶ ସ୍ୱାଧୀନ ହେବାରେ ପ୍ରମୁଖ ଭୂମିକା ନିର୍ବାହ କରିଥିଲା ସେ ବିଷୟରେ ପ୍ରତିପାଦନ କରିଥିଲେ । ମହୀ ମୋହନ ତ୍ରିପାଠୀ ଏବଂ ଡ.ପୀତବାସ ରାଉତରାୟ- ଉତ୍କଳୀୟ ସଂସ୍କୃତି ଏବଂ ଶ୍ରୀଜଗନ୍ନାଥ ଓ ଶ୍ରୀମନ୍ଦିର ପ୍ରସଙ୍ଗରେ ଉତ୍କଳ ଦୀପିକାର ଭୂମିକା ଏବଂ ଉନ୍ମୋଚିତ ପୁସ୍ତକର ଗୁରୁତ୍ୱ ବିଷୟରେ କହିଥିଲେ ।

## ପାର୍ବଣରେ ଭିଡ଼ ହ୍ରାସ ପାଇଁ ରେଳବାଇର ସ୍ୱତନ୍ତ୍ର ଯୋଜନା

ନୂଆଦିଲ୍ଲୀ, ୧୦/୦୮ (ନି.ପ୍ର): ଭିଡ଼ ଏଡାଇବା, ଅସୁବିଧାମୁକ୍ତ ବୁକିଂ ଏବଂ ଯାତ୍ରୀଙ୍କ ସୁବିଧା ସୁନିଶ୍ଚିତ କରିବା ପାଇଁ ଭାରତୀୟ ରେଳବାଇ ନିରନ୍ତର ପ୍ରୟାସ କରୁଛି। ପାର୍ବଣ ଋତୁରେ ଭିଡ଼ ହ୍ରାସ କରିବା ଏବଂ ସ୍ୱତନ୍ତ୍ର ଟ୍ରେନ୍ ସମେତ ସମସ୍ତ ଟ୍ରେନ୍ ର ଉଭୟ ପାର୍ଶ୍ୱର ବ୍ୟବହାର ସୁନିଶ୍ଚିତ କରିବା ପାଇଁ ରାଉଣ୍ଡ ଟ୍ରିପ୍ ପ୍ୟାକେଜ୍ ନାମକ ଏକ ପରୀକ୍ଷାମୂଳକ ରିହାତି ଭଡ଼ା ଯୋଜନା ଆରମ୍ଭ କରିବାକୁ ନିଷ୍ପତ୍ତି ନିଆଯାଇଛି।

ଏହି ଯୋଜନା ସେହି ଯାତ୍ରୀମାନଙ୍କ ପାଇଁ ପ୍ରଯୁଜ୍ୟ ହେବ ଯେଉଁମାନେ ନିମ୍ନରେ ଦିଆଯାଇଥିବା ନିର୍ଦ୍ଧାରିତ ଅବଧି ମଧ୍ୟରେ ସେମାନଙ୍କର ଫେରନ୍ତା ଯାତ୍ରାକୁ ବାଛିବେ: ଏହି ରିହାତି କେବଳ ସେତେବେଳେ ଲାଗୁ ହେବ ଯେତେବେଳେ ଫେରନ୍ତା (ଉଭୟ ପାର୍ଶ୍ୱ) ଟିକେଟ୍ ସମାନ ଯାତ୍ରୀଙ୍କ ନାମରେ ବୁକ୍ କରାଯାଇଥିବ। ଯାତ୍ରୀଙ୍କ ଫେରନ୍ତା ଯାତ୍ରା ବିବରଣୀ ମୂଳ ଯାତ୍ରା ପରି ସମାନ ହେବ। ଏଆରପି ତାରିଖ ୧୩ ଅକ୍ଟୋବର ୨୦୨୫ ପାଇଁ ୧୪ ଅଗଷ୍ଟ ୨୦୨୫ରୁ ବୁକିଂ ଆରମ୍ଭ ହେବ। ପ୍ରଥମେ, ୧୩ ଅକ୍ଟୋବର ୨୦୨୫ ରୁ ୨୬ ଅକ୍ଟୋବର ୨୦୨୫ ମଧ୍ୟରେ ଯାତ୍ରା ପାଇଁ ବାହ୍ୟଗାମୀ (ଅନୱାର୍ଡ) ଟିକେଟ ବୁକ୍ କରିବାକୁ ପଡିବ ଏବଂ ତା'ପରେ ସଂଯୋଗକାରୀ ଯାତ୍ରା ସୁବିଧା ବ୍ୟବହାର କରି ଯାତ୍ରା ବୈଶିଷ୍ଟ୍ୟ ବ୍ୟବହାର କରି ୧୭ ନଭେମ୍ବର ରୁ ୧ ଡିସେମ୍ବର ୨୦୨୫ ମଧ୍ୟରେ ଯାତ୍ରା ପାଇଁ ଫେରନ୍ତା ଟିକେଟ ବୁକ୍ କରାଯାଇପାରିବ। ଫେରନ୍ତା ଯାତ୍ରା ପାଇଁ ଆଗୁଆ ସଂରକ୍ଷଣ ଅବଧି ପ୍ରଯୁଜ୍ୟ ହେବ ନାହିଁ। ଉପରୋକ୍ତ ବୁକିଂ କେବଳ ଉଭୟ ପାର୍ଶ୍ୱର ନିଶ୍ଚିତ ଟିକେଟ ପାଇଁ ବୈଧ ହେବ। କେବଳ ଫେରନ୍ତା ଯାତ୍ରାର ମୂଳ ଭଡ଼ାରେ ମୋଟ ୨୦% ରିହାତି ଅନୁମତି ଦିଆଯିବ। ଏହି ଯୋଜନା ଅନୁଯାୟୀ ସଂରକ୍ଷଣ ବାହ୍ୟଗାମୀ ଏବଂ ପ୍ରତ୍ୟାବର୍ତ୍ତନ ଯାତ୍ରାରେ ସମାନ ଶ୍ରେଣୀ ଏବଂ ସମାନ ଓ-ଡି ଯୋଡ଼ି ପାଇଁ ହେବ। ଏହି ଯୋଜନା ଅଧୀନରେ ବୁକ୍ ହୋଇଥିବା ଟିକେଟ ପାଇଁ କୌଣସି ଭଡ଼ା ଫେରସ୍ତ ଦିଆଯିବ ନାହିଁ। ଯୋଜନା ସମସ୍ତ ଶ୍ରେଣୀ ଏବଂ ସମସ୍ତ ଟ୍ରେନରେ ବୈଧ ହେବ ଯେଉଁଥିରେ ବିଶେଷ ଟ୍ରେନ (ଚାହିଦା ଅନୁଯାୟୀ ଟ୍ରେନ) ଫ୍ଲେକ୍ସି ଭଡ଼ା ଟ୍ରେନ ବ୍ୟତୀତ। କୌଣସି ଯାତ୍ରା ପାଇଁ ଏହି ଟିକେଟରେ କୌଣସି ପରିବର୍ତ୍ତନ କରାଯିବ ନାହିଁ। ରିହାତି ଭଡ଼ାରେ ଫେରନ୍ତା ଯାତ୍ରା ବୁକିଂ ସମୟରେ କୌଣସି ରିହାତି, ରେଳ ଯାତ୍ରା କୁପନ୍, ଭାଉଚର ଆଧାରିତ ବୁକିଂ, ପାସ୍ କିମ୍ବା ପିଟିଓ ଇତ୍ୟାଦି ଗ୍ରହଣୀୟ ହେବ ନାହିଁ। ଉଭୟ ବାହ୍ୟଗାମୀ ଏବଂ ଫେରନ୍ତା ଯାତ୍ରା ଟିକେଟ୍ ସମାନ ମୋଡ୍ ମାଧ୍ୟମରେ ବୁକ୍ କରାଯିବା ଆବଶ୍ୟକ: ଯେପରିକି ଇଂଟରନେଟ୍ (ଅନଲାଇନ୍) ବୁକିଂ, କିମ୍ବା ରିଜର୍ଭେସନ କାର୍ଯ୍ୟାଳୟରେ କାଉଂଟର ବୁକିଂ ।

ଯଦି ଏହି ପିଏନଆର ପାଇଁ ଚାର୍ଟିଂ ସମୟରେ କୌଣସି ଅତିରିକ୍ତ ଭଡ଼ା ଆଦାୟ କରାଯାଏ, ତେବେ କୌଣସି ଶୁଳ୍କ ନିଆଯିବ ନାହିଁ।

## ବିଶ୍ୱ ଆଦିବାସୀ ଦିବସ ପାଳିତ

ଜୟପୁର, ୧୦/୦୮ (ନି.ପ୍ର): ଆଦିବାସୀ ସଂଘ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଆଜି ସକାଳୁ ୧୪ଟି ବ୍ଲକର ସମସ୍ତ ଆଦିବାସୀ ସମାଜର ସମସ୍ତ କର୍ମକର୍ତ୍ତା ସ୍ଥାନୀୟ ସୂର୍ଯ୍ୟମହଲରୁ ଏକ ଶୋଭାଯାତ୍ରାରେ ବାହାରି ଜୟପୁର ମୁଖ୍ୟ ରାସ୍ତାଦେଇ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଁଚିଥିଲେ। ସମସ୍ତ କର୍ମକର୍ତ୍ତା ମାନେ ଆଦିବାସୀ ପରମ୍ପରା ପୋଷାକ ପିନ୍ଧି ବାଜା, ନାଚ ଗୀତ ସହିତ ଶୋଭାଯାତ୍ରାରେ ଉପସ୍ଥିତ ଥିଲେ। ଏହି ଅବସରରେ ଉପଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଉକ୍ତ ଦାବିପତ୍ରରେ କୋରାପୁଟ ଜିଲ୍ଲା ଭିତିକ ନିଯୁକ୍ତି ପ୍ରଣାଳି, ବିଶ୍ୱ ଆଦିବାସୀ ଦିବସରେ ରାଜ୍ୟ ସ୍ତରରେ ସରକାରୀ ଛୁଟି, ଚଇତି ପରବ ପାଇଁ ସରକାରୀ ଛୁଟି, କେବିକେ କୁ ଅନ୍ୟ ଏକ ରାଜ୍ୟ ରୁପେ ଘୋଷଣା କରିବା, ଜାତି ଭିତିକ ଭାଷା ମାଧ୍ୟମରେ ଶିକ୍ଷକ ନିଯୁକ୍ତି, ଆଦିବାସୀ ଜମିକୁ ସରକାରୀ ବ୍ୟାଙ୍କ ବନ୍ଧକରେ ରଖି ଲୋନ ପ୍ରଦାନ, ଆଦିବାସୀ ସମାଜ ସ୍ୱୀକୃତି ଅନୁଯାୟୀ ଜାତି ପ୍ରମାଣପତ୍ର, ନକଲି ଆଦିବାସୀଙ୍କୁ ଯଥାଶିଘ୍ର ଚିହ୍ନଟ କରି କାର୍ଯ୍ୟାନୁଷ୍ଠାନ, ଆଟିଡିଏ କାର୍ଯ୍ୟାଳୟରେ ସମସ୍ତ ଯୋଜନାରେ ଆଦିବାସୀଙ୍କୁ ସଭାପତି କରିବା, ଆଟିଡିଏ କାଯ୍ୟରେ ଅଦିବାସୀ ସମୁଦାୟର ପ୍ରଧନ୍ୟ, ସମସ୍ତ ପଦବୀରେ ଏସଟି ନିଯୁକ୍ତି ପ୍ରଦାନ କରିବା ପାଇଁ ଦାବି ପତ୍ରରେ ଉଲ୍ଲେଖ କରିଥିଲେ।

## ପରମାଣପୁରରେ ଗଙ୍ଗାଧର ମେହେର ଜୟନ୍ତୀ ପାଳିତ

ସମ୍ବଲପୁର, ୧୦/୦୮ (ନି.ପ୍ର): ସମ୍ବଲପୁର ଜିଲ୍ଲା ମାନେଶ୍ୱର ବ୍ଲକ୍ ପରମାଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ ସଭାକକ୍ଷରେ ର୍ନିମାଏଲ୍ ସାହିତ୍ୟ ସଂସଦ ଓ ପରମାଣପୁର ସରକାରୀ ଉଚ୍ଚ ବିଦ୍ୟାଳୟ ର ମିଳିତ ଆନୁକୁଲ୍ୟରେ ସୁନାମ ଧନ୍ୟ ସାହିତିକ ତଥା ସ୍ୱଭାବ କବି ଗଂଗାଧର ମେର୍ହେଙ୍କ ୧୬୪ ତମ ଜନ୍ମ ଜୟନ୍ତୀ ପାଳନ କରାଯାଇଅଛି । ଏହି କାର୍ଯ୍ୟକ୍ରମ ରେ ବର୍ଷିଆନ୍ ଲେଖକ ଶ୍ରୀ ବିଭୁତି ଭୁଷଣ ନାଥ ମୁଖ୍ୟ ଅତିଥି ଭାବରେ ଯୋଗଦେଇଥିବା ବେଳେ ମୁଖ୍ୟ ବକ୍ତା ଭାବରେ ଡ଼ ଝାସକେତନ ସାହୁ ମହାବିଦ୍ୟାଳୟର ଅଧ୍ୟାପକ ଶ୍ରୀ ସୋଭନ୍ ବେହେରା ଓ ସମ୍ମାନିତ ଅତିଥି ଭାବରେ ଶ୍ରୀ କୈଳାସ ଚନ୍ଦ୍ର ବାରିକ ମଂଚାସିନ ଥିଲେ । ର୍ନିମାଏଲ୍ ସାହିତ୍ୟ ସଂସଦ ର ସଭାପତି ଶ୍ରୀ କାହ୍ନୁଚରଣ ନାଥ ଙ୍କ ସଭାପତିତ୍ୱ ରେ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା । ପ୍ରଥମେ ସମସ୍ତେ ଶ୍ରୀ ମେହେର ଙ୍କ ପଟ୍ଟଚିତ୍ର ଉପରେ ମାଲ୍ୟାର୍ପଣକରି ଦୀପ ପ୍ରଜ୍ୱଳନ କରିଥିଲେ ତାପରେ ତାଙ୍କ ସ୍ତୁତି ଚାଳନା କରିଥିଲେ । ଶ୍ରୀ ତ୍ରିଲୋଚନ ସାହୁ,ପଦ୍ମନାଭ ନାଥ ସୁରେଶ ଚନ୍ଦ୍ର ନାଥ,ବୁଦ୍ଧଦେବ ବେହେରା,ରାସବିହାରୀ ନାଥ ଲଳିତ ମୋହନ ପଧାନ,ଗଜରାଜ ସୋହେଲା ରାଜଲକ୍ଷ୍ମୀ ମିଶ୍ର,ନିରୁପମା ନାଥ ଶ୍ରୀ ମେହେର ,ଙ୍କ ଜୀବନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସୁବ୍ରତ ମିଶ୍ର ଯାନ୍ତ୍ରିକ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ର ଛାତ୍ର ଛାତ୍ରୀ ,ଓ ବହୁ ସହିତ୍ୟ ପ୍ରେମୀ ଯୋଗଦେଇ ଥିଲେ ।ଶେଷରେ ସଂପାଦକ ପ୍ରଦ୍ୟୁମ୍ନ ବିଶି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଯୁବ କଂଗ୍ରେସ ତରଫରୁ ୬୫ତମ ଭାରତୀୟ ଯୁବ କଂଗ୍ରେସ ପ୍ରତିଷ୍ଠା ଦିବସ ପାଳିତ

କେନ୍ଦୁଝର, ୧୦/୦୮ (ନି.ପ୍ର): ଦେଶରେ ଯୁବକ ଓ ଛାତ୍ର ମାନଙ୍କୁ ମୁଖ୍ୟସୌତ୍ରରେ ସାମିଲ କରିବା ଏବଂ ନିଜେ ନିଜ ଅଧିକାର ବିଷୟରେ ଅବଗତ ପାଇଁ ପୁରାତନ ରାଜନୈତିକ କଂଗ୍ରେସ ଦଳ ପକ୍ଷରୁ ୧୯୬୦ ମସିହାରେ ଭାରତୀୟ ଯୁବ କଂଗ୍ରେସ ନାମରେ ଏକ ସ୍ୱତନ୍ତ୍ର ଯୁବ ସଂଗଠନ ଗଠନ କରିଥିଲେ । ଆଜି ସ୍ଥାନୀୟ ଯୁବ କଂଗ୍ରେସ କାର୍ଯ୍ୟାଳୟ ଠାରେ କେନ୍ଦୁଝର ଜିଲ୍ଲା ଯୁବ କଂଗ୍ରେସ ସଭାପତି ସୁନେଶ ଧୀରଙ୍କ ଅଧ୍ୟକ୍ଷତାରେ ୬୫ତମ ଭାରତୀୟ ଯୁବ କଂଗ୍ରେସ ପ୍ରତିଷ୍ଠା ଦିବସ ଏବଂ କ୍ରାନ୍ତି ଦିବସ ପାଳିତ ହୋଇଯାଇଛି । ପ୍ରଥମେ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଫୋଟ ଚିତ୍ରରେ ସମସ୍ତେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ରାଜ୍ୟ କଂଗ୍ରେସ ସମ୍ପାଦକ ସଂଗ୍ରାମ ଦାସ ଯୋଗଦେଇ ପତାକା ଉତୋଳନ କରିଥିଲେ ଏବଂ ଯୁବ କଂଗ୍ରେସ ଆଭିମୁଖ୍ୟ ବିଷୟରେ କହିଥିଲେ । ଏଥିରେ ପୂର୍ବତନ କଂଗ୍ରେସ ସାଂସଦ ପ୍ରାର୍ଥୀ ଇଂ ବିନୋଦ ବିହାରୀ ନାଏକ, ଜିଲ୍ଲା ଛାତ୍ର କଂଗ୍ରେସ ସଭାପତି ଶୁଭମ ରାଜ, କେନ୍ଦୁଝର ସଦର ନିର୍ବାଚନମଣ୍ଡଳୀ ଯୁବ କଂଗ୍ରେସ ସଭାପତି ସୌମ୍ୟରଞ୍ଜନ ରାଉତ, ବରିଷ୍ଟ କଂଗ୍ରେସ ନେତା ରତ୍ନାକର ଜେନା, ଯୁବ କଂଗ୍ରେସ ନେତା ସଞ୍ଜୟ କୁମାର ନାଏକ, ଆନନ୍ଦ ମାଝୀ, ଅଭିନାଶ ଓଝା, ସରୋଜ ମହାନା, ଅମିତ କୁମାର ରାଉତ, ମାନସ ବେହେରା, ସଂଗ୍ରାମ ବେହେରା, ରଂଜିତ ଜେନା, ବାବୁନ ରାଉତ, ପାପୁଲି ବେହେରା, ଅମନ ବେହେରା, ନୀଳମଣି ପ୍ରଧାନ, ଶୁଭେନ୍ଦୁ ସେଠି, ପରମେଶ୍ୱର ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

## ଲୋକାର୍ପିତ ହେଲା 'ବ୍ରେନସ୍ ଆଇକନିକ୍ ଟ୍ରଷ୍ଟ'

ଭୁବନେଶ୍ୱର, ୧୦/୦୮ (ନି.ପ୍ର): ରାଜ୍ୟରେ ମହିଳା, ଛାତ୍ର ଓ ଶାରିରୀକ ଭିନ୍ନକ୍ଷମଙ୍କୁ ସାମାଜିକ ଓ ଆର୍ଥିକସ୍ତରରେ ସ୍ୱାବଲମ୍ବୀ ଓ ଆତ୍ମନିର୍ଭରଶୀଳ କରିବା ପାଇଁ ରାଜ୍ୟବ୍ୟାପୀ କାର୍ଯ୍ୟକରିବ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ବ୍ରେନସ୍ ଆଇକନିକ୍ ଚାରିଟେବୁଲ୍ ଟ୍ରଷ୍ଟ । ଏ ନେଇ ଆଜି ଗୀତଗୋବିନ୍ଦ ସଦନ ଠାରେ ଆନୁଷ୍ଠାନିକ ଭାବେ ଟ୍ରଷ୍ଟର ଲୋଗୋ ଓ ଆଗାମୀ ଦିନର କାର୍ଯ୍ୟପନ୍ଥା ନେଇ ରୋଡମ୍ୟାପ୍ ଲୋକାର୍ପିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ଇଂ ଅଶୋକ କୁମାର ଭୂୟାଁଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ପ୍ରଫେସର ଡାଃ ଅଶୋକ ମହାପାତ୍ର ଯୋଗଦେଇ କହିଥିଲେ ଯେ, ରାଜ୍ୟରେ ଆଦିବାସୀ ଅଂଚଳରେ ରହୁଥିବା ଭିନ୍ନକ୍ଷମଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ଟ୍ରଷ୍ଟ ଗ୍ରହଣ କରିଥିବା ମହତ୍ୱାକାଂକ୍ଷା ଏକ ନିଶ୍ଚିତ ରୂପେ ସ୍ୱାଗତଯୋଗ୍ୟ ପ୍ରୟାସ। ଏଥିପାଇଁ ସମାଜର ସବୁ ବର୍ଗର ଲୋକ ଆଗକୁ ଆସିଲେ ଏହା ସୁଦୂରପ୍ରସାରି ଓ ସଫଳ ହେବ। ଆହୁରିମଧ ମହିଳାଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ପ୍ରଥମେ ତାଙ୍କ ଭିତରେ ଥିବା ଅନ୍ତର୍ନିହିତ ଦକ୍ଷତାକୁ ଚିହ୍ନଟ ଓ ବିକାଶ କରିପାରିଲେ ନିଃସନ୍ଦେହରେ ମହିଳାମାନେ ଆତ୍ମନିର୍ଭରଶୀଳ ଓ ସ୍ୱାବଲମ୍ବୀ ହୋଇପାରିବେ ବୋଲି ପଦ୍ମଶ୍ରୀ ମହାପାତ୍ର କହିଥିଲେ। ଉତ୍ସବରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଶିକ୍ଷାବିତ ତଥା ଫକିରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ଯୋଗଦେଇ କହିଥିଲେ ଯେ ସମାଜରେ ଶିକ୍ଷା ଓ ଦକ୍ଷତାକୁ ମିଶାଇକରି ଯଦିମାନବସମ୍ବଳର ସଠିକ୍ ଭାବେ ସଦୁପଯୋଗ କରିପାରିବା ତେବେ ସକ୍ଷମ ଓ ଭିନ୍ନକ୍ଷମ ଭିତରେ ଦୂରତା ରହିବ ନାହିଁ। ସମାଜସେବାକୁ ସ୍ଲୋଗାନରେ ନରଖି ପ୍ରତ୍ୟେକ ବ୍ୟକ୍ତି ଏହାକୁ ଜୀବନର ଅଭିନ୍ନ ଅଙ୍ଗ ଭାବେ ଗ୍ରହଣ କରିବାକୁ ସେ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଡା. ବୈରାଗୀ ଚରଣ ପଟ୍ଟନାୟକ ଯୋଗଦେଇ ରାଜ୍ୟର କୋରାପୁଟ, କନ୍ଧମାଳ, ବୌଦ୍ଧ, କେଉଁଝର ଏବଂ ଭଦ୍ରକ ଜିଲ୍ଲାରେ ପାଇଲଟ୍ ପ୍ରୋଜେକ୍ଟ୍ ଭାବେ ଟ୍ରଷ୍ଟ ତା କାମ ଆରମ୍ଭ କରିବ ବୋଲି ସେ ସୂଚନା ଦେଇଛନ୍ତି। ଉତ୍ସବରେ ଅନ୍ୟତମ ସମ୍ମାନୀତ ଅତିଥି ଭାବେ ବରିଷ୍ଟ ପ୍ରଶାସକ ଡ ଗଣେଶ୍ୱର ଜେନା ଯୋଗଦେଇ ଟ୍ରଷ୍ଟର ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିବା ସହିତ ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ କହିଥିଲେ। ଉତ୍ସବରେ ମୁଖ୍ୟ ଉପଦେଷ୍ଟା ଡ. ଗିରୀଶ ରଞ୍ଜନ ସାହୁ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ଶେଷରେ ଅନୁଷ୍ଠାନର ସଭାପତି ଧନ୍ୟବାଦ ଅର୍ପଣ କରିଥିଲେ ଡକ୍ଟର ବିଜୟ କୁମାର ଜେନା। କାର୍ଯ୍ୟକ୍ରମରେ ସମାଜସେବାରେ ଖ୍ୟାତି ଅର୍ଜନ କରିଥିବା ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ବିଭିନ୍ନ କ୍ଷେତ୍ରରେ ଶ୍ରୀ ଗଙ୍ଗାଧର ସାହୁ, ଶ୍ରୀ ଶୁଭ୍ରାଂଶୁ ଶେଖର ପଣ୍ଡା, ଶ୍ରୀ ସ୍ମୃତିରଞ୍ଜନ ମୁଦୁଲି, ଶ୍ରୀ ସତ୍ୟବ୍ରତ ମିଶ୍ର ଓ ଶିକ୍ଷା କ୍ଷେତ୍ରରେ ବିପ୍ଳବ ସୃଷ୍ଟି କରିଥିବା ଅନୁଷ୍ଠାନ ଭିବ୍‌ଗିଓର କ୍ଲାସେସ ନିଜର ସମ୍ମାନପତ୍ର ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ବହୁସଂଖ୍ୟାରେ ଲୋକ ଯୋଗ ଦେଇ ଉତ୍ସବକୁ ସଫଳ କରାଇଥିଲେ। ଏଭଳି ଏକ ଉଦ୍ୟମ ପାଇଁ ଅନୁଷ୍ଠାନର ସମ୍ପାଦକ ଶ୍ରୀଯୁକ୍ତ ଅଶୋକ କୁମାର ଭୂୟାଁଙ୍କୁ ସମସ୍ତେ ସାଧୁବାଦ ଜଣାଇଥିଲେ।

## ଓଡ଼ିଶା ରେଡ଼କ୍ରସ୍ ରାଜ୍ୟ ଶାଖା ଆନୁକୁଲ୍ୟରେ କନ୍ଧମାଳ ଜିଲ୍ଲାର ଯୁବ ରେଡ଼କ୍ରସ୍‌ର କାର୍ଯ୍ୟକାରିଣୀ ବୈଠକ

କନ୍ଧମାଳ , ୧୦/୦୮ (ନି.ପ୍ର): ଫୁଲବାଣୀର ସରକାରୀ ସ୍ୱୟଂଶାସିତ ମହାବିଦ୍ୟାଳୟରେ କନ୍ଧମାଳ ଜିଲ୍ଲାର ଯୁବ ରେଡ଼କ୍ରସ୍ ର କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ରେଡ଼କ୍ରସ୍ ରାଜ୍ୟ ଶାଖା ଆନୁକୁଲ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମହାବିଦ୍ୟାଳୟର ଅଧକ୍ଷ ତଥା ଜିଲ୍ଲା ଯୁବ ରେଡକ୍ରସ୍ ର ସଭାପତି ଡ଼. ସୁବାସ ଚନ୍ଦ୍ର ପ୍ରଧାନଙ୍କ ପୌରହିତ୍ୟରେ ଏହି ବୈଠକ ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରମେଶ ଚନ୍ଦ୍ର ଜେନା ସମ୍ମାନିତ ଅତିଥି ଏବଂ ପୂର୍ବତନ ଜିଲ୍ଲା ସଂଯୋଜକ ଶ୍ରୀ ସୁକାନ୍ତ କୁମାର ବେହେରା ଅତିଥି ଭାବେ ଯୋଗଦେଇଥିଲେ। ସମସ୍ତ ମଂଚାସିନ ଅତିଥି ଶ୍ରୀ ଜଗନ୍ନାଥଙ୍କ ପାଖରେ ପ୍ରଦୀପ ପ୍ରଜ୍ୱଳନ କରିବା ସହ ରେଡକ୍ରସ୍ ର ଜନ୍ମଦାତା ସାର ହେନରୀ ଦୁନାଂଟ ଙ୍କ ଫଟୋରେ ପୁଷ୍ପ ମାଲ୍ୟ ଅର୍ପଣ କରି ସଭା ଆରମ୍ଭ କରିଥିଲେ। ଜିଲ୍ଲା ର ଯୁବ ରେଡ଼କ୍ରସ୍ କନଭେନୋର୍-ସେକ୍ରେଟାରୀ ତଥା ସହକାରୀ ପ୍ରଫେସର ଡ. ଅଭିପ୍ସା ବଳ ଅତିଥି ପରିଚୟ ଦେବା ସହ ସ୍ୱାଗତ ଅଭିଭାଷଣ ଉପସ୍ଥାପନ କରିଥିଲେ। ଏହି କାର୍ଯ୍ୟକ୍ରମର ସମ୍ମାନିତ ଅତିଥି ଶ୍ରୀ ଜେନା ଉପସ୍ଥିତ ବୁଦ୍ଧିଜୀବୀ ମାନଙ୍କୁ ସମାଜସେବାରେ ରେଡକ୍ରସ୍ ର ଭୂମିକା ଉପରେ ଏକ କବିତା ମାଧ୍ୟମରେ ଉଦବୋଧନ କରିଥିଲେ। ଶ୍ରୀ ବେହେରା ଏହି ବୈଠକ ରେ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାର ଯୁବ ରେଡ଼କ୍ରସ୍ ଶାଖା କୁ କିପରି ତ୍ୱରାନିତ କରାଯାଇପାରିବ, ଏହା ଉପରେ ଗୁରୁତ୍ୱାରୋପ କରିଥିଲେ। ସଭାପତି ଡ. ପ୍ରଧାନ କାର୍ଯ୍ୟକ୍ରମରେ ଉପସ୍ଥିତ ସମସ୍ତ ଅଧକ୍ଷ ଏବଂ ଯୁବ ରେଡକ୍ରସ୍ କାଉନସିଲର ମାନଙ୍କୁ ନିଷ୍ଠାପର ଭାବେ ସମାଜ ସେବା ଏବଂ ରେଡକ୍ରସ୍ ର ୭ଟି ସମୂଳ ତତ୍ତ୍ୱ ଉପରେ ସଚେତନ କରାଇଥିଲେ। ଉକ୍ତ ବୈଠକରେ ଜିଲ୍ଲାର ସମସ୍ତ ବିଦ୍ୟାଳୟ ରେ ଯୁବ ରେଡ଼କ୍ରସ୍ ର କାର୍ଯ୍ୟକାରିତା ଉପରେ ସମୀକ୍ଷା କରିବା ସହ କିପରି ଭାବେ ନୂତନ ରେଡ଼କ୍ରସ୍ ୟୁନିଟ୍ ସକ୍ରିୟ କରିବାକୁ ହେବ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମସ୍ତ ଉପସ୍ଥିତ କାଉନସିଲର ମାନେ ୨୦୨୫-୨୬ ବର୍ଷ ନିମନ୍ତେ କାର୍ଯ୍ୟସୂଚୀ ଉପସ୍ଥାପନ କରିଥିଲେ। ରେଡକ୍ରସ୍ କୋର୍ଡିନେଟର ଡ. ବିଭୂତି ଭୂଷଣ ଆଚାର୍ଯ୍ୟ ପରିଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ୩୧ ବିଦ୍ୟାଳୟ ରୁ ଅଧକ୍ଷ ଏବଂ କାଉନସିଲର ମାନେ ଉପସ୍ଥିତ ଥିଲେ।

## ବିଶ୍ୱ ଆଦିବାସୀ ଦିବସ ପାଳନ

ବଲାଙ୍ଗିର, ୧୦/୦୮ (ନି.ପ୍ର): ସ୍ଥାନୀୟ ଗୋଁଣ୍ଡୱାନା ଭବନ ଠାରେ ବିଶ୍ୱ ଆଦିବାସୀ ଦିବସ ପୌରାଂଚଳ ଆଦିବାସୀ ସମାଜ, ଅଖିଳ ଭାରାତୀୟ ଗୋଁଣ୍ଡୱାନା ଗୋଁଣ୍ଡମହାସଭା, ଆଦିବାସୀ କଲ୍ୟାଣ ସଂଘ, ଆଦିବାସୀ କର୍ମଚାରୀ ସଂଘ ମିଳିତ ଆନୁକୁଲ୍ୟରେ ବିଶ୍ୱ ଆଦିବାସୀ ଦିବସ ମହା ସମାରୋହରେ ପାଳିତ ହୋଇଯାଇଛି । ପ୍ରାରମ୍ଭରେ ପ୍ରକୃତି ଶକ୍ତି ପୂର୍ବପୁରୁଷଙ୍କୁ ପୂଜା ସେବା ପରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ଦହିତ ଭୋଇଙ୍କ ସଭାପତିତ୍ୱରେ ଉକ୍ତ ସଭାରେ ମୁଖ୍ୟ ଅତିଥି ଭାବେ ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ ସମନ୍ୱୟ ପରିଷଦର ଜିଲ୍ଲା ସଭାପତି ମୀନକେତନ ମାଝୀ, ମୁଖ୍ୟବକ୍ତା ଅଧ୍ୟାପକ ମଦନ ସିଂ ମାଝୀ, ସମ୍ମାନିତ ବକ୍ତା ଗଣେଶ ମାଝୀ, ସମ୍ମାନିତ ଅତିଥି ଭାବରେ କଳାହାଣ୍ଡି କୋଷାଧିକାରୀ ପ୍ରଦୀପ କୁମାର ମଲ୍ଲୀକ, ଦିଲ୍ଲିପ କୁମାର ଭୋଇ, ଯୋଗେଶ୍ୱର ଭୋଇ, ରୁଦ୍ରମଣି ମାଝୀ,ଶ୍ରୀକର ଧରୁଆ, ଲାଲମଣୀ ଧରୁଆ, ଧନଞ୍ଜୟ କୁମାର ରାଏ, ପୁଷ୍ପକେତନ ଭୁଏ, ସୁଭାଂଶୁ ବାଗ ସଂଗଠିତ ରହି ଆଦିବାସୀ ସଂସ୍କୃତି, ପରମ୍ପରା, ଇତିହାସ,ଭାଷାକୁ ଜାଣିବା ଓ ବନ୍ ?ଚାଇ ରଖିବା ପାଇଁ ମତ ବ୍ୟକ୍ତ କରିଥିଲେ । ବିଶ୍ୱ ଆଦିବାସୀ ଦିବସକୁ ସରକାର ଛୁଟି ଦିବସ ଘୋଷଣା କରିବା ପାଇଁ ଉପସ୍ଥିତ ସମସ୍ତେ ଦାବି କରିଥିଲେ । ସଂଯୁକ୍ତ ରାଷ୍ଟ୍ର ସଂଘ ୨୦୨୫ ବର୍ଷର ବାରତା "ଆଦିବାସୀ ଏବଂ କୃତ୍ରୀମ ବୁଦ୍ଧି- ଅଧିକାର ରକ୍ଷା କରିବା, ଭବିଷ୍ୟତ ଗଠନ କରିବା" ରଖିଛନ୍ତି । ଏହି ବାର୍ତ୍ତାର ମହତ୍ୱ ଓ ଗୁରୁତ୍ୱକୁ ଅବଗତ କରାଯାଇ ଏହାର ବିଭିନ୍ନ ଦିଗକୁ ଅଲୋଚନା କରାଯାଇଥିଲା । ସଂଯୁକ୍ତ ରାଷ୍ଟ୍ର ସଂଘ ୨୦୨୨ ରୁ ୨୦୩୨କୁ ଅର୍ନ୍ତଜାତୀୟ ଆଦିବାସୀ ଭାଷା ଦଶନ୍ଧି ଭାବରେ ଘୋଷଣା କରିଥିବାରୁ ଭାଷାର ସୁରକ୍ଷା ପାଇଁ ମତ ପ୍ରକାଶ ପାଇଥିଲା । ଶେଷରେ ନୃପ ଭୋଇ ଧନ୍ୟବାଦ ପ୍ରଦାନ କରିଥିଲେ ।

## ବରିଷ୍ଠ ଆଇନଜୀବୀ ତଥା କରଦା ହରିହାଟ ମହୋତ୍ସବ କମିଟି ସଭାପତିଙ୍କ ହୃଦଘାତରେ ମୃତ୍ୟୁ

କୋରେଇ, ୧୦/୦୮ (ନି.ପ୍ର): କୋରେଇ ବ୍ଲକ ଅନ୍ତର୍ଗତ କରଦା ପଂଚାୟତ ପଳସା (ଆମ୍ବଗଡିଆ) ଗ୍ରାମର ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ପଣ୍ଡା (ଟିପୁ ନନା)ଙ୍କ ଆଜି ମଧ୍ୟାନ୍ନରେ ଯାଜପୁର ବାସଭବନରେ ହୃଦଘାତରେ ମୃତ୍ୟୁ ଘଟିଛି । ୭୫ ବର୍ଷିୟ ଶ୍ରୀ ପଣ୍ଡାଙ୍କ ଆକସ୍ମିକ ମୃତ୍ୟୁ ଖବର ସ୍ଥାନୀୟ ଅଂଚଳକୁ ସ୍ତବ୍ଧ କରବି। ସହ ଏକ ଶୋକାକୂଳ ପରିବେଶ ସୃଷ୍ଟି କରିଥିଲା । ସ୍ୱର୍ଗତ ପଣ୍ଡା ବର୍ତମାନ ଯାଜପୁରରେ ସରକାରୀ ଓକିଲ ଭାବେ କାର୍ଯ୍ୟରତ ଥିବା ବେଳେ ପୂର୍ବତନ ଯାଜପୁର ବାର କାଉନସିଲର ସଭାପତି, ବିରଜା ମଣ୍ଡଳୀର ସଦସ୍ୟ, କରଦା ବିଦ୍ୟାଳୟର ଉପଦେଷ୍ଟା, କରଦା ଉଚ୍ଚ ବିଦ୍ୟାଳୟର ପ୍ରତିଷ୍ଠାତା ସଦସ୍ୟ, କରଦା ହରିହାଟ ମହୋତ୍ସବ କମିଟିର ସଭାପତି ଭାବେ କାର୍ଯ୍ୟ କରୁଥିଲେ । ତାଙ୍କର ମୃତ୍ୟୁ ଖବରପାଇ ତାଙ୍କ ବାସଭବନରେ ଯାଜପୁରର ରାଜନେତା, ଆଇନଜୀବୀ, ବୁଦ୍ଧିଜିବୀ ପହଂଚି ଶେଷ ଦର୍ଶନ କରିଥିଲେ । ତାଙ୍କ ମରଶରୀରକୁ ଗ୍ରାମକୁ ଅଣାଯାଇଥିବା ବେଳେ କରଦା ସ୍କୁଲ ଓ କରଦା ହରିହାଟ ମନ୍ଦିର ପାର୍ଶ୍ୱକୁ ନିଆଯାଇଥିଲା । ମହୋତ୍ସବ କମିଟି ପକ୍ଷରୁ ତାଙ୍କୁ ଶ୍ରଦ୍ଧାଂଜଳୀ ଦିଆଯାଇଥିଲା । ପରେ ରାଣିଗୋଡା ଠାରେ ବିଜେପି ମଣ୍ଡଳ ସଭାପତି ଭାସ୍କର ସାହୁ ଓ ପଂଚାୟତ ସଭାପତି କାର୍ତିକ ଚନ୍ଦ୍ର ସାହୁଙ୍କ ସମେତ ଶତାଧିକ କର୍ମୀ ଶ୍ରଦ୍ଧାଂଜଳୀ ଜ୍ଞାପନ କରିଥିଲେ । ପରେ ଏକ ଶେଭାଯାତ୍ରାରେ ଅଣାଯାଇ ଗାଁ ଶସ୍ଥାନରେ ଶେଷକୃତ ସମ୍ପନ୍ନ କରାଯାଇଥିଲା । ବଡପୁଅ ଆଇନଜୀବୀ ସନ୍ତୋଷ କୁମାର ପଣ୍ଡା ମୁଖାଗ୍ନି ଦେଇଥିଲେ। ପୁଅ, ବୋହୁ, ନାତିନାତୁଣୀ, ପରିବାରର ସମସ୍ତ ସଦସ୍ୟ, ବନ୍ଧୁବାନ୍ଧବ, ଆତ୍ମୟ ସ୍ୱଜନ ମରଶରୀର ନିକଟରେ ଉପସ୍ଥିତ ଥିଲେ। ଗ୍ରାମର ଶେଷ ଦର୍ଶନ ପାଇ ସଂଗ୍ରାମ ସାହୁ, ମାୟାଧର ସାହୁ, ଅଭିରାମ ସାହୁ, ଅରୁଣ ମହାପାତ୍ର, ଶରତ ଖଣ୍ଡାଇ, ହାଡିବନ୍ଧୁ ସାହୁ, ରମାକାନ୍ତ ବାରିକ, ଭଗବାନ ପଣ୍ଡା କାହ୍ନୁ ଚରଣ ସାହୁ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି।

## କୁଲଗାମରେ ୧୦ମ ଦିନ ପାଇଁ ଆତଙ୍କବାଦ ବିରୋଧୀ ଅଭିଯାନ ଜାରି

ଶ୍ରୀନଗର, ୧୦/୦୮: ଜମ୍ମୁ ଓ କାଶ୍ମୀରର କୁଲଗାମ ଜିଲ୍ଲାରେ ରବିବାର ଦିନ ଆତଙ୍କବାଦ ବିରୋଧୀ ଅଭିଯାନ ୧୦ମ ଦିନରେ ପହଂଚିଛି। ଜଣେ ଅଧିକାରୀ କହିଛନ୍ତି ଯେ, ଏହି ଅଭିଯାନ ଏବେ ବି ଜାରି ରହିଛି। ସୁରକ୍ଷା ବାହିନୀ ଲୁଚି ରହିଥିବା ଆତଙ୍କବାଦୀଙ୍କ ଆଡ୍ଡା ଉପରେ କବ୍ଜା କରିବାକୁ ଚେଷ୍ଟା କରୁଛି । ସେ କହିଛନ୍ତି ଯେ, ଆତଙ୍କବାଦୀମାନେ ଜଙ୍ଗଲ ଯୁଦ୍ଧରେ ଉଚ୍ଚ ତାଲିମପ୍ରାପ୍ତ ଏବଂ ଡ୍ରୋନରୁ ରକ୍ଷା ପାଇବା ପାଇଁ ଘନ ଜଙ୍ଗଲର ସୁଯୋଗ ନେଉଥିବା ଜଣାପଡ଼ିଛି।

## ଭଦ୍ରକାଳୀ ଡ଼ିଭାଇନ ଲାୟନ୍ସ କ୍ଲବର ୧୪ତମ ଅଧିଷ୍ଠାନ ଉତ୍ସବ

ଭଦ୍ରକ, ୧୦/୦୮ (ନି.ପ୍ର): ସ୍ଥାନୀୟ ସଂସ୍କୃତି ଭବନପରିସରେରେ ଭଦ୍ରକାଳୀ ଡିଭାଇନ ଲାୟନ୍ସ କ୍ଲବର ୧୪ତମ ଅଧିଷ୍ଠାନ ଉତ୍ସବ ପାଳିତ ହୋଇଛି । ଉକ୍ତ ଉତ୍ସବରେ ଲାୟନ ସନ୍ତୋଷ କୁମାର ପତି ସଭାପତି ଆସନ ଅଳଙ୍କୃତ କରିଥିଲେ । ଲାୟନ ବୈଲୋଚନ ବେହୁରିଆ ସଂପାଦକ ଓ ଲାୟନ ପ୍ରଦୀପ ସାବତ କୋଷାଧକ୍ଷ ଦାୟିତ୍ୱ ଗ୍ରହଣ କରିଥିଲେ । ୨୦୨୫-୨୬ ବର୍ଷ ପାଇଁ ସନ୍ତୋଷ କୁମାର ପତିଙ୍କ ନେତୃତ୍ୱାଧୀନ କାର୍ଯ୍ୟବାହିକା ମାନଙ୍କୁ ପ୍ରାକ୍ତନ ଜିଲ୍ଲା ମୁଖ୍ୟ ଲାୟନ ପ୍ରକାଶ ଜେନା ଶପଥ ପାଠ କରାଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବରିଷ୍ଠ ଲାୟନ ଜିଲ୍ଲା ଗଭର୍ଣ୍ଣର ପ୍ରଭାତ ମହାନ୍ତି ଓ ତାଙ୍କର ଧର୍ମପତ୍ନୀ ସୁଜାତା ମହାନ୍ତି ଯୋଗଦାନ କରି ସଭାମଣ୍ଡନ କରିଥିଲେ । ଲାୟନ ପ୍ରଭାତ ମହାନ୍ତି ସମାଜ ଉପଯୋଗୀ ଆବଶ୍ୟକତାକୁ ଲକ୍ଷ୍ୟ ରଖି ସେବାକାର୍ଯ୍ୟକୁ ଲୋକାଭିମୁଖୀ କରାଇବା ନିମନ୍ତେ ପରାମର୍ଶ ଦେଇଥିଲେ । ଜିଲ୍ଲାର ଦ୍ୱିତୀୟ ଭାଇସ ଗଭର୍ଣ୍ଣର ଲାୟନ ଅଶୋକ ମହାନ୍ତି ଲାୟନ୍ସ କ୍ଲବ ଭଦ୍ରକାଳୀ ଡିଭାଇନରେ ଯୋଗ ଦେଇଥିବା ଏଗାର ଜଣ ସଦସ୍ୟଙ୍କୁ ଶପଥପାଠ ପୂର୍ବକ ଲାୟନ ପରିବାରଭୁକ୍ତ କରାଇଥିଲେ । ଲାୟନ ପଦ୍ମନ ରାୟଙ୍କ ସଭାପତିତ୍ୱରେ ଆରମ୍ଭ ହୋଇଥିବା କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ଚେୟାରମ୍ୟାନ ଲାୟନ ପ୍ରଭାତ ଧଳ ଓ ଜଏନ ଚେୟରମ୍ୟାନ ଲାୟନ ନିରଞ୍ଜନ ଲାଲ ଗୁପ୍ତା ସେମାନଙ୍କର ବକ୍ତବ୍ୟ ରଖିଥିଲେ । ଲାୟନ ସତ୍ୟେନ୍ଦୁ ରାୟ ମହାପାତ୍ର ସଭା ପରିଚାଳନା କରିଥିଲେ ।

## ସାନ୍ଧ୍ୟ ମହାବିଦ୍ୟାଳୟ ୩୭ତମ ପ୍ରତିଷ୍ଠା ଦିବସରେ କୃତି ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

କେନ୍ଦ୍ରାପଡ଼ା, ୧୦/୦୮ (ନି.ପ୍ର): କେନ୍ଦ୍ରାପଡ଼ା ସାନ୍ଧ୍ୟ ମହାବିଦ୍ୟାଳୟର ୩୭ତମ ପ୍ରତିଷ୍ଠା ଦିବସ କଲେଜ ଅଧ୍ୟକ୍ଷା ଆଦ୍ୟରଶ୍ମି ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ମୁଖ୍ୟ ଅତିଥି କଲେଜ ପୂର୍ବ ପରିଚାଳନା ସମିତି ର ସଭ୍ୟ ତଥା ପ୍ରାକ୍ତନ ଅଧ୍ୟକ୍ଷ ପ୍ରଫେସର ନନ୍ଦ କିଶୋର ପରିଡା, ସମ୍ମାନିତ ଅତିଥି ଭାବେ ମନୋରଞ୍ଜନ ମହାନ୍ତି ପ୍ରାକ୍ତନ ଅଧ୍ୟକ୍ଷ ଅଜୟ କୁମାର ବିଶ୍ୱାଳ, ଆଇନଜୀବୀ ବିଚିତ୍ରା ନନ୍ଦ ମହାନ୍ତି, ଆକବର ଅଲ୍ଲୀ, ପ୍ରାକ୍ତନ ଅଧ୍ୟକ୍ଷ ଗଙ୍ଗାଧର ସାହୁ, ପ୍ରାଧ୍ୟାପକ ଅଜୟ କୁମାର ଦାସ ପ୍ରମୁଖ ଯୋଗଦାନ କରି ମହାବିଦ୍ୟାଳୟ ଗଠନ ଏବଂ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ।

# ମହିଳାଙ୍କ ପାଇଁ ଅତ୍ୟନ୍ତ ଲାଭକାରୀ ହୋଇଥାଏ ଶୁଖିଲା ନଡ଼ିଆ: ଆର୍ଥ୍ରାଇଟିସ ସମସ୍ୟାରୁ ମିଳିଥାଏ ମୁକ୍ତି



ଶୁଖିଲା ନଡ଼ିଆ ସେବନ କରିବା ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭକାରୀ ହୋଇଥାଏ । ଶୁଖିଲା ନଡ଼ିଆରେ ଭିଟାମିନ,ପ୍ରୋଟିନ, ଆଇରନ, ସେଲେନିଅମ ଆଦି ପୋଷକ ତତ୍ୱ ଭରପୁର ମାତ୍ରାରେ ରହିଥାଏ । ଯାହାକି ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟା ଦୂର କରିଥାଏ । ଶୁଖିଲା ନଡ଼ିଆ ମହିଳାଙ୍କ ପାଇଁ ବହୁତ ଲାଭକାରୀ ହୋଇଥାଏ । ଏହା ରକ୍ତ ଅଭାବ ପୁରାଣ କରିଥାଏ । ତେଣୁ ମହିଳା ତାଙ୍କ ଭୋଜନ ରେ ଶୁଖିଲା ନଡ଼ିଆ ଜରୁର ସାମିଲ କରିବା ଉଚିତ । ଶୁଖିଲା ନଡ଼ିଆରେ ଆହୁରି ଅନେକ ଫାଇଦା ରହିଛି । ଆସନ୍ତୁ ଜାଣିବା ସେସବୁ କଣ । ଅଧିକାଂଶ ମହିଳାଙ୍କ ଠାରେ ଆର୍ଥ୍ରାଇଟିସ ସମସ୍ୟା ରହିଥାଏ । ଏହି ସମସ୍ୟା ପାଇଁ ଶୁଖିଲା ନଡ଼ିଆ ଖାଇବା ଫାଇଦାକାରୀ ହୋଇଥାଏ । ଅଧିକାଂଶ ମହିଳାଙ୍କ ଠାରେ ରକ୍ତ ହୀନତା ଦେଖାଯାଏ । ରକ୍ତ ହୀନତା ଦୂର କରିବା ପାଇଁ ଶୁଖିଲା ନଡ଼ିଆ ସେବନ ମହିଳାଙ୍କ ପାଇଁ ହୋଇଥାଏ ଲାଭକାରୀ । କାରଣ ଶୁଖିଲା ନଡ଼ିଆରେ ପ୍ରଚୁର ଆଇରନ ରହିଥାଏ । ଗର୍ଭବତୀ ମହିଳାଙ୍କ ପାଇଁ ଶୁଖିଲା ନଡ଼ିଆ ଖାଇବା ଫାଇଦାକାରୀ ହୋଇଥାଏ । ଏଥିରେ ଥିବା ଫ୍ୟାଟି ଏସିଡ ଶିଶୁ ବିକାଶରେ ସହାୟକ ହୋଇଥାଏ । ଅଧିକାଂଶ ମହିଳାଙ୍କ ଠାରେ ୟୁରିନ ସଂକ୍ରମଣ ସମସ୍ୟା ରହିଥାଏ । ଏହି ସମସ୍ୟା ପାଇଁ ଶୁଖିଲା ନଡ଼ିଆ ଖାଇବା ଫାଇଦାକାରୀ ହୋଇଥାଏ ।

# ବୈବାହିକ ଜୀବନରେ ଖୁସି ଚାହୁଁଥିଲେ ଆପଣାନ୍ତୁ ଏହି ଟିପ୍ସ

ତେବେ ପୁରୁଷମାନେ ନିଜ ଯୌନଶକ୍ତି ବଢ଼ାଇବା ପାଇଁ ବଜାରରେ ଉପଲବ୍ଧ ହେଉଥିବା ବିଭିନ୍ନ ପ୍ରକାରର ମେଡ଼ିସିନ ଖାଇବାକୁ ମନସ୍ତ କରନ୍ତି ଯାହା ତାଙ୍କ ଶରୀର ଉପରେ ଖରାପ ପ୍ରଭାବ ପକାଇବା ସହିତ ବିଭିନ୍ନ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି କରିଥାଏ। କିନ୍ତୁ ଆଜି ଆମେ ଆପଣଙ୍କୁ କିଛି ଏଭଳି ଘରୋଇ ଟିପ୍ସ କହିବାକୁ ଯାଉଛୁ ଯାହାର ବ୍ୟବହାର ଦ୍ୱାରା ପୁରୁଷଙ୍କ ଯୌନ ଶକ୍ତି ବୃଦ୍ଧି ପାଇବା ସହିତ ଏହା ଆପଣଙ୍କ ସ୍ୱାସ୍ଥ୍ୟ ଉପରେ କୌଣସି କୁପ୍ରଭାବ ପକାଇବ ନାହିଁ। ତେବେ ଆସନ୍ତୁ ଜାଣିବା କିଛି ଘରୋଇ ଟିପ୍ସ ବିଷୟରେ।

କଦଳୀ: କଦଳୀ ହେଉଛି ଏକ ପ୍ରୋଟିନର ଉତ୍ସ। କଦଳୀରେ ପ୍ରଚୁର ପରିମାଣରେ ପୋଟାସିୟମ୍ ରହିଥାଏ। ଯେଉଁ କାରଣରୁ କଦଳୀ ଖାଇବା ଦ୍ୱାରା ନିମ୍ନ ରକ୍ତଚାପ ଠିକ୍ ରହିଥାଏ। ଆଉ ଯୌନ ଅଙ୍ଗଗୁଡ଼ିକର ସଠିକ୍ କାର୍ଯ୍ୟ ପାଇଁ ରକ୍ତଚାପକୁ ନିୟନ୍ତ୍ରଣରେ ରଖିବା ନିହାତି ଆବଶ୍ୟକ। ଏହି କାରଣରୁ, ଜଣେ ବ୍ୟକ୍ତି ସମ୍ପର୍କ ସ୍ଥାପନ କଲାବେଳେ ଶୀଘ୍ର କ୍ଲାନ୍ତ ହୁଏ ନାହିଁ ଏବଂ ଉତ୍ସାହ ପୂର୍ବ ଅପେକ୍ଷା ଅଧିକ ବଢ଼ିଥାଏ।

ରସୁଣ-ପିଆଜ: ଘରେ କିଛି ଖାଦ୍ୟ ପ୍ରସ୍ତୁତ ତିଆରି କରିବା ପାଇଁ ରସୁଣ-ପିଆଜ ବ୍ୟବହାର କରିବା ଏକ ସାଧାରଣ କଥା। କିନ୍ତୁ ବହୁତ କମ୍ ଲୋକ ଜାଣିଥିବେ ଯେ ଏହି ଦୁଇଟି ଜିନିଷର ଜବରଦସ୍ତ ଗୁଣ ରହିଛି। ଆଉ ସେଗୁଡିକ ଖାଇବା ଦ୍ୱାରା ପୁରୁଷମାନଙ୍କ ମଧ୍ୟରେ ଯୌନ ଶକ୍ତି ବଢିଥାଏ।

ଗୋଲମରିଚ ଏବଂ କଞ୍ଚା ଲଙ୍କା: ଗୋଲମରିଚ ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଏହି କଥା ସମସ୍ତଙ୍କୁ ଜଣା। କେବଳ ଏତିକି ନୁହେଁ ଯଦି ଆମେ ଖାଦ୍ୟରେ ଗୋଲମରିଚ ଓ କଞ୍ଚା ଲଙ୍କା ବ୍ୟବହାର କରିବା ତେବେ ଏହା ପୁରୁଷଙ୍କ ପାଇଁ ଫଳ ପ୍ରଦ ହେଇଥାଏ। ଏହା ଦ୍ୱାରା ପୁରୁଷଙ୍କ ଶରୀରରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ। ସେମାନଙ୍କୁ ନିୟମିତ ଖାଇବା ଦ୍ୱାରା ପୁରୁଷମାନଙ୍କର ଯୌନଶକ୍ତି ମଧ ବହୁତ ବୃଦ୍ଧି ପାଇଥାଏ।

ଗୋଲମରିଚ ଏବଂ କଞ୍ଚା ଲଙ୍କା: ଗୋଲମରିଚ ଖାଇବା ଦ୍ୱାରା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ। ଏହି କଥା ସମସ୍ତଙ୍କୁ ଜଣା। କେବଳ ଏତିକି ନୁହେଁ ଯଦି ଆମେ ଖାଦ୍ୟରେ ଗୋଲମରିଚ ଓ କଞ୍ଚା ଲଙ୍କା ବ୍ୟବହାର କରିବା ତେବେ ଏହା ପୁରୁଷଙ୍କ ପାଇଁ ଫଳ ପ୍ରଦ ହେଇଥାଏ। ଏହା ଦ୍ୱାରା ପୁରୁଷଙ୍କ ଶରୀରରେ କୌଣସି ଖରାପ ପ୍ରଭାବ ପଡ଼େନାହିଁ। ସେମାନଙ୍କୁ ନିୟମିତ ଖାଇବା ଦ୍ୱାରା ପୁରୁଷମାନଙ୍କର ଯୌନଶକ୍ତି ମଧ ବହୁତ ବୃଦ୍ଧି ପାଇଥାଏ।

ସୂର୍ଯ୍ୟ କିରଣ: ଯୌନ ଶକ୍ତି ଟିପ୍ସ ବୃଦ୍ଧି କରିବାକୁ, ପ୍ରତିଦିନ ସୂର୍ଯ୍ୟ କିରଣ ଗ୍ରହଣ କରିବା ଭଲ ବୋଲି କୁହାଯାଇଛି। ଏହା କରିବା ଦ୍ୱାରା ଆମ ଶରୀରରେ ମେଲାଟୋନିନ୍ ନାମକ ହରମୋନ୍ କମିଯାଏ, ଯେଉଁ କାରଣରୁ ଯୌନ ସମ୍ପର୍କ ରଖିବା ସମୟରେ କୌଣସି ଅସୁବିଧା ହୁଏନାହିଁ।

ପ୍ରେମର ମୂହୁର୍ତ୍ତରେ ବିଫଳତାକୁ ଏଡାଇବା ପାଇଁ ଟେନସନକୁ ଆପଣଙ୍କ ଜୀବନଠାରୁ ଦୂରରେ ରଖନ୍ତୁ। ଏଥିପାଇଁ ସକାଳ କିମ୍ବା ସନ୍ଧ୍ୟାରେ ଚାଲିବାର ଅଭ୍ୟାସ କରନ୍ତୁ। ବ୍ୟାୟାମ କରିବା ସହିତ ପ୍ରତିଦିନ ଯୋଗ ଧ୍ୟାନ କରନ୍ତୁ। କେବଳ ଏତିକି ନୁହେଁ ଆପଣଙ୍କ ସାଥୀଙ୍କ ସହିତ ମଧ ଛୋଟ ଛୋଟ ଟ୍ରିପ ଯୋଜନା କରନ୍ତୁ ଯାହା ଦ୍ୱାରା ଆପଣଙ୍କ ମାନସିକ ସ୍ଥିତି ଠିକ ରହିବ ଏବଂ ଆପଣ ଦାମ୍ପତ୍ୟ ଜୀବନରେ କୌଣସି ବିଫଳତା ଦେଖା ଯିବନାହିଁ।



# ୩ ମାସରେ ଥରେ ରକ୍ତ ଦାନ କରିବା ଦ୍ୱାରା କମିଥାଏ କ୍ୟାନ୍ସର ରୋଗର ଆଶଙ୍କା

ରକ୍ତ ଦାନ କରି ଆପଣ ଅନେକ ଜୀବନ ରକ୍ଷା କରିପାରିବେ। କିନ୍ତୁ ଆଜି ବି ଭାରତର କିଛି ଲୋକମାନେ ରକ୍ତ ଦାନ କରିବାକୁ ଭୟ କରୁଛନ୍ତି। ସେମାନେ ଅନୁଭବ କରନ୍ତି ଯେ ରକ୍ତ ଦେବା ପରେ ଶରୀର ଦୁର୍ବଳ ହୋଇଯାଏ। ଯେତେବେଳେ ଏପରି କିଛି ହୋଇଥାଏ । ରକ୍ତ ଦାନ ଶରୀରକୁ ସୁସ୍ଥ ରଖେ ଏବଂ ଅନେକ ରୋଗ କୁ ଦୂର କରେ। ହୃଦୟ ପାଇଁ ରକ୍ତ ଦାନ କରିବା ଅତ୍ୟନ୍ତ ଲାଭଦାୟକ ବୋଲି ବିବେଚନା କରାଯାଏ ।ରକ୍ତ ଦାନ ଓଜନକୁ ନିୟନ୍ତ୍ରଣରେ ରଖେ। ଏହା କର୍କଟ ଭଳି ବିପଜ୍ଜନକ ରୋଗର ଆଶଙ୍କା ମଧ ହ୍ରାସ କରିଥାଏ। ରକ୍ତଦାନ ବିଷୟରେ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ରହିଛି। ସେଥିପାଇଁ ଲୋକମାନେ ରକ୍ତ ଦାନ କରିବାକୁ ଭୟ କରନ୍ତି। ଆସନ୍ତୁ ଜାଣିବା ରକ୍ତ ଦାନର ଲାଭ କ'ଣ ଏବଂ କେତେ ଦିନ ମଧ୍ୟରେ ଜଣେ ସୁସ୍ଥ ବ୍ୟକ୍ତି ରକ୍ତ ଦାନ କରିପାରିବ।



**ରକ୍ତ ଦାନ କରିବାର ଲାଭ**

ହୃଦୟକୁ ସୁସ୍ଥ ରଖେ – ରକ୍ତଦାନର ସବୁଠାରୁ ବଡ ଲାଭ ହେଉଛି ଏହା ହୃଦୟକୁ ସୁସ୍ଥ ରଖେ। ଯେଉଁମାନେ ସମୟ ସମୟରେ ରକ୍ତ ଦାନ କରନ୍ତି, ସେମାନଙ୍କର ଷ୍ଟ୍ରୋକ୍ ପରି ହୃଦୟ ସମ୍ବନ୍ଧୀୟ ରୋଗ ହେବାର ଆଶଙ୍କା ବହୁତ କମିଯାଏ। ଯଦି ଆପଣଙ୍କ ରକ୍ତରେ ଆଇରନ ପରିମାଣ ଅଧିକ ବଢ଼େ, ତେବେ ଏହା ଆପଣଙ୍କ ହୃଦୟ ସ୍ୱାସ୍ଥ୍ୟ ଉପରେ ଖରାପ ପ୍ରଭାବ ପକାଇପାରେ।

କର୍କଟ ରୋଗର ଆଶଙ୍କା ହ୍ରାସ ହୁଏ – ଯେଉଁମାନେ ସମୟ ସମୟରେ ରକ୍ତ ଦାନ କରନ୍ତି, ସେମାନଙ୍କ ଶରୀରରେ ଆଇରନ ସନ୍ତୁଳନ ବଜାୟ ରଖେ ।ଏହାଦ୍ୱାରା ଅନେକ ପ୍ରକାରର କର୍କଟ ରୋଗ ହେବାର ଆଶଙ୍କା କମିଯାଏ ।ରକ୍ତ ଦାନ କରିବା ଦ୍ୱାରା କର୍କଟ ରୋଗ ହେବାର ଆଶଙ୍କା ଦୂର ହୁଏ ।

ମେଦବହୁଳତା ହ୍ରାସ – ଯଦି ଆପଣ ରକ୍ତ ଦାନ କରନ୍ତି, ତେବେ ଆପଣ ଅଧିକ କ୍ୟାଲୋରୀ ଜଳାନ୍ତି, ଯାହା ଆପଣଙ୍କ ପାଇଁ ଓଜନ ହ୍ରାସ କରିବା ସହଜ କରିଥାଏ। ରକ୍ତ ଦାନ କରିବା ପରେ, କିଛି ମାସ ମଧ୍ୟରେ ଲାଲ ରକ୍ତ କଣିକାର ସ୍ତର ସମାନ ହୋଇଯାଏ। ଯଦି ଆପଣ ଏକ ସୁସ୍ଥ ଖାଦ୍ୟ ଓ ବ୍ୟାୟାମ କରନ୍ତି, ତେବେ ଆପଣଙ୍କର ଓଜନ ଦ୍ରୁତ ଗତିରେ କମିବା ଆରମ୍ଭ କରେ।

ଲାଲ୍ କୋଷ ଉତ୍ପାଦନ ବୃଦ୍ଧି କରେ – ରକ୍ତ ଦାନ କରୁଥିବା ଲୋକଙ୍କ ଶରୀରରେ ରକ୍ତ ଅଭାବକୁ ସଂପୂର୍ଣ୍ଣ କରିବା ପ୍ରକ୍ରିୟା ତ୍ୱରାନ୍ୱିତ ହୁଏ। ଯେଉଁ କାରଣରୁ ଶରୀରରେ ଲାଲ ରକ୍ତ କଣିକା ବୃଦ୍ଧି ପାଇଥାଏ। ଏହା ଆପଣଙ୍କ ସ୍ୱାସ୍ଥ୍ୟକୁ ଭଲ ରଖେ।

ସ୍ୱାସ୍ଥ୍ୟ ଭଲ ରୁହେ – ଯେଉଁମାନେ ନିୟମିତ ଭାବରେ ରକ୍ତ ଦାନ କରନ୍ତି, ସେମାନଙ୍କ ସ୍ୱାସ୍ଥ୍ୟ ଅନ୍ୟମାନଙ୍କ ଅପେକ୍ଷା ଭଲ ରୁହେ। ଏହା ସାମଗ୍ରିକ ସ୍ୱାସ୍ଥ୍ୟକୁ ଭଲ ରଖେ । ଏହା ରକ୍ତଚାପକୁ ନିୟନ୍ତ୍ରଣ କରିବାରେ ମଧ ସାହାଯ୍ୟ କରିଥାଏ। ରକ୍ତ ଦାନ କରି, ଆପଣ କାହାର ଜୀବନ ରକ୍ଷା କାରୁଛନ୍ତି, ଏହା ମାନସିକ ସନ୍ତୁଷ୍ଟି ମଧ ଦେଇଥାଏ।

କେତେ ଦିନ ମଧ୍ୟରେ ରକ୍ତ ଦାନ କରାଯିବା ଉଚିତ

ଡାକ୍ତରମାନେ କହିଛନ୍ତି ଯେ ଜଣେ ସୁସ୍ଥ ବ୍ୟକ୍ତି ପ୍ରତି ୩ ମାସରେ ରକ୍ତ ଦାନ କରିବା ଉଚିତ୍। ଏହା ପଛର କାରଣ ହେଉଛି ଶରୀରରେ ୯୦ ରୁ ୧୨୦ ଦିନ ମଧ୍ୟରେ ଲୋହିତ ରକ୍ତ କଣିକା ସ୍ୱୟଂଚାଳିତ ଭାବରେ ମରିଯାଏ ଏବଂ ନୂତନ କୋଷ ଗଠନ ହୁଏ। ଡାକ୍ତରମାନେ ପ୍ରତି ୩ ମାସରେ ରକ୍ତ ଦାନ କରିବାକୁ ପରାମର୍ଶ ଦିଅନ୍ତି।

# କ୍ୟାନ୍ସର ରୋକିପାରେ କିସ୍‌ମିସ୍ !

ଦୈନନ୍ଦିନ ଜୀବନରେ କିସ୍‌ମିସ୍‌ର ସେବନ ସ୍ୱାସ୍ଥ୍ୟ ପ୍ରତି ହିତକର ବୋଲି କୁହାଯାଇଛି। ଅନେକ ଲୋକ କାଜୁ ଓ କିସ୍‌ମିସ ଭଳି ଡ୍ରାଏଫୁଡସ ଖାଇବାକୁ ବେଶ୍ ପସନ୍ଦ କରିଥାନ୍ତି। କେବଳ ସେତିକି ନୁହେଁ ବିଭିନ୍ନ ପ୍ରକାରର ଖାଦ୍ୟ ପଦାର୍ଥରେ କିସମିସ୍‌ର ମିଶ୍ରଣ ଏହାର ସ୍ୱାଦକୁ ଦ୍ୱିଗୁଣିତ କରିଥାଏ। କିସମିସ୍ ଫାଇବରର ସର୍ବୋତ୍ତମ ଉତ୍ସ ଏବଂ ଏହା ହଜମ ପ୍ରକ୍ରିୟାରେ ମଧ ସାହାଯ୍ୟ କରିଥାଏ। ଏଥିରେ ଟାର୍ଟାରିକ୍ ଏସିଡ୍ ମଧ ରହିଥାଏ ଯାହା ପେଟ ସମସ୍ୟାରୁ ମୁକ୍ତି ପାଇବାରେ ସାହାଯ୍ୟ କରିଥାଏ। ଅନୁସନ୍ଧାନରୁ ଜଣାପଡିଛି ଯେ କିସମିସରେ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ରହିଛି ଯାହା ଅନ୍ତନଳୀ କାର୍ଯ୍ୟରେ ଉନ୍ନତି ଆଣିବାରେ ସାହାଯ୍ୟ କରିଥାଏ। ଏହା ଆପଣଙ୍କ ଅନ୍ତନଳୀରେ ବ୍ୟାକ୍ଟେରିଆର ସନ୍ତୁଳନକୁ ମଧ ନିୟନ୍ତ୍ରଣ କରିଥାଏ।



କିସମିସ୍ ଆଇରନ୍ ସ୍ତରକୁ ବଢାଇଥାଏ ଏବଂ ହାଡକୁ ଶକ୍ତିଶାଳୀ ରଖିବାରେ ସାହାଯ୍ୟ କରିଥାଏ। ଗୋଟିଏ ଦିନରେ ପ୍ରାୟ ୩୦ରୁ ୪୦ ଗ୍ରାମ କିସମିସ୍ ଖାଇବା ଶରୀର ପାଇଁ ଉପଯୋଗୀ ହୋଇଥାଏ। ଅନ୍ୟପକ୍ଷରେ, ଅଧିକ ମାତ୍ରାରେ କିସମିସ୍ ଖାଇବା ଦ୍ୱାରା ହଜମ ପ୍ରକ୍ରିୟା ଖରାପ ହୋଇପାରେ ବୋଲି ଡାକ୍ତରମାନେ ମତ ଦେଇଛନ୍ତି। ଅନ୍ୟ ପୋଷକ ତତ୍ତ୍ୱକୁ ଅବଶୋଷିତ କରିବାରେ କିସ୍‌ମିସ୍‌ର କ୍ଷମତା ଥିବାରୁ କ୍ୟାନସରଜନିତ ରୋଗ ରୋକିବାରେ ଏହା ସହାୟକ ହୋଇଥାଏ ବୋଲି ଅନୁସନ୍ଧାନକାରୀମାନେ ଜାଣିପାରିଛନ୍ତି।

# ବ୍ୟାନ୍

■ ଜାପାନରେ ନାଇଟ ଲାଇଫ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି। ହେଲେ ରାତିରେ ଡ୍ୟାନ୍ସ ମନା। ୧୯୪୮ ମସିହାରୁ ଜାପାନର ନାଇଟ କ୍ଲବରେ ଡ୍ୟାନ୍ସ ସମ୍ପୂର୍ଣ୍ଣ ବ୍ୟାନ୍।

■ କିଣ୍ଡର ଜୟ କିମ୍ବା କିଣ୍ଡର ସରପ୍ରାଇଜ ଏଗ୍ ପିଲାମାନଙ୍କୁ ଭାରି ପସନ୍ଦ। କିନ୍ତୁ ଆମେରିକାରେ କିଣ୍ଡର ଜୟ ସମ୍ପୂର୍ଣ୍ଣ ବ୍ୟାନ୍। ଯଦି ଆମେରିକାରେ କାହାଠାରୁ କିଣ୍ଡର ଏଗ୍ ମିଳେ ତ ତାଙ୍କଠାରୁ ଜରିମାନା ବାବଦକୁ ୨,୫୦୦ ଡଲାର ଅର୍ଥାତ୍ ଭାରତୀୟ ମୁଦ୍ରାର ଏକଲକ୍ଷ ୬୬ହଜାର ଟଙ୍କା ଆଦାୟ କରାଯାଏ। ଏହି ଚକୋଲେଟ୍‌ଟି ଏଗରେ ସରପ୍ରାଇଜ ଟୟ ରହିଥାଏ। ଏହା ପିଲାମାନଙ୍କ ତଣ୍ଟିରେ ଲାଗିଯିବା ଭୟରେ ଏହା ଉପରେ ବ୍ୟାନ ଲଗାଯାଇଛି।

# ରସୁଣ ଖାଆନ୍ତୁ ଶୁକ୍ରାଣୁ ବଢ଼ିବ

ରସୁଣରେ ଏଲିସିନ୍ ନାମକ ଏକ ରାସାୟନିକ ପଦାର୍ଥ ରହିଛି, ଯାହା ଜନନାଙ୍ଗକୁ ରକ୍ତ ପ୍ରବାହ ବଢ଼ାଇବା ସହ ଶୁକ୍ରାଣୁମାନଙ୍କ ଗୁରବତ୍ତା ବଢ଼ାଇଥାଏ । ରସୁଣରେ ଏମିତି କିଛି ଗୁଣ ରହିଛି, ଯାହା ରକ୍ତ ପ୍ରବାହକୁ ତୀବ୍ର କରିବା ସହ ଧମନୀକୁ ପରିଷ୍କାର କରିଥାଏ । ଅବଶ୍ୟକୀୟ ଶୁଦ୍ଧ ରକ୍ତ ପ୍ରବାହ ନ ହେବା ମଧ ନପୁଂସକତାର ଅନ୍ୟ ଏକ କାରର । ଏଥିରେ ଜିଙ୍କ ରହିଛି । ଜିଙ୍କ ଟେଷ୍ଟୋଷ୍ଟେରନ, ଶୁକ୍ରାଣୁର ଗତିଶୀଳତା ଓ ଶୁକ୍ରାଣୁଙ୍କ ସଂଖ୍ୟା ବଢ଼ାଇବାରେ ସହଯୋଗ କରିଥାଏ। ରସୁଣ ପୁରୁଷଙ୍କ ପ୍ରଜନନ କ୍ଷମତାକୁ ମଜଭୁତ କରୁଥିବାବେଳେ ମହିଳାମାନଙ୍କ ଗର୍ଭପାତ ସମ୍ଭାବନାକୁ ଏଡାଇଥାଏ । ସେହିପରି ମହିଳା ରସୁଣକୁ ଡାଏଟରେ ସାମିଲ କଲେ ଋତୁସ୍ରାବଜନିତ ଯନ୍ତ୍ରଣାରୁ ମୁକ୍ତି ମିଳିବା ସହ ସୁସ୍ଥ ଭାବେ ଗର୍ଭଧାରଣ ମଧ କରିପାରିଥାନ୍ତି ।



# ଉଠ୍ ବସହେବା ଉପକାରୀ

ସ୍କୁଲ ସମୟରେ କିଛି ଭୁଲ ହେଲେ ଦଣ୍ଡସ୍ୱରୂପ ଉଠବସ ହେବା ଅନେକଙ୍କ କ୍ଷେତ୍ରରେ ଘଟିଥାଏ । ସ୍କୁଲ ଜୀବନରେ ଏହା ଏକ ସାଧାରଣ ଦଣ୍ଡ। ତେବେ ଶ୍ରେଣୀରେ ସମସ୍ତଙ୍କ ଆଗରେ ଉଠବସ୍ ହେବାକୁ ନିଶ୍ଚୟ ଲାଜ ଲାଗେ । ଏପରି ଦଣ୍ଡ କିନ୍ତୁ ଶରୀର ଓ ମସ୍ତିଷ୍କ ପାଇଁ ଉପକାରୀ ହୋଇଥାଏ ନିକଟରେ କରାଯାଇଥିବା ଗବେଷଣାରେ ମଧ ଏହା ପ୍ରମାଣିତ ହୋଇଛି । କାନ ଧରି ଉଠବସ ହେବା କୌଣସି ଯୋଗାଭ୍ୟାସଠାରୁ କମ ନୁହେଁ । ଉଠବସ ହେବା ସମୟରେ କାନର ତଳଭାଗକୁ ଧରିଥାନ୍ତି । ଏହି ସ୍ଥାନରେ କେତେକ ସ୍ୱତନ୍ତ୍ର ଆକ୍ୟୁପଏଣ୍ଟ ରହିଛି । କାନ ଧରିବା ଦ୍ୱାରା ସେସବୁ ବିନ୍ଦୁରେ ଚାପ ପଡ଼ିଲେ ମସ୍ତିଷ୍କର କେତେକ ବିଶେଷ ତନ୍ତ୍ରିକା ଅଧିକ ସକ୍ରିୟ ହୋଇଯାନ୍ତି ଏବଂ ମସ୍ତିଷ୍କର କାର୍ଯ୍ୟଦକ୍ଷତା ବଢ଼େ । ଉଠବସ୍ ହେବା ସମୟରେ ସ୍ମୃତିଶକ୍ତି ବାମ ଓ ଡାହାଣ ଭାଗର କାର୍ଯ୍ୟପ୍ରଣାଳୀରେ ସାମଞ୍ଜସ୍ୟ ଆସେ । ମନ ଶାନ୍ତ ରହେ, ଏକାଗ୍ରତା ଏବଂ ସ୍ମରଣ ଶକ୍ତି ବଢ଼େ । ବିଦେଶରେ ଏବେ ଏହା ସୁପର ବ୍ରେନ ଯୋଗ ନାମରେ ଲୋକପ୍ରିୟ ଲୋକେ ମସ୍ତିଷ୍କକୁ ଶାନ୍ତ ରଖିବା ଲାଗି ଉଠବସ ହେଉଛନ୍ତି ।

# ଅତି ଉପାଦେୟ ଓଟ କ୍ଷୀର: ଛିଣ୍ଡେନାହିଁ କି ସହଜରେ ବସେ ନାହିଁ

ଶିଶୁ ପାଇଁ ମା'କ୍ଷୀର ସର୍ବଦା ସର୍ବୋତ୍କୃଷ୍ଟ ତଥା ଅତୁଳନୀୟ ହୋଇଥିବା ବେଳେ ବିକଳ୍ପ ଭାବେ ଗାଈ, ଛେଳି, ମଇଁଷି ଓ ଓଟ ପରି ବିଭିନ୍ନ ସ୍ତନ୍ୟପାୟୀମାନଙ୍କର କ୍ଷୀର ମଧ ବ୍ୟବହୃତ ହେଉଛି। ତେବେ ସୀମିତ ଅଞ୍ଚଳରେ ଉପଲବ୍ଧ ଓଟ କ୍ଷୀରର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି। କାରଣ ଗାଈ କ୍ଷୀର ତୁଳନାରେ ଓଟ କ୍ଷୀରରେ ତିନିଗୁଣା ଅଧିକ ଭିଟାମିନ୍ ସି' ଓ ୧୦ ଗୁଣା ଅଧିକ ଲୌହସାର ରହିଛି। ସେହିପରି ଏଥିରେ ଅଧିକ ପରିମାଣର ଅନ୍‌ସାଚୁରେଟେଡ୍ ଫ୍ୟାଟି ଏସିଡ୍ ରହିଛି। ଅପରପକ୍ଷେ, ଓଟକ୍ଷୀରରେ କମ୍ ପରିମାଣର ଭିଟାମିନ୍ ଏ' ଓ ଭିଟାମିନ୍ ବି୨' ରହିଛି। ତେବେ ଏହି କ୍ଷୀରର ଆଉ ଏକ ବିଶେଷ ଗୁଣ ହେଲା, ଏହା ଆଦୌ ଛିଣ୍ଡେନାହିଁ। ସାଧାରଣତଃ କ୍ଷୀର ଛିଣ୍ଡିବା ଏକ ପ୍ରାକୃତିକ ପ୍ରକ୍ରିୟା।

ଏଥିରେ ବୀଜାଣୁମାନଙ୍କ ବିଘଟନ ଯୋଗୁଁ କ୍ଷୀର ଦହିରେ ପରିଣତ ହୋଇଥାଏ। ମାତ୍ର ଅନ୍ୟମାନଙ୍କ କ୍ଷୀରଠାରୁ ଭିନ୍ନ ଥିବା ଓଟ କ୍ଷୀର ଆଦୌ ଛିଣ୍ଡେନାହିଁ। କାରଣ ଏହି ସ୍ୱତନ୍ତ୍ର ଧରଣର କ୍ଷୀରର ରାସାୟନିକ ଗଠନ ହିଁ ଏହାକୁ ଏପରି ବିଶେଷ ଗୁଣର କରିଥାଏ। ଏଥିରେ ରହିଥିବା କ୍ୟାସିନ୍ ମିସେଲସ୍ ଓ କ୍ୟାଲସିଅମ୍ ପରି ଯୌଗିକର ମିଶ୍ରଣରୁ ସୃଷ୍ଟ ରାସାୟନିକ ଗଠନ ଯୋଗୁଁ ଓଟକ୍ଷୀର ଛିଣ୍ଡେନାହିଁ କି ସହଜରେ ବସେନାହିଁ। ସେହିପରି ଏଥିରୁ ଛେନା ତିଆରି କରିବା ମଧ ଆହୁରି କଷ୍ଟକର। ତେବେ ଓଟ କ୍ଷୀରରେ ରହିଥିବା ପୁଷ୍ଟିସାର ଓ ଏହାର ସୀମିତ ଜମାଟ ବାନ୍ଧିବା ଗୁଣ ମଧୁମେହ-୧ ରୋଗୀଙ୍କ ପାଇଁ ଖୁବ୍ ? ମଙ୍ଗଳକରୀ। ଅଧିକ ସମୟ ଫ୍ରିଜ୍‌ରେ ରହିଲେ ଗାଈ କ୍ଷୀର ଯେପରି ପିତା ହୋଇଯାଏ, ଓଟ କ୍ଷୀର ସେପରି ପିତା ଲାଗେ ନାହିଁ ଏବଂ ଓଟର ବସବାସ ଅଞ୍ଚଳ ମରୁଭୂମିରେ ଉଚ୍ଚ ତାପମାତ୍ରାର ପ୍ରଭାବ ଯୋଗୁଁ ଏହାର କ୍ଷୀର ଶୀଘ୍ର ନଷ୍ଟ ହୁଏନାହିଁ।



# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର **୪**

୧୧ ଅଗଷ୍ଟ ୨୦୨୫, ସୋମବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭୋଟ୍ ଚୋରି ଅଭିଯୋଗ: ଗଣତନ୍ତ୍ରର ବିଶ୍ୱାସନୀୟତା କାଠଗଡ଼ାରେ

ଭାରତୀୟ ରାଜନୀତିରେ ଏକ ନୂଆ ବିତର୍କର ଝଡ଼ ସୃଷ୍ଟି ହୋଇଛି, ଯାହାର କେନ୍ଦ୍ରବିନ୍ଦୁରେ ରହିଛି ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଏବଂ ନିରପେକ୍ଷତା । କଂଗ୍ରେସ ନେତା ରାହୁଲ ଗାନ୍ଧୀ ଏବଂ ତାଙ୍କ ଦଳ ପକ୍ଷରୁ ଅଣାଯାଇଥିବା 'ଭୋଟ୍ ଚୋରି'ର ସାଂଘାତିକ ଅଭିଯୋଗ କେବଳ ଶାସକ ଦଳକୁ ଅଡୁଆରେ ପକାଇନାହିଁ, ବରଂ ଭାରତର ନିର୍ବାଚନ ଆୟୋଗ (**ECI**) ଭଳି ସାମ୍ବିଧାନିକ ସଂସ୍ଥାର କାର୍ଯ୍ୟଶୈଳୀ ଉପରେ ମଧ୍ୟ ଗଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି। କଂଗ୍ରେସର ଦାବି ଅନୁଯାୟୀ, ଗୋଟିଏ ମାତ୍ର ବିଧାନସଭା ନିର୍ବାଚନମଣ୍ଡଳୀରେ ଏକ ଲକ୍ଷରୁ ଅଧିକ ଜାଲ୍ ଭୋଟରଙ୍କୁ ଭୋଟର ତାଲିକାରେ ଅନ୍ତର୍ଭୁକ୍ତ କରାଯାଇ ନିର୍ବାଚନ ଫଳାଫଳକୁ ପ୍ରଭାବିତ କରା ଯାଇଛି, ଯେଉଁଠାରେ ବିଜୟର ବ୍ୟବଧାନ ଖୁବ୍ କମ୍ ଥିଲା।

ଏହି ବିବାଦର ମୁଖ୍ୟ କେନ୍ଦ୍ର ହେଉଛି କର୍ଣ୍ଣାଟକର ବାଙ୍ଗାଲୋର ସେଣ୍ଟ୍ରାଲ ଲୋକସଭା ଆସନ, ଯେଉଁଠାରେ ୨୦୨୪ ସାଧାରଣ ନିର୍ବାଚନରେ ବିଜେପି ପ୍ରାର୍ଥୀ ପି.ସି. ମୋହନ କଂଗ୍ରେସ ପ୍ରାର୍ଥୀ ମନସୁର ଅଲୀ ଖାନଙ୍କୁ ପ୍ରାୟ ୩୨,୭୦୭ ଭୋଟର ଏକ ସୂକ୍ଷ୍ମ ବ୍ୟବଧାନରେ ପରାସ୍ତ କରିଥିଲେ। କଂଗ୍ରେସର ଆଭ୍ୟନ୍ତରୀଣ ତଦନ୍ତ ଅନୁଯାୟୀ, ଏହି ବିଜୟର ସମସ୍ତ ଶ୍ରେୟ ମହାଦେବପୁରା ବିଧାନସଭା କ୍ଷେତ୍ରକୁ ଯାଉଛି, ଯେଉଁଠାରେ ବିଜେପିକୁ ୧,୧୪,୦୦୦ରୁ ଅଧିକ ଭୋଟର ଅଗ୍ରଣୀ ମିଳିଥିଲା, ଯେତେବେଳେ କି ବାକି ସାତୋଟି ବିଧାନସଭା କ୍ଷେତ୍ର ମଧ୍ୟରୁ ଛଅଟିରେ କଂଗ୍ରେସ ଆଗରେ ଥିଲା । ରାହୁଲ ଗାନ୍ଧୀ ଏକ ସାମ୍ବାଦିକ ସମ୍ମିଳନୀରେ ତଥ୍ୟ ସହିତ ଉପସ୍ଥାପନ କରି ଦାବି କରିଛନ୍ତି ଯେ କେବଳ ମହାଦେବପୁରା ବିଧାନସଭା କ୍ଷେତ୍ରରେ ୧,୦୦,୨୫୦ଟି ଜାଲ୍ ଭୋଟ୍ ସୃଷ୍ଟି କରାଯାଇଛି । ଏହି ଜାଲ୍ ଭୋଟକୁ ପାଞ୍ଚଟି ଶ୍ରେଣୀରେ ବିଭକ୍ତ କରାଯାଇଛି: ୧୧,୯୬୫ ଜଣ ନକଲି ଭୋଟର (ଯେଉଁମାନଙ୍କ ନାମ ଏକାଧିକ ଥର ପଞ୍ଜୀକୃତ), ୪୦,୦୦୯ ଜଣ ଭୋଟରଙ୍କ ଠିକଣା ଜାଲ୍ ବା ଅବୈଧ, ୧୦,୪୫୨ ଜଣ ଭୋଟର ଗୋଟିଏ ଠିକଣାରେ ପୁଞ୍ଜୀଭୂତ ଭାବେ ପଞ୍ଜୀକୃତ, ୪,୧୩୨ ଜଣଙ୍କ ଫଟୋ ଅସ୍ପଷ୍ଟ ବା ଚିହ୍ନିବା ଅଯୋଗ୍ୟ ଏବଂ ୩୩,୬୯୨ ଜଣ ନୂଆ ଭୋଟରଙ୍କ ପାଇଁ ଉଦ୍ଦିଷ୍ଟ ଫର୍ମ-୬ର ଅପବ୍ୟବହାର କରିଛନ୍ତି । କଂଗ୍ରେସ ଦାବି କରିଛି ଯେ ସେମାନଙ୍କ କାର୍ଯ୍ୟକର୍ତ୍ତାମାନେ ମହାଦେବପୁରାର ସାତ ଫୁଟ ଉଚ୍ଚର ଭୋଟର ତାଲିକାର କାଗଜପତ୍ରକୁ ହାତରେ ଯାଞ୍ଚ କରି ଏହି ତଥ୍ୟ ପାଇଛନ୍ତି । ଏପରିକି 'ଘର ନମ୍ବର ୦' ରେ ଭୋଟର ପଞ୍ଜୀକୃତ ହେବା କିମ୍ବା ଗୋଟିଏ ଛୋଟ କୋଠରୀରେ ୮୦ ଜଣ ଭୋଟରଙ୍କ ନାମ ରହିବା ଭଳି ଅବିଶ୍ୱସନୀୟ ଉଦାହରଣ ମଧ୍ୟ ସାମ୍ନାକୁ ଅଣାଯାଇଛି । ଏହି ଅଭିଯୋଗର ଗମ୍ଭୀରତାକୁ ଦେଖି କଂଗ୍ରେସ ଦଳ ନିର୍ବାଚନ ଆୟୋଗଙ୍କଠାରୁ ଗତ ଦଶ ବର୍ଷର ଇଲେକ୍ଟ୍ରୋନିକ୍, ମେସିନ୍-ପଠନୀୟ ଭୋଟର ତାଲିକା ଏବଂ ସମସ୍ତ ପୋଲିଂ ବୁଥର ସିସିଟିଭି ଫୁଟେଜ୍ ସାର୍ବଜନୀନ କରିବାକୁ ଦାବି କରିଛି ।

ଅନ୍ୟପଟେ, ନିର୍ବାଚନ ଆୟୋଗ କଂଗ୍ରେସର ଏହି ସମସ୍ତ ଅଭିଯୋଗକୁ ଦୃଢ଼ ଭାବେ ଖଣ୍ଡନ କରିଛନ୍ତି। ଆୟୋଗ ଏହାକୁ 'ଅବାସ୍ତବ ବିଶ୍ଳେଷଣ' (**absurd analysis**) ଏବଂ 'ପୁରୁଣା ବୋତଲରେ ନୂଆ ମଦ' (**new wine in an old bottle**) ବୋଲି ଅଭିହିତ କରିଛନ୍ତି । ଆୟୋଗ ରାହୁଲ ଗାନ୍ଧୀଙ୍କୁ ଚ୍ୟାଲେଞ୍ଜ କରି କହିଛନ୍ତି ଯେ ସେ ଯଦି ନିଜ ଅଭିଯୋଗରେ ସତ୍ୟତା ଅଛି ବୋଲି ଭାବୁଛନ୍ତି, ତେବେ ସେ ଶପଥପାଠ ମାଧ୍ୟମରେ ଆନୁଷ୍ଠାନିକ ଭାବେ ପ୍ରମାଣ ଦାଖଲ କରନ୍ତୁ, ଯାହାଫଳରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରାଯାଇପାରିବ । ଏହା ସହିତ ଆୟୋଗ ୨୦୧୮ ମସିହାର ମଧ୍ୟପ୍ରଦେଶ ମାମଲାର ଉଦାହରଣ ଦେଇଛନ୍ତି, ଯେଉଁଠାରେ କଂଗ୍ରେସର ସମାନ ଧରଣର ଅଭିଯୋଗକୁ ସୁପ୍ରିମକୋର୍ଟ ଖାରଜ କରିଦେଇଥିଲେ। ଶାସକ ଦଳ ବିଜେପି ମଧ୍ୟ ଏହି ପ୍ରସଙ୍ଗରେ କଂଗ୍ରେସକୁ ତୀବ୍ର ସମାଲୋଚନା କରିଛି। ବିଜେପି ମୁଖପାତ୍ରମାନେ ଅଭିଯୋଗ କରିଛନ୍ତି ଯେ ନିର୍ବାଚନରେ ପରାଜୟ ପରେ କଂଗ୍ରେସ ନିରାଶାରୁ ସାମ୍ବିଧାନିକ ଅନୁଷ୍ଠାନଗୁଡ଼ିକୁ ବଦନାମ କରିବାକୁ ଚେଷ୍ଟା କରୁଛି । ସେମାନେ ପ୍ରଶ୍ନ କରିଛନ୍ତି ଯେ ଯଦି ନିର୍ବାଚନ ଆୟୋଗ ନିରପେକ୍ଷ ନୁହଁନ୍ତି, ତେବେ କଂଗ୍ରେସ ନିଜର ବିଜୟକୁ କାହିଁକି ଉତ୍ସବ ଭାବେ ପାଳନ କରେ ?

ଏହି ଆରୋପ-ପ୍ରତ୍ୟାରୋପ ମଧ୍ୟରେ କିଛି ଗୁରୁତ୍ୱପୂର୍ଣ୍ଣ ବିଷୟକୁ ବିଶ୍ଳେଷଣ କରିବାର ଆବଶ୍ୟକତା ରହିଛି। ପ୍ରଥମତଃ, କଂଗ୍ରେସ ଦ୍ୱାରା ପ୍ରଦତ୍ତ ତଥ୍ୟ ଭୋଟର ତାଲିକାରେ ଗୁରୁତର ତ୍ରୁଟିକୁ ସୂଚାଉଛି, କିନ୍ତୁ ଏହି ତ୍ରୁଟିଗୁଡ଼ିକ ଯୋଗୁଁ ହିଁ ନିର୍ବାଚନ ଫଳାଫଳ ବଦଳି ଯାଇଛି ବୋଲି ନିଶ୍ଚିତ ଭାବେ ପ୍ରମାଣିତ କରିବା କଷ୍ଟକର। ପରିସଂଖ୍ୟାନର ସମ୍ବନ୍ଧ (**correlation**) ସବୁବେଳେ କାରଣ (**causation**) ହୋଇନପାରେ । ଦ୍ୱିତୀୟତଃ, ନିର୍ବାଚନ ଆୟୋଗଙ୍କ ପ୍ରତିକ୍ରିୟା ମଧ୍ୟ ସମାଲୋଚନାରୁ ଊର୍ଦ୍ଧ୍ୱରେ ନୁହେଁ । ଆଇନ ବିଶେଷଜ୍ଞଙ୍କ ମତରେ, ଯେଉଁ ନିୟମ ଅନୁଯାୟୀ ଆୟୋଗ ରାହୁଲ ଗାନ୍ଧୀଙ୍କୁ ଶପଥପାଠ ଦାଖଲ କରିବାକୁ କହୁଛନ୍ତି, ତାହା ନିର୍ବାଚନ ପୂର୍ବରୁ ଡ୍ରାଫ୍ଟ ଭୋଟର ତାଲିକା ଉପରେ ଆପତ୍ତି ପାଇଁ ପ୍ରଯୁଜ୍ୟ, ନିର୍ବାଚନର ୧୫ ମାସ ପରେ ନୁହେଁ । ଏହା ଆୟୋଗଙ୍କ ଉଦ୍ଦେଶ୍ୟ ଉପରେ ସନ୍ଦେହ ସୃଷ୍ଟି କରୁଛି । ସ୍ୱଚ୍ଛତା ପାଇଁ କଂଗ୍ରେସର ଦାବି, ଯେପରିକି ମେସିନ୍-ପଠନୀୟ ଭୋଟର ତାଲିକା ପ୍ରଦାନ କରିବା, ଗଣତାନ୍ତ୍ରିକ ପ୍ରକ୍ରିୟାରେ ବିଶ୍ୱାସ ବଜାୟ ରଖିବା ପାଇଁ ଏକ ଯୁକ୍ତିଯୁକ୍ତ ଦାବି । ଯଦି ଆୟୋଗଙ୍କ ପାଖରେ ଲୁଚାଇବାକୁ କିଛି ନାହିଁ, ତେବେ ତଥ୍ୟ ସାର୍ବଜନୀନ କରିବାରେ କୁଣ୍ଠାବୋଧ କାହିଁକି ?

ପରିଶେଷରେ, ଏହି ବିବାଦର ସତ୍ୟାସତ୍ୟ ଯାହା ହେଉନା କାହିଁକି, ଏହା ଭାରତୀୟ ଗଣତନ୍ତ୍ର ପାଇଁ ଏକ ଚେତାବନୀ। ନିର୍ବାଚନ ପ୍ରକ୍ରିୟାରେ ସାମାନ୍ୟତମ ସନ୍ଦେହ ମଧ୍ୟ ଜନସାଧାରଣଙ୍କ ମନରେ ଅବିଶ୍ୱାସ ସୃଷ୍ଟି କରେ। ଭୋଟର ତାଲିକାରେ ଥିବା ତ୍ରୁଟିକୁ କେବଳ ବୈଷୟିକ ତ୍ରୁଟି କହି ଏଡ଼ାଇ ଦିଆଯାଇପାରିବ ନାହିଁ। ନିର୍ବାଚନ ଆୟୋଗଙ୍କର ଏହା ସାମ୍ବିଧାନିକ ଦାୟିତ୍ୱ ଯେ ସେ ନିଜର ନିରପେକ୍ଷତା ଏବଂ ସ୍ୱଚ୍ଛତାକୁ କେବଳ ବଜାୟ ରଖିବେ ନାହିଁ, ବରଂ ଏହା ଦୃଶ୍ୟମାନ ମଧ୍ୟ ହେବା ଆବଶ୍ୟକ । କଂଗ୍ରେସ ଦ୍ୱାରା ଅଣାଯାଇଥିବା ନିର୍ଦ୍ଦିଷ୍ଟ ଅଭିଯୋଗଗୁଡ଼ିକର ଏକ ନିରପେକ୍ଷ ଏବଂ ବିଶ୍ୱସନୀୟ ତଦନ୍ତ ହେବା ଜରୁରୀ। ଏହାଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ଭବିଷ୍ୟତରେ ଏପରି ଅଭିଯୋଗର ପୁନରାବୃତ୍ତିକୁ ରୋକିବା ପାଇଁ ଭୋଟର ପଞ୍ଜୀକରଣ ଏବଂ ଯାଞ୍ଚ ପ୍ରକ୍ରିୟାରେ ବ୍ୟବସ୍ଥାଗତ ସଂସ୍କାର ଅଣାଯିବା । ଗଣତନ୍ତ୍ରର ସ୍ତମ୍ଭ ଯଦି ବିଶ୍ୱାସ ଉପରେ ଠିଆ ହୋଇଛି, ତେବେ ସେହି ବିଶ୍ୱାସରେ ସାମାନ୍ୟତମ ଫାଟ ମଧ୍ୟ ସମଗ୍ର ବ୍ୟବସ୍ଥାକୁ ଦୋହଲାଇ ଦେଇପାରେ ।

## ବାଟବଣା ସରକାରଙ୍କ ବହିକିଣା



**ସୌମେନ୍ଦ୍ର ଜେନା**

"ସରକାର ମାନେ ଦୁର୍ନୀତି, ବିଭାଗ ମାନେ ଜାଲିଆତି ଆଉ ବ୍ୟବସାୟ ମାନେ ଠକେଇ"- ଏଭଳି ଏକ ଆପ୍ତବାକ୍ୟରେ ବିଶ୍ୱାସ କରିବାକୁ ହେବ ବୋଲି କିଛିଦିନ ତଳେ ଜଣେ ବନ୍ଧୁ କହୁଥିଲେ । ସରକାର ବଦଳିଲେ ବ୍ୟବସ୍ଥା ବଦଳେ ଆଉ ବ୍ୟବସ୍ଥା ବଦଳିଲେ ଶୃଙ୍ଖଳିତ ଅବସ୍ଥା ଆସେ ବୋଲି ଯଦି କେହି କହେ ତେବେ ସେଥିରେ ଭରସା କରିବା କଷ୍ଟକର ହେବ । ଯଦି ଆମେ ଏବର ଓଡିଶାର ପ୍ରଶାସନିକ କଳର ବିଧି ଓ ବ୍ୟବସ୍ଥାକୁ ତଳେଇ ଦେଖିବା ତେବେ ହତାଶ ହେବାକୁ ପଡିବ । ଲୋକେ କୁହନ୍ତି ଯେ ତିରିଶ ବର୍ଷିଆ ପ୍ରଶାସନିକ କଳ ନିକଟରେ ପାଞ୍ଚବର୍ଷିଆ ସରକାର ଦାନ୍ତବିହିନ ଜନ୍ତୁ କିମ୍ବା ଅମେରୁଦଣ୍ଡୀ ପ୍ରାଣୀ ସଦୃଶ ଆତ୍ମସମର୍ପଣ କରୁଛନ୍ତି ।

ଏଠାରେ କେବଳ ସରକାରଙ୍କ ଦୁଇଟି ବିଭାଗର ବିଷୟକୁ ଆଲୋଚନାକୁ ନିଆଯାଉ, ଯାହା କିଛିଦିନ ତଳେ ସାମ୍ବାଦିକ ସମ୍ମିଳନୀର ବିଷୟ ହୋଇଥିଲା । ତାହା ହେଲା ନୂଆ ଶିକ୍ଷାବର୍ଷର ଆରମ୍ଭରେ ରାଜ୍ୟର +୩ କଲେଜଗୁଡିକ ପାଇଁ ସରକାରଙ୍କ ପକ୍ଷରୁ ଯେଉଁ ପାଠାଗାର ପୁସ୍ତକର କ୍ରୟ ତାଲିକା ପ୍ରକାଶ ପାଇଥିଲା ତାହା ଅସ୍ୱଚ୍ଛ ଏବଂ ସନ୍ଦେହରେ ଭରି ରହିଥିଲା । ଠିକ୍ ସେମିତି ଗତ କିଛିମାସ ପୂର୍ବେ ଗଣଶିକ୍ଷା ବିଭାଗର ଓସେପା ପକ୍ଷରୁ ବିଦ୍ୟାଳୟଗୁଡିକ ପାଇଁ ବହିକିଣା ବେଳେ ଦେଖିବାକୁ ମିଳିଥିଲା, ପୁରୁଣା ବିଜ୍ଞାପନକୁ ବିନା ସଂଶୋଧନରେ ଜାରି କରାଯାଇଥିଲା । ସରକାରୀ ଅନୁଦାନପ୍ରାପ୍ତ ବଡ ଓ ସାନ କଲେଜପାଇଁ (ଛାତ୍ରଛାତ୍ରୀଙ୍କ ସଂଖ୍ୟାନୁସାରେ) ଯଥାକ୍ରମେ ୭୫ହଜାର ଏବଂ ପଚଶ ହଜାର ଟଙ୍କା ଲେଖାଏଁ ପାଠାଗାର ବହି କିଣିବା ପାଇଁ ସରକାର ଅଧକ୍ଷମାନଙ୍କୁ ଯୋଗାଇ ଦେଇଥିଲେ । ତା ସଙ୍ଗେ ସଙ୍ଗେ ମଧ୍ୟ ଏକ ୩୫୧ଟି ପୁସ୍ତକ ତାଲିକାର କପି ଯୋଗାଇ ଦେଇଥିଲେ, ଯେଉଁ ତାଲିକା ଭିତରୁ ବଛାଯାଇ ବହି କିଣାଯାଇପାରିବ । ଯଦି ଏହି ତାଲିକାକୁ କିଏ ଦେଖିବ ସେଥିରେ ବହିର ନାମ ଓ ଲେଖକର ନାମ ପଢିବାକୁ ପାଇବ, କିନ୍ତୁ କୌଣସିଠାରେ ପୁସ୍ତକର ପ୍ରକାଶକଙ୍କ ନାମ ଉଲ୍ଲେଖଥିବା ଦେଖିବାକୁ ପାଇବ ନାହିଁ । ନିୟମାନୁସାରେ ରାଜା ରାମମୋହନରାୟ ପାଠାଗାର ନିମନ୍ତେ ନିର୍ବାଚିତ ପୁସ୍ତକାବଳୀର ତାଲିକାକୁ ଯଦି କେହି ଦେଖେ ସେଥିରେ ପ୍ରକାଶକଙ୍କ ନାମ ଉଲ୍ଲେଖଥିବା ଦେଖିବାକୁ ମିଳିଥାଏ । କିନ୍ତୁ ଚଳିତବର୍ଷ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିର୍ବାଚିତ ପୁସ୍ତକ ତାଲିକାରେ କାହିଁକି କୌଣସି ପ୍ରକାଶକଙ୍କ ନାମ ଉଲ୍ଲେଖ ନାହିଁ ତାହା ସନ୍ଦେହର ପ୍ରଥମ କାରଣ । କହିବାର କଥା ହେଲା ଯେ ଫକିରମୋହନ ସେନାପତିଙ୍କ ପରି ଲେଖକଙ୍କ ପୁସ୍ତକ ସଂଖ୍ୟାଧିକ ପ୍ରକାଶକ ସମାନ ମୂଲ୍ୟରେ ପ୍ରକାଶ କରିଛନ୍ତି । ହେଲେ କିଣାଯିବା ସମୟରେ କେଉଁ ପ୍ରକାଶକଠାରୁ ବହି କିଣାଯିବା ଦରକାର ତାହା ଉଲ୍ଲେଖ ନଥିଲେ ଜାଣିବା କଷ୍ଟକର, ଯାହା ଚଳିତବର୍ଷ ହୋଇଛି ।

ପ୍ରକାଶକମାନଙ୍କ ଅଭିଯୋଗ ହେଲା ଯେ ସରକାର ନିର୍ବାଚିତ ପୁସ୍ତକଗୁଡିକର ତାଲିକା ପ୍ରସ୍ତୁତି ବେଳେ କିଛି ମୁଷ୍ଟିମେୟ ପ୍ରକାଶକଙ୍କୁ ଅନୁଚିତ ଅନୁକମ୍ପା ପ୍ରଦର୍ଶନ କରିବାକୁ ଯାଇ ଏଭଳି ଜାଲିଆତି କରିବାକୁ ସୁଯୋଗ ଦେଇଛନ୍ତି, ଯଦ୍ୱାରା ଅଳ୍ପ କିଛି ପ୍ରକାଶକ କୋଟି କୋଟି ଟଙ୍କାର ବହି ବିକ୍ରି କଲାବେଳେ ବହୁସଂଖ୍ୟାରେ ପ୍ରକାଶକ ମୂଳରୁ ଏଥିରେ ପ୍ରବେଶ କରିପାରିନାହାନ୍ତି । ଅନ୍ୟ ଏକ ଅଭିଯୋଗ କଲେଜମାନଙ୍କରେ ଦେଖିବାକୁ ମିଳିଛି । ତାହାହେଲା ଯେଉଁ କିଛି ପୁସ୍ତକ ବାରମ୍ବାର ନିର୍ବାଚିତ ହୋଇଛି ଏବଂ ବାରମ୍ବାର ଅତୀତରେ କିଣାଯାଇଛି ଏବେ ସେଭଳି ବହୁପୁସ୍ତକ ପୁନର୍ବାର କିଣିବାକୁ କୁହାଗଲା ବେଳେ ନିକଟ ଅତୀତରେ ପ୍ରକାଶ ପାଇଥିବା ବହୁ ଭଲ ପୁସ୍ତକ ତାଲିକାରୁ ବାଦ ପଡିଛି । ଫଳରେ କଲେଜର ପାଠାଗାରଗୁଡିକରେ ଗୋଟିଏ ଗୋଟିଏ ଶୀର୍ଷକର ପୁସ୍ତକ ଏକାଧିକ ସଂସ୍କରଣ ଥିଲାବେଳେ ଏବେ ସେହି ପୁସ୍ତକକୁ ସେମାନେ "ବାପରାଣ ଢିଙ୍କି ଗିଳ" ନୀତିରେ କିଣିବାକୁ ବାଧ ହୋଇଛନ୍ତି । ପୁସ୍ତକ ନିର୍ବାଚନ କରାଯିବା ପୂର୍ବରୁ ଦାଖଲ ହୋଇଥିବା ପୁସ୍ତକ ଆଗରୁ କିଣାଯାଇଛି କି ନାହିଁ, ଅଥବା ପାଠାଗାରଗୁଡିକୁ ଯୋଗାଇ ଦିଆଯାଇଛିକି ନାହିଁ, କିମ୍ବା ପୁସ୍ତକଗୁଡିକୁ ପାଠାଗାର କିଣିଛନ୍ତି କି ନାହିଁ, ସେ ସଂପର୍କରେ କୌଣସି ତଥ୍ୟ ସଂଗ୍ରହ କରିବାକୁ କିମ୍ବା ବହିଦାଖଲ ବେଳେ ଘୋଷଣା କରିବାକୁ ପ୍ରକାଶକମାନଙ୍କୁ ବିଭାଗ ନ କହିବା ଯୋଗୁ ଅନେକ ଭଲ ପୁସ୍ତକ ଯୋଗାଣ ସୁଯୋଗରୁ ବଞ୍ଚିତ ହୋଇଛନ୍ତି ବା ବହୁ ଭଲପୁସ୍ତକ କଲେଜ ପାଠାଗାରଗୁଡିକୁ ଯାଇପାରିନାହିଁ । ବହି ନିର୍ବାଚନ ପୂର୍ବରୁ ସଂପୃକ୍ତ ବିଭାଗ କଲେଜଗୁଡିକର ମତାମତ ଚାହିଁଥିଲେ ଭଲ ହୋଇଥାନ୍ତା । ଡିଜିଟାଲ ଯୁଗରେ ଏବଂ ସବୁ କଲେଜଗୁଡିକ ଶିକ୍ଷା ବିଭାଗର ପୋର୍ଟାଲରେ ଯୋଡିହୋଇ କାର୍ଯ୍ୟ କରୁଥିବା ସମୟରେ ଏହି କାର୍ଯ୍ୟ ବହୁ କମ୍ ସମୟରେ ହୋଇପାରିଥାନ୍ତା । କଲେଜ ଗୁଡିକ ସେମାନଙ୍କ ଆବଶ୍ୟକତା ବିଷୟରେ ବିଭାଗକୁ ଜଣାଇବାକୁ ଅନ୍ତତଃପକ୍ଷେ ସୁଯୋଗ ପାଇଥାନ୍ତେ । ସରକାର ଅର୍ଥ ଦେଉଥିବା ହେତୁ ନିଷ୍ପତ୍ତିଗତ ଅଧିକାର ସବୁ ହାତରେ ରଖିବେ ଏମିତି କିଛି କଥା ନାହିଁ । ଏସବୁ ଅସୁବିଧା ଜଳଜଳ ଦୃଷ୍ଟିଗୋଚର ହେଉଥିଲେ ମଧ୍ୟ ବହି ବିକ୍ରିରେ କିଛି ଗଣମାଧ୍ୟମ ସଂସ୍ଥା ଉପକୃତ ହୋଇଥିବା ହେତୁ ସେମାନେ କଲେଜର ଅସୁବିଧା ବିଷୟରେ କିଛି ନକହି ଚୁପ୍ ରହିଛନ୍ତି । "ତୁ ତ ମୁତୁରୀ, ମୁଁ ତ ମୁତୁରୀ ହେଁସ କାହିପାଇଁ ଧୋଇବା" ନ୍ୟାୟରେ ସେମାନେ ମଧ୍ୟ ପ୍ରକୃତ ସମସ୍ୟାକୁ ଲୋକଙ୍କ ଦୃଷ୍ଟିକୁ ନଆଣି ନିଜ ଲାଭ କମାଇବାରେ ବ୍ୟସ୍ତ । ଏମିତି ରାଜ୍ୟ ଚାଲିଲେ ଲୋକେ ରହିବେ ତ ? ଶିକ୍ଷା ରହିବ ତ ? ଅସ୍ମିତା ଉଜ୍ଜ୍ୱଳ ହେବ ତ ?

ଏହି ବହିକିଣାର ଅନ୍ୟ ଏକ ଅନ୍ଧକାରପକ୍ଷ ହେଲା ଲେଖକମାନଙ୍କୁ ଠକେଇ । ବହିଯୋଗାଣ ପାଇଁ ପୁସ୍ତକ ଆହ୍ୱାନ କରାଯିବା ସମୟରେ ସଂପୃକ୍ତ ପ୍ରକାଶକ ମୂଳ ଲେଖକଙ୍କୁ ତାଙ୍କ ରାଜଭାଗ ବା ରୟାଲିଟୀ ଦେଉଛନ୍ତି କି ନାହିଁ ତାହା ଦେଖାଯିବା କଥା । ରାଜା ରାମମୋହନ ରାୟ ପାଠାଗାର ଯୋଜନାରେ ଏହି ନିୟମଟି ବିଜ୍ଞାପନ ପ୍ରକାଶନ ବେଳରୁ ସ୍ପଷ୍ଟ ହୋଇଥାଏ । ଅଥଚ ଗଣଶିକ୍ଷା କିମ୍ବା ଉଚ୍ଚଶିକ୍ଷା ବିଭାଗର ବହିକିଣାରେ ବହୁ ଅର୍ଥ ଆସୁଥିଲା ବେଳେ ଫଟା ନୂଆପଇସା ଲେଖକମାନେ ପାଉନାହାନ୍ତି, ଅଥଚ ପ୍ରକାଶକମାନେ ସଂସ୍କରଣ ପରେ ସଂସ୍କରଣ ଛାପି ବିକ୍ରି କରିବାରେ ବ୍ୟସ୍ତ । ଭାରତୀୟ କପିରାଇଟ ଆଇନ ଅନୁଯାୟୀ ଏହା ଦଣ୍ଡନୀୟ ଅପରାଧ । ଅତୀତରେ ଲେଖକୀୟ ସ୍ୱତ୍ତ୍ୱ ନଦେଇଥିବା ପ୍ରକାଶକଙ୍କ ବିରୋଧରେ ଅଭିଯୋଗ କୋର୍ଟ କଚେରୀକୁ ଯାଇଛି । ଅଧିକାରୀମାନେ ବହି ଯୋଗାଣର ବିଜ୍ଞାପନ ପ୍ରସ୍ତୁତି ବେଳେ ଯେପରି ଲେଖକର ଅଧିକାରକୁ ଏଡାଇଗଲେ ତାହା ସବୁଠୁ ଅଧିକ ଚିନ୍ତାର ବିଷୟ । ରାଜ୍ୟ ସରକାର ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ସ୍ୱାଭିମାନର କଥା, ଅସ୍ମିତାର କଥା କହୁଥିଲାବେଳେ କୋଟିକୋଟି ଟଙ୍କାର ବ୍ୟବସାୟରେ ଲେଖକକୁ ପାହୁଲାଟିଏ ଦେବାର ବ୍ୟବସ୍ଥା ରଖିବେ ନାହିଁ, ତାହା ହିଁ ଲେଖକଙ୍କ ମନରେ କ୍ଷୋଭ ସୃଷ୍ଟି କରୁଛି । ଏକଥା ସାଧାରଣରେ ପ୍ରକାଶ କଲେ ବିଭାଗ ଓ ପ୍ରକାଶକଙ୍କର ଟାର୍ଗେଟରେ ଲେଖକଟିଏ ରହିବାର ସମ୍ଭାବନା ଥିବାରୁ ସାଧାରଣତଃ କେହି ପାଟି ଖୋଲୁନାହାନ୍ତି । ଏହାଛଡା ଓଡିଶାରେ ବହିଲେଖା ପେଷା ନହୋଇ ଅବସର ବିନୋଦନର କାର୍ଯ୍ୟ ହୋଇଥିବା ହେତୁ ସମସ୍ତେ ଲେଖକକୁ ଲଣ୍ଡା କରିବାରେ ବ୍ୟସ୍ତ । ସାହିତ୍ୟାନୁଷ୍ଠାନଗୁଡିକ ବିଭାଗୀୟ ଅନୁଦାନ, ବିଧାୟକ-ସାଂସଦଙ୍କ ଅନୁଦାନ କିମ୍ବା ଦାନରେ କାର୍ଯ୍ୟକ୍ରମମାନ କରୁଥିବା ହେତୁ ସେମାନେ ମଧ୍ୟ ବିଲେଇ ବେକରେ ଘଣ୍ଟି ବାନ୍ଧିବାକୁ ଚାହୁଁନାହାନ୍ତି ।

ଏହି ବହିକିଣାର ଅନ୍ୟ ଏକ ବିଷୟ ହେଲା ପୁସ୍ତକ ଆହ୍ୱାନ ଟେଣ୍ଡରରେ ରହୁଥିବା ନିୟମାବଳୀ । ରାଜା ରାମମୋହନ ରାୟ ପାଠାଗାର ପୁସ୍ତକ ଯୋଗାଣରେ କେଉଁଠି ଜିଏସ୍‌ଟି ଲୋଡା ହେଉନଥିବା ବେଳେ ଗଣଶିକ୍ଷା ବିଭାଗର ପାଠାଗାର ଯୋଜନାର ବହିକିଣା ପାଇଁ ପ୍ରକାଶକ ଜିଏସଟି ଯୁକ୍ତ ହେବାର ନିୟମକୁ ଯୋଡାଯିବା ଯୋଗୁ ବହୁ ଲେଖକ ଏବଂ ପ୍ରକାଶକ ଆବେଦନରୁ ବଞ୍ଚିତ ହେଲେ । ଓଡିଶାରେ ସାହିତ୍ୟ ଓ ସଂସ୍କୃତିର ପୁସ୍ତକ ଜିଏସ୍‌ଟି ମୁକ୍ତ ଥିବା ସମୟରେ ଟେଣ୍ଡରରେ କାହିଁକି ଏହି ସର୍ତ୍ତଟି ଯୋଡାଗଲା ତାହା ସନ୍ଦେହ ଘେରରେ । ତେବେ ଏହା ଯେ କିଛି ନିର୍ଦ୍ଦିଷ୍ଟ ପ୍ରକାଶକଙ୍କ ସ୍ୱାର୍ଥପାଇଁ ହୋଇଛି ତାହା ବେଶ୍ ସ୍ପଷ୍ଟ । କାରଣ ଏହି କାରଣରୁ ଅଳ୍ପ କିଛି ପ୍ରକାଶକ ମୋଟା ଅଙ୍କର ପୁସ୍ତକ ବିକ୍ରି କରିବାକୁ ସକ୍ଷମ ହେଲେ । ଏହାଛଡା ଅନ୍ୟ ଏକ ସର୍ତ୍ତ ଥିଲା ଯେ ଗତ ବାର୍ଷିକ ହାରାହାରି ୧୦ଲକ୍ଷ ଟଙ୍କାର ପୁସ୍ତକ ବିକ୍ରିର ପ୍ରମାଣ ପ୍ରକାଶକଙ୍କୁ ଦେଖାଇବାକୁ ହେବ । ପାଠପଢା ପୁସ୍ତକ ଛାପୁଥିବା ତଥା ମାନେ ବହି, ପ୍ରଶ୍ନୋତ୍ତରୀ, ସମ୍ଭାବ୍ୟ ପ୍ରଶ୍ନାବଳୀ ପରୀକ୍ଷା ପାଇଁ ଛାପୁଥିବା ପ୍ରକାଶକମାନେ ଜିଏସଟି ଦେବାରେ ଅସୁବିଧା ନାହିଁ । କାରଣ ପ୍ରତିବର୍ଷ ରାଜ୍ୟରେ ଓଡିଆ ବର୍ଣ୍ଣବୋଧ ପୁସ୍ତକ ୪୦ଲକ୍ଷରୁ ଅଧିକ ବିକ୍ରି ହେଉଥିବା ସମୟରେ ପ୍ରତିଷ୍ଠିତ ଲେଖକ ଓ ଲେଖିକାଙ୍କ ଓଡିଆ ପୁସ୍ତକ ବର୍ଷରେ ଅଳ୍ପ କିଛି ସଂଖ୍ୟାରେ ବିକ୍ରି ହୋଇଥାଏ । ବର୍ଣ୍ଣବୋଧ ସହ ସାହିତ୍ୟ ସମାଲୋଚନା କିମ୍ବା ପ୍ରବନ୍ଧ ବହିକୁ ସମାନ କରି ତୁଳନା କରାଯାଇପାରିବ ନାହିଁ । ଏକଥା ସତ ଯେ ଟେଣ୍ଡରକାଗଜ ପ୍ରସ୍ତୁତି ବେଳେ ଯେପରି ସ୍ୱଚ୍ଛତାକୁ ଜୋରଦେବା, ଅଧିକରୁ ଅଧିକ ପୁସ୍ତକ ପ୍ରକାଶକ ଏବଂ ଲେଖକ ଏଥିରେ ସାମିଲ ହେବା, ନୂଆ ନୂଆ ପୁସ୍ତକ ବିଚାର ପାଇଁ ଆସିବାର ମାର୍ଗ ଉନ୍ମୁକ୍ତ କରାଯିବା ଦରକାର ଥିଲା, ତାହା କରାଯିବା ସମ୍ଭବ ହୋଇନାହିଁ । ପ୍ରକାଶକମାନଙ୍କର ଅଭିଯୋଗ ହେଉଛି କିଛି ଚୟନକର୍ତ୍ତାଙ୍କୁ କେନ୍ଦ୍ରକରି । ଅତୀତରେ ଜଣେ ଚୟନକର୍ତ୍ତା ନିଜର ଚାକିରୀ କାଳରେ ଅଭିଯୁକ୍ତ ହୋଇଥିଲେ ଏବଂ ବାଧହୋଇ ତାଙ୍କୁ ଅଦାଲତଙ୍କ ନିର୍ଦ୍ଦେଶ ବଳରେ ବଦଳି କରାଯାଇଥିଲା, ଯାହାଙ୍କ କାର୍ଯ୍ୟକୁ କେନ୍ଦ୍ରକରି ଅତୀତରେ ପୁସ୍ତକ ଚୟନ ସମୟରେ ଜାଲିଆତି ଅଭିଯୋଗ ହୋଇଥିଲା, ସେଭଳି ବ୍ୟକ୍ତିଙ୍କୁ ଚୟନକର୍ତ୍ତାଙ୍କ ଗୋଷ୍ଠୀରେ ରଖିବା କେତେଦୂର ଯୁକ୍ତିଯୁକ୍ତ ତାହା ପ୍ରଶ୍ନବାଚୀ ସୃଷ୍ଟି କରେ । ଏହାଛଡା ଏହି ଚୟନକର୍ତ୍ତାଙ୍କ ମଧ୍ୟରୁ ଜଣେ ସଦସ୍ୟ ବିଗତ ଦିନରେ ଜଣେ ମନ୍ତ୍ରୀଙ୍କ ପିତାଙ୍କ ଶୋକପୁସ୍ତିକାର ସଂପାଦନା ମଣ୍ଡଳୀରେ ଥିଲାବେଳେ କଲେଜ ବହି ଚୟନକର୍ତ୍ତା ଗୋଷ୍ଠୀରେ ମଧ୍ୟ ରହିଥିଲେ । ମନ୍ତ୍ରୀଙ୍କ ପିତାଙ୍କ ଶୋକପୁସ୍ତିକା ହଜାର ହଜାର ସଂଖ୍ୟାରେ ଛାପି ଓଡିଶାରେ ବାଣ୍ଟିଥିବା ପୁସ୍ତକ ପ୍ରକାଶକଙ୍କୁ ଉଚ୍ଚଶିକ୍ଷା ବିଭାଗ ପାଠାଗାର ପୁସ୍ତକ ଯୋଗାଣରେ ସର୍ବାଧିକ ପରିମାଣର ପୁସ୍ତକ ଅର୍ଡର ଦିଆଯାଇଛି ବୋଲି ଅଭିଯୋଗ ଉଠିଛି । ସେହି ଚୟନକର୍ତ୍ତା ଅତୀତରେ ଜଣେ ସରକାରୀ କର୍ମଚାରୀ ରହି ନିଜ ସ୍ତ୍ରୀଙ୍କ ନାମରେ ନିଜ ବିଭାଗର ବହି ଯୋଗାଣ ପ୍ରକ୍ରିୟାରେ ଜାଲିଆତି କରି ପ୍ରବେଶ କରିଥିବା ଅଭିଯୋଗ ଅଦାଲତରେ ଉଠିବା ପରେ ଯେଉଁ ବିବାଦ ସୃଷ୍ଟି ହୋଇଥିଲା ସେଥିରେ ପ୍ରାୟ ତିନିକୋଟି ଟଙ୍କା ମୂଲ୍ୟର ବହି ରାଜ୍ୟର ହାଇସ୍କୁଲଗୁଡିକର ପାଠାଗାରକୁ ଯାଇପାରିନଥିଲା । ଆଶ୍ଚର୍ଯ୍ୟର କଥା ଯେ ବାରମ୍ବାର ଦୋଷୀ ସାବ୍ୟସ୍ତ ହେଉଥିବା ଲୋକେ ପୁନର୍ବାର ବୁଲିବୁଲି କେନ୍ଦ୍ରକୁ ଆସିବା, ଆଉ ସରକାର ଏବଂ ପ୍ରଶାସନ ସେମାନଙ୍କ ଅତୀତକୁ ନଜର ଅନ୍ଦାଜ କରିବା ।

ଚଳିତ ବର୍ଷ କେତେକ ପ୍ରକାଶକ ନିଜ ନିଜର ମୁଖ୍ୟ ପ୍ରକାଶନ ସଂସ୍ଥା ଛଡା ଅନେକ ଅଜଣା ପ୍ରକାଶନ ସଂସ୍ଥା ନାମରେ ମଧ୍ୟ ଅର୍ଡର ନେଇଛନ୍ତି ବା ଏକାଧିକ ସଂସ୍ଥା ନାମରେ ଅର୍ଡର ପାଇଛନ୍ତି । ପ୍ରକାଶକଙ୍କ ଅଭିଯୋଗ ହେଲା ଯେ ବିବଦମାନ ଚୟନକର୍ତ୍ତାଙ୍କୁ ନିର୍ଦ୍ଦିଷ୍ଟ ପ୍ରକାଶକ ଗୋଷ୍ଠୀ ଦୁଇଟି ସ୍ଥାନରେ ଦାୟିତ୍ୱ ଦେଇ ନିଜ ସପକ୍ଷରେ ସଂଖ୍ୟାଧିକ ପୁସ୍ତକକୁ କିଣା ତାଲିକାଭୁକ୍ତ କରିବାକୁ ସକ୍ଷମ ହୋଇଛନ୍ତି । ଅର୍ଥାତ୍ ପରସ୍ପର ପରସ୍ପରକୁ ସାହାଯ୍ୟ କରି ଲାଭ ଉଠାଇଛନ୍ତି । ଶୁଣାଯାଏ ଯେ ଗତ ଲୋକସଭା ନିର୍ବାଚନ ପ୍ରଚାରକାଳରେ ଯେଉଁ ପ୍ରକାଶକ ଗୋଷ୍ଠୀ ନିର୍ବାଚନ ପ୍ରଚାରରେ ଲାଗିଥିଲେ ସେମାନଙ୍କୁ ଅଧିକ ଅର୍ଡର ମିଳିଛି ବା ସେମାନଙ୍କର ଅଧିକ ବହିକୁ କିଣାଯିବାଲାଗି ତାଲିକାଭୁକ୍ତ କରାଯାଇଛି । ଯଦି ଏହି ଅଭିଯୋଗ ପ୍ରକୃତରେ ସତ୍ୟ ହୋଇଥାଏ,ତେବେ ଏହା ସାଂଘାତିକ ନିଶ୍ଚୟ, ତଦନ୍ତ ସାପେକ୍ଷ । ରାଜ୍ୟ ସରକାର ପୁସ୍ତକ କ୍ରୟନୀତି ଘୋଷଣା ନ କରିବା ଦ୍ୱାରା ସବୁବେଳେ ଏ ପ୍ରକାର ଜାଲିଆତି ହେଉଛି । ରାଜ୍ୟରେ ପୁସ୍ତକ ପ୍ରକାଶନକୁ ଶିଳ୍ପର ମାନ୍ୟତା ପ୍ରଦାନ କରି ପ୍ରକାଶକମାନଙ୍କୁ ସୁବିଧାରେ ମୁଦ୍ରଣ ଓ ପ୍ରକାଶନ ପାଇଁ ସରକାର ଋଣ ଯୋଗାଇ ଦେଇପାରିଲେ ପ୍ରତିବର୍ଷ ଭଲ ଭଲ ପୁସ୍ତକ ପ୍ରକାଶ ପାଇପାରନ୍ତା । ଶିକ୍ଷାନୁଷ୍ଠାନ ପାଇଁ ବହିକିଣା ସମୟରେ ରାଜା ରାମମୋହନ ରାୟ ପାଠାଗାର ଯୋଜନା ପରି ବିଗତ ତିନିରୁ ପାଞ୍ଚବର୍ଷ ମଧ୍ୟରେ ପ୍ରକାଶିତ ପୁସ୍ତକ କ୍ରୟ କରାଯାଇପାରିଲେ ପାଠାଗାରଗୁଡିକ ନୂଆ ନୂଆ ବହିରେ ସମୃଦ୍ଧ ହୋଇପାରନ୍ତା । ବିଦ୍ୟାଳୟ ଏବଂ କଲେଜ ପାଠାଗାରଗୁଡିକୁ ଆର୍ଥିକ ସହାୟତା ଯୋଗାଇ ଦେବାବେଳେ ଭିନ୍ନ ଭିନ୍ନ ଜିଲ୍ଲାର ଲେଖକ ଏବଂ ପ୍ରକାଶକଙ୍କଠାରୁ ଯେପରି ବହି ଚୟନକର୍ତ୍ତାଙ୍କ ଟେବୁଲକୁ ଯାଇପାରିବ ସେଥିପ୍ରତି ଦୃଷ୍ଟି ଦିଆଯିବା ଦରକାର । ପୁସ୍ତକ ଚୟନ ପ୍ରକ୍ରିୟାକୁ ସ୍ୱଚ୍ଛ ବାଛବିଚାର ମୁକ୍ତ ନ କଲେ ପ୍ରକୃତ ନ୍ୟାୟ ଦେବା କଷ୍ଟକର ହେବ ।


ଭାରତୀୟ ସମ୍ବାଦ ସେବା(ଭାସ୍)

ଭୁବନେଶ୍ୱର-୭୫୧୦୦୩


## ସରକାର କିଛି କରି ପାରିଲେ ନାହିଁ ଶେଷରେ ହାଇକୋର୍ଟ ନିଷେଧ କଲା



**ସୁବ୍ରତ କର**

୧୯୬୦ ମସିହାରେ ପ୍ରଣୟନ ହୋଇଥିବା ଗୋ ହତ୍ୟା ବିରୋଧୀ ଆଇନ ଏ ପର୍ଯ୍ୟନ୍ତ ଠିକ୍ ଭାବରେ ସରକାର ଲାଗୁ କରିପାରି ନଥିଲେ। ସମସ୍ତେ କହୁଛନ୍ତି ଏହାକୁ ଇଚ୍ଛା କରି ଲାଗୁ କରି ନଥିଲେ ଠିକ୍ ୧୯୫୬ ମସିହା ମଦ ନିଷେଧ ଆଇନ ଭଳି । ଏହି ଦୁଇଟି ଆଇନ ସରକାର ଇଚ୍ଛାକୃତ ଭାବରେ ଲାଗୁ କରି ନାହାନ୍ତି କାରଣ ଏହା ସ୍ପଷ୍ଟ ଭାବରେ ଇଂଗିତ କରୁଛି ଭୋଟ ରାଜନୀତି ଆଡ଼କୁ । ଯାହା ଚାଲୁଛି ଚାଲୁ । ମଦରୁ ୭୦୦୦ କୋଟି ଟଙ୍କା ବର୍ଷକୁ ସରକାର ଆଦାୟ କରୁଛନ୍ତି କିନ୍ତୁ ଗୋ ହତ୍ୟାରୁ ସରକାରଙ୍କୁ ସେମିତି କିଛି ମିଳିବାର ନାହିଁ । ହାଇକୋର୍ଟକୁ ଏବଂ ଗୌଜ୍ଞାନ ଫାଉଣ୍ଡେସନ ହେଉଛନ୍ତି ଧନ୍ୟବାଦର ପାତ୍ର । ଯେଉଁ କାର୍ଯ୍ୟକୁ ସରକାର ଦୀର୍ଘ ୬୫ବର୍ଷରେ କରି ପାରିଲେ ନାହିଁ ତାହାକୁ ହାଇକୋର୍ଟଙ୍କ ଗୋଟାଏ ଆଦେଶରେ ସବୁକିଛି ବାଟକୁ ପଳାଇ ଆସିଲା । ୧୯୬୦ ଆଇନ ଅନୁସାରେ ଆଇନରେ ଧାରା ୩ ଅନୁସାରେ ଗୋ ହତ୍ୟା ସଂପୂର୍ଣ୍ଣ ନିଷେଧ ହୋଇଥିବା ବେଳେ ଆଇନ ଅନୁସାରେ ପ୍ରାଧିକୃତ କର୍ତ୍ତୃପକ୍ଷ (କମିଟେଣ୍ଟ ଅଥରିଟି) ଏ ପର୍ଯ୍ୟନ୍ତ ଏ ଦିଗରେ ସରକାରଙ୍କ ତରଫରୁ କୌଣସି ପଦକ୍ଷେପ ନିଆ ହୋଇନାହିଁ । ସେହି ଆଇନର ଧାରା ୨ ଅନୁସାରେ ପ୍ରାଧିକୃତ କର୍ତ୍ତୃପକ୍ଷକୁ ନିଯୁକ୍ତ ପ୍ରଦାନ କରିବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହା ଉପରେ ସରକାର କଣ ପଦକ୍ଷେପ ନେଲେ ପରବର୍ତ୍ତୀ ଶୁଣାଣିରେ ଅବଗତ କରିବାକୁ କୋର୍ଟ କଡ଼ା ନିର୍ଦ୍ଦେଶ ଦେଇଛନ୍ତି । ଏବେ ଆମେ ଖବର କାଗଜ ଖୋଲିଲେ ଦେଖିବା ସାରା ଓଡ଼ିଶାର କେଉଁଠି ନା କେଉଁଠି ଗୋ ଚାଲାଣ ହେଉଛି ଏବଂ ରିତିମତ ପୋଲିସ ବା ସାଧାରଣ ଜନତାଙ୍କ ଦ୍ୱାରା ଧରାପଡ଼ି ଜେଲ ଯାଉଛନ୍ତି । ଏହା ଭିତରେ ମଧ୍ୟ ଅନେକ ଗାଡ଼ି ଖସି କଲିକତା ପଳାଇ ଯିବାରେ ସକ୍ଷମ ହେଉଛନ୍ତି ଠିକ୍ ଗଞ୍ଜେଇ ଚାଲାଣ ଧରିବା ଭଳି । ଆଜି ଯେଉଁ ଲୋକ ଧରା ପଡୁଛନ୍ତି ଜେଲରୁ ବାହାରି ଆସି ପୁଣି ସେହି କାମରେ ଲିପ୍ତ ରହୁଛନ୍ତି । ପୁଣି ସରକାରଙ୍କ ପାଖକୁ ଫେରିବା । ଯଦି ମଦ ଚାଲାଣ ଗାଇ ଚାଲାଣ ବା ଗଞ୍ଜେଇ ଚାଲାଣ ଗାଡ଼ି ଏବଂ ତାର ମାଲିକଙ୍କୁ କଠୋର ଦଣ୍ଡ ବିଧାନର ବ୍ୟବସ୍ଥା ହୁଅନ୍ତା ତେବେ ହୁଏତ ସବୁ ଧନ୍ଦା ବନ୍ଦ ନ ହେଲେ ମଧ୍ୟ କମି ଯାଆନ୍ତା । ଥରେ ଗୋ ଚାଲାଣ କମିଗଲେ ନିଶ୍ଚିତ ଭାବରେଗୋ ହତ୍ୟା କମି ଯାଆନ୍ତା । କାହିଁକି ସରକାର ସବୁକିଛି ଜାଣି ଶୁଣି କୋହଳ ମନ ଭାବ ଇଚ୍ଛା କରି ପୋଷଣ କରିବା ଠିକ୍ ନୁହଁ । ଏ ସବୁ କିଛି ବନ୍ଦ କରିବାର ଏକମାତ୍ର ବାଟ ହେଉଛି କୋଠର ଦଣ୍ଡର ବ୍ୟବସ୍ଥା । ଗତକାଲି ହାଇକୋର୍ଟ ରାଜ୍ୟରେ ଗୋ ହତ୍ୟା ଉପରେ ରୋକ୍ ଲଗାଇଲେ ଆଜି ସମ୍ବଲପୁରଠାରେ ପୋଲିସ ଚଢ଼ଉ କରି ଏକ କ୍ୱିଣ୍ଟାଲ ଗୋ ମାଂସ ଜବତ କରିଛି, ତା' ସହିତ ୧୨ଟି ଗାଇକୁ ମଧ୍ୟ ଉଦ୍ଧାର କରିଛି ଏବଂ ସଂପୃକ୍ତ ଥିବା ୯ ଜଣକୁ ଗିରଫ ମଧ୍ୟ କରିଛି । ଏ ଘଟଣାଟି ସମ୍ବଲପୁରର ଧନୁପାଲି ଥାନାରେ ମାମଲା ରୁଜୁ କରା ହୋଇଛି । ଏବଂ ଅଭିଯୁକ୍ତ ମାନଙ୍କୁ ଅଦାଲତ ଚାଲାଣ କରାହୋଇଛି । ଉଦ୍ଧାର କରାହୋଇଥିବା ୧୨ଟି ଗାଇକୁ ସ୍ଥାନୀୟ ଶ୍ରୀକୃଷ୍ଣ ଗୋଶାଳାରେ ରଖାଯାଇଛି । ରାଜ୍ୟର ଜନସାଧାରଣ ତାଙ୍କର ଇଚ୍ଛା ଏହି ସବୁ ଘଟୁଥିବା ଘଟଣାଗୁଡ଼ିକୁ ସରକାର ଏବଂ ପୋଲିସ ଅତି ଗଭୀର ଭାବରେ ନେଇ ସଂପୃକ୍ତ ଲୋକଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ହେବା ଉଚିତ । ଏବଂ ଯେଉଁ ସଂସ୍ଥାମାନେ ଏହାକୁ ଅତି ସାହସର ସହିତ ଧରୁଛନ୍ତି ସେମାନଙ୍କୁ ରାଜ୍ୟ ସରକାରଙ୍କ ତରଫରୁ ବିଶେଷ ଭାବରେ ସମ୍ମାନୀତ କରିବା ଉଚିତ ।




## ଆସୁଛି ଅଗଷ୍ଟ ପନ୍ଦର

**ଲତିକା ମହାପାତ୍ର**

କିଛି ନୂଆ କଥା କୁହ
କିଛି ନୂଆ କାମ କର
ନିରାଶାର କଳା ବାଦଲ ହଟିବ
ଆମକୁ ହଟେଇବାକୁ ହେବ ଏ କାଳିମା

ଆମେ କେମିତି ବସି ପାରିବା
ହାତ ବାନ୍ଧି ?
କେମିତି ରହି ପାରିବା ନୀରବ
ହୋଇ ?

କେମିତି ସହିଯିବା ଅନ୍ୟାୟ ଅନାଚାର
ଜଡ଼ ମୂକ ପାଷାଣ ହୋଇ
ଆସ ଆମେ ମେଳି ହୋଇ
କରିବା ଲଢେଇ

ଆଉ ବସି ରୁହନା
ମୋବାଇଲରେ ମୁହଁ ମାଡି
ଚଳଚ୍ଚିତ୍ର ଧାରାବାହିକ ରେ ମଗ୍ନ
ହୋଇ

ଆସ, ଲୋକଙ୍କ ପାଖକୁ
ଭାଇ ହୋଇ, ବନ୍ଧୁ ହୋଇ
ସ୍ନେହ ସୌହାର୍ଦ୍ଦ୍ୟ ରେ
ଭୁଲି ଯାଇ ଶ୍ରେଣୀ, ବର୍ଣ୍ଣ, ଜାତି,
ଧର୍ମ

ବଦଳାଅ ମାନସିକତା
ଜଡତା, ଆଳସ୍ୟ, ଉତ୍ସାହହୀନତା
ତେଜି ଦିଅ ଉତ୍ସାହର ଦୀପ
ବୁଝେଇବାକୁ ହେବ
ଶିକ୍ଷାର ମହତ୍ତ୍ୱ
ପ୍ରକୃତ ସାଧୁତାର ପରିଭାଷା
ମାନବ୍ୱାଦ
ପ୍ରକୃତ ଆଧ୍ୟାତ୍ମିକତା
ବୁଝେଇବାକୁ ହେବ ସରଳ
ଜୀବନଚର୍ଯ୍ୟା
ସୁଖର ବାସ୍ତବ ସମୀକରଣ
ଦୁର୍ନୀତି ବିରୁଦ୍ଧରେ ଜାଗ୍ରତ କରିବା
ଜନ ଚେତନା

ବଡ଼ ଘଡିସନ୍ଧି ମୁହୂର୍ତ୍ତ ଏ
ପ୍ରତି ମୁହୂର୍ତ୍ତରେ ଝିଅଟିଏ
ବିପଦର ଘେରାବନ୍ଦୀରେ
ରାସ୍ତା ସାରା ଖାଲ
କେଉଁଠି ନା କେଉଁଠି ରାସ୍ତା
ଦୁର୍ଘଟଣା
ମର୍ମନ୍ତୁଦ ମୃତ୍ୟୁ

ଭାଙ୍ଗି ଯିବା,
ହାରି ଯିବାନାହିଁ ଆମେ

ହଉ ପଛେ ଗାଢ଼ ଅନ୍ଧାର
ଆମକୁ ହଟେଇବାକୁ ହେବ ସେ
କାକ କୃଷ୍ଣ କାଳିମା
ଆଲୋକ ର ବନ୍ୟା ଲହଡି ଭାଙ୍ଗିବ
ଆଗାମୀ ପୀଢ଼ି ପାଇଁ
ଆମକୁ ଲଢ଼ିବାକୁ ହେବ
ସ୍ୱାଧୀନ ଦେଶର ନାଗରିକ ହୋଇ
ଗର୍ବ ରେ ମଥା ଟେକି ଚାଲିବାକୁ
ହେବ

# ସ୍ୱପ୍ନର ଘର

ପଦ୍ମାଳୟା ସାମଲ

ଶ୍ରାବଣର ବର୍ଷା। ଥରେ ଆରମ୍ଭହେଲେ, ଛାଡିବାର ନାଁ ଧରୁନି । ଗଛର ଡାଳ, ପତ୍ରମାନେ ଯେତେ ମୁଣ୍ଡ ପିଟିଲେବି ବର୍ଷା ଥମୁନି । ପଶୁ, ପକ୍ଷୀମାନେ ଡରିମରି କିଏ କେଉଁଠି ଲୁଚିପଡ଼ିଛନ୍ତି । ମୋର ନୂଆ ତୋଳାହୋଇଥିବା ଘରର ଛାତରୁ ଭୁସୁଭୁସୁ ହୋଇ ପଡୁଛି ଜଳଧାରା । ବାଲକୋନୀସାରା ଓଦା । ରାସ୍ତାରେ ଆଣ୍ଠୁଏ ପାଣିର ସ୍ରୋତ । ବାହାରକୁ ଚାହିଁହେଉନି।

ଏଇ କିଛିଦିନ ଆଗରୁ ଆମେ ନୂଆ ଘରକୁ ଆସିଛୁ । ଚାକିରି ଜୀବନ କ୍ୱାର୍ଟରରେ ବିତିଗଲା । ପ୍ରୀତିଙ୍କର ଗୋଟେ ବଡ଼ ଘର ଦରକାର ଥିଲା । ଘର ସାମ୍ନାରେ ବଗିଚା ପାଇଁ ଖୋଲା ଜାଗା, ଖୋଲାମେଲା ବାଲକୋନୀ, ବଡ଼ ବଡ଼ ଶୋଇବାଘର, ବାଥଟବ ଥିବା ବଡ଼ ଗାଧୁଆଘର,ବଡ଼ଡ୍ରଇଂରୁମ୍, ମଡ୍ୟୁଲାର ରୋଷେଇଘର । ତାଙ୍କର ସ୍ୱପ୍ନର ଘର । ମନ ମୁତାବକ ସବୁ ତ ହେଲା । ତେବେ ବି ଚିନ୍ତା । ବିଦେଶରେ ଥିବା ପୁଅ ଆଉ ବୋହୂ କଣ ଏ ଘରେ ରହିବେ ? ତାହେଲେ କାହାପାଇଁ ଏ ଘର ? କିଏ ଏହାର ଉତ୍ତରାଧିକାରୀ। ଏ ଘରେ ରହିଲେ ବି ଅସ୍ତବ୍ୟସ୍ତ ଲାଗୁଛି । ତାଙ୍କର ଖାଲି ଦିନରୁ ରାତି ପର୍ଯ୍ୟନ୍ତ ସେଇ ଚିନ୍ତା ।

ନିଜର ଅବୁଝାପଣକୁ ଭିତରେ ରଖି କେବେକେବେ ଆମେ ଅତୀତର ସ୍ମୃତି ମନ୍ଥନ କରୁଛୁ। ଏବେ ତ ଆମ ପାଖରେ ସମୟ ହିଁ ସମୟ । ନିଜର ରୋଗସବୁକୁ ଗ୍ରହଣ କରିନେଇ ବଞ୍ଚିବାକୁ ଚାହୁଁଛୁ । ପ୍ରୀତିଙ୍କର ଡାଇବେଟିସ, ବ୍ଲଡ଼ପ୍ରେସର ସାଙ୍ଗକୁ ଆଣ୍ଠୁଗଣ୍ଠି ବଥା । ଆଉ ମୋର ପଚିଶିବର୍ଷ ତଳୁ ଡାଇବେଟିସ ସହିତ ରକ୍ତଚାପ । ତଥାପି ଘରର ମୁରବି ହିସାବରେ ସବୁ କାମର ଦାୟିତ୍ୱକୁ ମୁଣ୍ଡେଇଥିବା ପାରିଲା ମଣିଷଟିଏ ।

ଆମ ଭିତରେ ଆଉ ପ୍ରେମାଳାପ ନଥିଲା । ଥିଲା ଏତେ ବଡ଼ ଘରଭିତରେ ମେଞ୍ଚା ମେଞ୍ଚା ଶୂନ୍ୟତା ଆଉ ଘରେ ଦୁଃଖ । ଆମେ ସେ ଦୁଃଖ ସବୁକୁ ନିଜ ଭିତରେ ବାଣ୍ଟି ଚାଲୁଥିଲୁ । ସେ ଦୁଃଖରେ କିଏ କେତେ ଭାଗିଦାର । ଆଉ ଶେଷ କଥାଟି ସବୁବେଳେ ସରେ ଗୋଟିଏ ବିନ୍ଦୁରେ। ତାହା ହେଲା - ଆମ ଭିତରୁ ଜଣେ ଚାଲିଗଲେ ?

କଥା ସେତିକିରେ ବନ୍ଦ ହୋଇଯାଏ । କୋହମାନେ ଭିତରେ ରହିଯାଆନ୍ତି । ମତେ ଲାଗେ ପ୍ରୀତି ଏବେ କାନ୍ଦିବା ଆରମ୍ଭ କରିବ । ତାର ବ୍ଲଡ଼ପ୍ରେସର, ସୁଗାର ବଢ଼ିଯିବ । ଧୀରେ ସେ ଜାଗା ଛାଡି ଚାଲିଯାଏ।

ପାଖ ରୁମକୁ ଯାଇ ଝରକା ଖୋଲିଦିଏ । ଭାବନା ରାଜ୍ୟରେ ଘୁରିବୁଲେ। ଏମିତି କେତେ ବର୍ଷା ଆସିଛି ଜୀବନରେ ଆଉ ଚାଲିଯାଇଛି । ଛାଡ଼ିଯାଇଛି କିଛି ସ୍ମୃତି । ଅଧ୍ୟାପକ ଚାକିରୀରେ ଯୋଗଦେବା ପରେ ବାପା ମାଆଙ୍କ ପସନ୍ଦରେ ବାହାଘର । ତା'ପରେ ପୁଅ ସ୍ୱାଗତର ଆଗମନ । ପୁଅର ଉଚ୍ଚଶିକ୍ଷା ବିଦେଶରେ ସରିବାପରେ ସେଇଠି ଚାକିରି ଏବଂ ବାହାଘର। ନାତିର ବିଦେଶିନୀ ସହିତ ବାହାଘର ଖବର ଶୁଣି ବାପା ମାଆଙ୍କ ଦେହାନ୍ତ । ପୁଅର ବର୍ଷକୁ ଥରେ ଘରକୁ ଆଗମନ । ଏସବୁ ଭିତରେ ପେଷିହୋଇଗଲୁ ଆମେ ଦୁଇଜଣ ।

ମନକୁ ବୁଝାଇବାକୁ ପଡେ । କଣ ଅଛି ସେଥରେ, ମଣିଷ ଜାତି ତ ଗୋଟିଏ । ଯାହାହେଲେ ବି ତ ଆମରି ପୁଅ । ଯୋଉଠି ଅଛି ପରିବାର ନେଇ ଭଲରେ ଥାଉ । ସ୍ୱାଗତର ସ୍ତ୍ରୀ ,ଆଲେନ ଭାରତ ଆସିବାକୁ ଭଲ ପାଏନା । ସ୍ୱାଗତ କହିବାରୁ ବର୍ଷକୁ ଥରେ ଆସି ବୁଲିଯାଏ । ସେ ବି ଆମ ପୁଅ ଭଳି ଅଫିସରେ ଚାକିରି କରେ । ହେଲେ ପ୍ରୀତିର ସମସ୍ୟା ଅଲଗା । ସେ କୁହନ୍ତି -'ଆମର ଶୁଦ୍ଧିକ୍ରିୟା କଣ ସେ କରିପାରିବ ? ତାଙ୍କ ମନରେ ମାନ୍ଧାତା ଅମଳର ଦୁର୍ଭାବନା । ମନରେ ଯେତେ ଯାହା ଥିଲେ ବି, ମୁଁ ତାଙ୍କ କଥାରେ ହସିଦିଏ । ମୁଁ ତାଙ୍କୁ କହେ, 'କଣ ଅସୁବିଧା ହେବ ସେ ସବୁ କଲେ ? ମୁକ୍ତି ପାଇବା ନପାଇବା ସବୁକିଛି ମନଗଢ଼ା କଥା। ଯେଉଁମାନଙ୍କର ପୁଣି ପିଲା ନାହାନ୍ତି ? 'ମୋର ଏତିକି କଥାରେ ପ୍ରୀତି ଗମ୍ଭୀର ହୋଇଯାନ୍ତି । ଜାଣେ, ମୋର ଏ କଥା ତାଙ୍କୁ ଭାରି ବାଧୁଥିବ। ତାଙ୍କୁ ଆଘାତ ଦେବା ମୋର ଉଦେଶ୍ୟ ନୁହେଁ ବରଂ ବୁଝେଇବାକୁ ଚେଷ୍ଟା କରେ । ହେଲେ ସେ କୋଉ ବୁଝିବା ଲୋକ !

ହଠାତ୍ ସେପଟରେ କିଛି ପଡିଯିବାର ଶବ୍ଦ । ଦୌଡ଼ିଯାଇ ଦେଖିଲା ବେଳକୁ ପ୍ରୀତି ଗାଧୁଆଘରେ ଲମ୍ବ ହୋଇ ପଡିଛନ୍ତି । ପାଟିରୁ କଥା ବାହାରୁନି। ଠାରରେ କିଛି କହିବାକୁ ଚେଷ୍ଟା କରୁଛନ୍ତି । କିଛି ଭାବିହେଉନି, କଣ କରାଯିବ । ମୁଁ ବଡ଼ ପାଟିରେ ଚିତ୍କାର କଲି । ହେଲେ ବର୍ଷା ପବନରେ ମୋ ଡାକ କାହାକୁ ଶୁଣାଯାଉନି । ମୁଁ ତାଙ୍କୁ ଉଠେଇବାକୁ ଚେଷ୍ଟା କଲି, କିନ୍ତୁ ତାଙ୍କର ଥରଥର ହାତ ମତେ ଜାବୁଡି ଧରିଲା । ସେ ଧୀର କଣ୍ଠରେ କହିଲେ, 'ତମେ ମତେ ଛାଡି କୁଆଡେ ଯାଆନା । ଏଇଠି ରୁହ ମୋ ଆଖି ଆଗରେ । ମୋ ପାଖରେ ସମୟ କମ୍ । ପ୍ରୀତିର ନିରୀହ ଆଖି, ଆକୁଳ ନିବେଦନ ମତେ ସେଠାରୁ



ଇଞ୍ଚେ ଘୁଞ୍ଚିବାକୁ ଦେଲାନାହିଁ । ତା'ର ହାତ ଧରି ମୁଁ ଥରିଲା କଣ୍ଠରେ କହିଲି, 'ମତେ ଏକୁଟିଆ ଛାଡି ତୁମେ କୁଆଡେ ଯିବ ? ତମେ ତ ମୋ ଭିତରେ ଥିବା ଏକ ବିରାଟ ଅଂଶ, ମୁଁ ବଞ୍ଚିବି କେମିତି ?'

ହଠାତ୍ କଲିଂବେଲ୍ ବାଜି ଉଠିଲା । ଏତେ ବର୍ଷାରେ ପୁଣି କିଏ ହେଇପାରେ । ମୋ ଦେହରେ ଯେମିତି ବଳ ପଶିଲା । ସେଠାରୁ ଉଠି କବାଟ ଖୋଲି ଦେଖିଲି ଆମ ପୁଅ ସ୍ୱାଗତ । ଆମକୁ ନ ଜଣେଇ ଏମିତି ଅଚାନକ ଆସି ପହଞ୍ଚିବାର କାରଣ କଣ ପଚାରିବାକୁ ମୋ ପାଖରେ ସମୟ ନଥିଲା । କାଳ ବିଳମ୍ବ ନକରି ବାପ ପୁଅ ଦୁଇଜଣ ମିଶି କଷ୍ଟେମଷ୍ଟେ ଗାଡ଼ିରେ ବସେଇ ପ୍ରୀତିକୁ ହସ୍ପିଟାଲ ନେଲୁ । ଅବିଶ୍ରାନ୍ତ ବର୍ଷାରେ ରାସ୍ତା ଦେଖାଯାଉ ନଥାଏ । କେଜାଣି କେମିତି ପହଞ୍ଚିଗଲୁ ଡାକ୍ତରଖାନାରେ । ହେଲେ ସେତେବେଳକୁ ଡେରି ହୋଇ ଯାଇଥିଲା । ପ୍ରୀତି ଆଉ ଘରକୁ ଫେରିନଥିଲେ । ଫେରିନଥିଲେ, ପୁଅକୁ ଆଖି ପୁରେଇ ଦେଖିବା ପାଇଁ, ମୋ ଆଖିରୁ ଝରିଆସୁଥିବା ଲୁହକୁ ପୋଛିଦେବା ପାଇଁ ।

ଆମର କାହାକୁ ଅପେକ୍ଷା ନଥିଲା । ପ୍ରୀତିର ମରଶରୀରକୁ ଧରି ରାତାରାତି ପହଞ୍ଚିଲୁ ଗାଁରେ । ସେଠାରେ ସ୍ୱାଗତ ତାଙ୍କର ମୁଖାଗ୍ନି ଦେଲା ଯାହା ଥିଲା ପ୍ରୀତିଙ୍କର ଇଚ୍ଛା । ମୋର ସବୁତକ ଲୁହ ସେଇ ଶ୍ମଶାନରେ ଗଡେଇଦେଲି । ସତରେ ଯଦି ପ୍ରୀତିର ଆତ୍ମା ଥାଏ, ତେବେ ସେ ଶୁଣୁଥାଉ ମୋର ନିରୀହ ଭାବ । କିଛି ସମୟ ପରେ ପୁଅ ମୋ ହାତ ଧରି ଘରକୁ ବାଟ କଢେଇ ଆଣିଲା । ଗାଁରେ ବାର ଦିନ ଧରି ପ୍ରୀତିର ଶୁଦ୍ଧିକ୍ରିୟା ଚାଲିଲା । ତା ଭିତରେ ଆମେ ବାପ ପୁଅ ଦୁଃଖସୁଖ ହେବା ପାଇଁ ସମୟ ପାଇନୁ ।

ଗାଁରେ ସମସ୍ତ କ୍ରିୟାକର୍ମ ସାରି ଆମେ ବାପ ପୁଅ ଫେରିଲୁ ସହରରେ ତୋଳିଥିବା ଘରକୁ । ପୁଅକୁ ପଚାରିଦେଲି ତାର ଭଲମନ୍ଦ ଆଉ ବୋହୂ ଆଲେନ କଥା । ହଠାତ୍ ଲକ୍ଷ୍ୟକଲି ତାର ମୁହଁ ଶୁଖିଗଲା । ଥଙ୍ଗମଙ୍ଗ ହୋଇ କହିଲା, 'ବାପା ! ମୁଁ ଆଉ ବିଦେଶ ଯିବିନି । ଆଲେନ ସହିତ ମୋର ଡିଭୋର୍ସ ହୋଇସାରିଛି। ଆମ ଦୁଇଜଣଙ୍କର ମନୋଭାବ ମିଶିଲାନାହିଁ। ସେଥିପାଇଁ ଆମେ ଉଭୟ ସ୍ଥିରକଲୁ ଅଲଗା ହୋଇ ଯିବାକୁ । ଆଲେନ ଅଧିକ ଗବେଷଣା କରିବା ପାଇଁ ଆମେରିକା ଚାଲିଗଲା ଆଉ ମୁଁ ସ୍ଥିରକଲି ଭାରତକୁ ଫେରିଆସି ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ପ୍ରଫେସର ଭାବରେ ଯୋଗ ଦେବି । ଆଠଦିନ ପରେ ଇଣ୍ଟରଭିଉ ପାଇଁ ଦିଲ୍ଲୀ ଯିବି । ଭାବିଥିଲି ତୁମ ଦୁଇଜଣଙ୍କ ସହ ଏଇ ଘରେ କିଛିଦିନ ଭଲ ସମୟ ବିତେଇବି । ହେଲେ ଜାଣିନଥିଲି ଘରେ ପାଦ ଦେଉ ଦେଉ ଏ ଦୁର୍ଦ୍ଦିନ ଦେଖିବାକୁ ପଡିବ । ଏତକ କହି ଚୁପ୍ ହୋଇଗଲା ସ୍ୱାଗତ ।

ସ୍ୱାଗତର ପାଖକୁ ଲାଗିଯାଇ ପିଠି ଥାପୁଡ଼େଇ କହିଲି, 'ଯାହା ହବାର ଥିଲା ହେଇଗଲା । ତୁ ଚାକିରୀରେ ଜଏନ କର। ତା 'ପରେ ତୋ ପାଇଁ ମୋ ପସନ୍ଦର ଝିଅଟିଏ ବାଛିଦେବି । ଦେଖିବୁ, ତୋ ବାହାଘର କେମିତି ଧୂମଧାମ୍‌ରେ କରିବି ଆଉ ତୋ ବୋଉ ଉପରେ ଥାଇ କେତେ ଖୁସି ହେବ । 'ଏତିକି କହୁ କହୁ ଆଖିରୁ ଖସିପଡ଼ିଲା ଦୁଇଟୋପା ଲୁହ । ସ୍ୱାଗତକୁ ବିଶ୍ରାମ ନେବା ପାଇଁ କହି ଆଉଜି ବସିପଡିଲି ସୋଫା ଉପରେ । ଆଖି ପଡିଲା କାନ୍ଥରେ ଟଙ୍ଗା ହୋଇଥିବା ପ୍ରୀତିଙ୍କ ଫଟୋ ଉପରେ । ଫଟୋକୁ ଚାହିଁ ମନକୁ ମନ କହିଲି -ତୁମେ ଆଜି ନାହଁ ପ୍ରୀତି, ତୁମ ପୁଅ ଆଜି ଫେରି ଆସିଛି ତୁମ ପାଖକୁ । କାଲି ସକାଳେ ତୁମ ସ୍ୱପ୍ନର ଘର ହସି ଉଠିବ । ହେଲେ ସେ ସୁଖ ଦେଖିବାପାଇଁ ତୁମେ ରହିଲନାହିଁ । ରହିଲନାହିଁ, ତୁମର କୋମଳ ହାତକୁ ପୁଅର ମୁଣ୍ଡ ଉପରେ ବୁଲେଇଆଣି ଆଶ୍ୱାସନା ଦେବାପାଇଁ । ଯୋଉଠି ଅଛ, ଭଲରେ ଥାଅ ।

ଜୀବନ୍ତ ମଣିଷ ପରି ଫଟୋ ଭିତରେ ଥାଇ ଖିଲି ଖିଲି ହସୁଥିଲେ ପ୍ରୀତି । କୁଆଡୁ ଦଲକାଏ ପବନ ଘର ଭିତରକୁ ପଶିଆସି ଫଟୋରେ ସଦ୍ୟ ଟଙ୍ଗା ହୋଇଥିବା ଫୁଲମାଳକୁ ଦୋହଲେଇ ଦେଲା ।

+ଭୁବନେଶ୍ୱର
ମୋ - ୭୦୦୮୩୪୮୧୭୨

# ଠିକ୍ ଭୁଲ୍

ଘନଶ୍ୟାମ ପଲେଇ

ହଠାତ୍ ରେଲୱେ ଷ୍ଟେସନରେ ଜଣେ ମହାନ ଲେଖିକାଙ୍କ ସହ ଦେଖା ହେବ ବୋଲି ଭାବି ନଥିଲି। ସେ ରହନ୍ତି ସୁଦୂର ଦିଲ୍ଲୀରେ। ତାଙ୍କର ଅନେକ ଲେଖା ମୁଁ ପଢିଛି। ସେ ଓଡିଆ ହେଲେ ବି ହିନ୍ଦୀ ଭାଷାରେ ଅଧିକ ଲେଖାଲେଖି କରନ୍ତି। ଜଣେ ମହାନ ଲେଖିକାଙ୍କୁ ପାଖରୁ ଦେଖି ଅଭିଭୂତ ହେବା ସହ ପଚାରିଦେଲି --- ଆପଣ ପ୍ରତିମା ମାଡାମ ନା... ଯିଏ କି ହିନ୍ଦୀ ଆଉ ଓଡିଆରେ ଲେଖାଲେଖି କରନ୍ତି..।

ସିଏ ମୋ ଆଡକୁ ଆଚମ୍ୱିତ ହେଇ ଘଡିଏ ଅନେଇ କହିଲେ—ହଁ... ହଁଙ୍କ ହେଲେ ଆପଣ ମୋତେ ଚିହ୍ନନ୍ତି....

--- ହଁ ମାଡାମ୍! ଆପଣ ମୋ ଫେସବୁକ୍ ଫ୍ରେଣ୍ଡରେ ଅଛନ୍ତି।

--- ଆଚ୍ଛା... ହଉ ହଉ.. ଆପଣ ବି ଲେଖା ଲେଖି କରନ୍ତି ବୋଧେ.. ?

ମୁଁ କହିଲି – ହଁ ମାଡାମ୍... ହେଲେ ଆପଣଙ୍କ ଭଳି ଜଣେ ବଡ ଲେଖକ ନୁହଁ। ନିଜ ଖୁସି ପାଇଁ ବେଳେବେଳେ ଲେଖେ। ହେଲେ ମୁଁ ଜଣେ ଭଲ ପାଠକଟିଏ।

ତାଙ୍କ ଟ୍ରେନ ଆସି ଯାଇଥିଲା। ତେଣୁ ବ୍ୟାଗପତ୍ର ଧରି ଚଢିଲା ବେଳେ କହିଲେ। ମେସେଞ୍ଜରରେ ଯାଇ ହାଇ ଲେଖି ଦେବେ... ମୁଁ ଫୋନ ନମ୍ବର ଦେବି କଥା ହେବା... ସାହିତ୍ୟ ଚର୍ଚ୍ଚା କରିବା। ମୁଁ ତାଙ୍କ ଯିବା ବାଟକୁ ଚାହିଁ ରହିଥିଲି, କାରଣ ମୋ ଟ୍ରେନ ନିର୍ଦ୍ଧାରିତ ସମୟର ଘଣ୍ଟାଏ ବିଳମ୍ବରେ ଚାଲୁଛି। ଆସିବାକୁ ସମୟ ଲାଗିବ। ଷ୍ଟେସନ ବେଞ୍ଚରେ ଯାଇ ଆରମ କରୁ କରୁ ମେସେଜ କରିଦେଲି - ମାଡାମ ନମସ୍କାର... ଆଜି ଷ୍ଟେସନରେ ଭେଟ ହେଇଥିଲା...।



ଘରକୁ ପହଞ୍ଚି ମେସେଞ୍ଜର ଖୋଲି ଦେଖେତ ପ୍ରତିମା ମାଡାମ ଲେଖିଥିଲି – ହାଇ। ମୋ' ମୋବାଇଲ ନମ୍ବର ...। ଫ୍ରୀ ହେଲେ କଲ କରିବେ ନ ହେଲେ ହ୍ୱାଟସପ କରିବେ।

ସଞ୍ଜରେ ଫ୍ରୀ ହୋଇ ପ୍ରଥମେ ହ୍ୱାଟସପ୍ କଲି- ମାଡାମ୍.. ଗତ କାଲି ଷ୍ଟେସନରେ ଭେଟ ହେଇଥିଲା। ଆଉ ମୋ' ପରିଚୟକୁ ପ୍ରମାଣିତ କରିବାକୁ ଷ୍ଟେସନରେ ତାଙ୍କ ସହ ଉଠେଇଥିବା ସେଲ୍ଫି ଟିକୁ ଛାଡିଦେଲି। ମାତ୍ର ସେପଟୁ ଉତ୍ତର ଆସିଲା ରଙ୍ଗ ନମ୍ବର...

ମୋ ମନ ଖଟାଳିଆ ହେଇଗଲା। ସତରେ ଜଣେ ଲେଖକ/ଲେଖିକା ବି ଠକି ଦେଇ ପାରନ୍ତି ତାଙ୍କ ଫ୍ୟାନକୁ! ବିଶ୍ୱାସ କରି ପାରୁ ନଥିଲି। ଏକଥା ଆଜି ଅନୁଭବ କଲି। ପୁଣି ମନକୁ ମୁଁ ବୁଝାଇ ନେଲି। ହଁ ଏପରି ହେଇଥାଇ ପାରେ- ତାଙ୍କୁ ଆଜିକାଲିକା ପରି କିଛି ବଦମାସ ଲୋକ ଇଆଡୁ ସିଆଡୁ ମେସଜ କରି ହଇରାଣ କରୁଥାଇ ପାରନ୍ତି। ସେଥିରୁ ବଞ୍ଚିବାକୁ ଯାଇ ମୋ'ଭଳି ପିଲାଙ୍କୁ ଅବିଶ୍ୱାସ କରିବା। ଆଉ ଭୂଲ ନମ୍ବର ଦେଇ ବଞ୍ଚିବାର ସରଳ ଉପାୟଟେ ଖୋଜି ପାଇ ଯାଇଥିବେ। କିଛିଦିନ ଗଲାପରେ ମୋ ଲେଖିଥିବା ଗପର କିଛିଟା ଧାଡି ସୁଧାରିବାକୁ ଯାଇ କାହା ସହ ପରାମର୍ଶ ନେବା କଥା ଚିନ୍ତା କଲାବେଳେ ମନକୁ ଆସିଲେ ସେଇ ସୁନାମ ଧନ୍ୟା ପ୍ରତିମା ମାଡାମ। ମେସେଞ୍ଜର ଯାଇ ପୁଣି ଲେଖିଲି... ମାଡାମ ! ଆପଣ ମେସେଞ୍ଜରରେ ଦେଇଥିବା ନମ୍ବରରେ ହ୍ୱାଟସପ କରିଥିଲି। ଆପଣ ଲେଖିଲେ ରଙ୍ଗ ନମ୍ବର... ଯଦି ଆପଣଙ୍କ ମୋ ଉପରେ ଭରସା ନଥିଲା... ଫୋନ ନମ୍ବର ଦେଉଥିଲେ କାହିଁକି ..? ଏଥିରୁ ମୁଁ କ'ଣ ବୁଝିବି ହୁଏତ ଦେଇଥିବା ଆପଣଙ୍କ ନମ୍ବର ଭୂଲ... ନତୁବା ଆପଣ ନିଜେ ହିଁ ଭୂଲ। ଏତକ ଲେଖି ମୋର ଠିକଣା ସହ ମୋବାଇଲ ନମ୍ବର ଦେଇ ଚୁପ ରହିଲି ।

ମାତ୍ର ଅଧଘଣ୍ଟା ଯାଇ ଛି କି ନାହିଁ ଆସିଲା ଏକ ଅଜଣା ନମ୍ବରରୁ କଲ୍ ?। ମୁଁ ଉଠାଇଲି ... ସେପଟୁ ଜଣେ ନାରୀ କଣ୍ଠସ୍ୱରରେ କହୁଥାନ୍ତି .... ସରି, ମୁଁ ଭାରି ଦୁଃଖିତ... ମୁଁ ସେଦିନ ଅଜାଣତରେ ଆପଣଙ୍କୁ ଟାଇପ କରି ନମ୍ବର ଦେଲାବେଳେ ଶେଷ ସଂଖ୍ୟାଟି ସାତ ବଦଳରେ ଆଠ ହେଇଯାଇଛି। ଆଜି ଆପଣଙ୍କ ମେସେଜ ପଢି ନମ୍ବର ମିଳେଇଲା ବେଳେ ଦେଖିଲି। ମୋତେ କ୍ଷମା କରିବେ... ବଡ ଭଉଣୀ ହିସାବରେ । ଏଣେ ମନରୁ ମୋର ସମସ୍ତ ଭୂଲ ଧାରାଣା ଧିରେ ଧିରେ ବଦଳି ଗଲା। ସମାଜର ଜଣେ ନିରବ ସାଧିକାକୁ ଭୂଲ ବୁଝିଥିବାରୁ ମୋତେ ନିଜକୁ ଖରାପ ଲାଗୁଥିଲା। ମନେ ମନେ ଭାବୁଥାଏ- ସତରେ ଆମର ଏଇ ବିଶ୍ୱାସ ଓ ଅବିଶ୍ୱାସର ଖେଳ ଭିତରେ କେତେବେଳେ ଯେ ଗୁଡେଇ ତୁଡେଇ ହେଇ ଠିକକୁ ଭୂଲ୍ ? ଆଉ ଭୂଲକୁ ଠିକ୍ ? ବୁଝିସାରିଥାଉ... ତାହା ଆମକୁ ବି ଜଣା ନ ଥାଏ।

+ଟେନସା, ସୁନ୍ଦରଗଡ-୪୨
ମୋ-୯୪୩୭୭୧୮୫୦୦

# ନିଷିଦ୍ଧ ଇଲାକା

ସୁନନ୍ଦା ମହାନ୍ତି

ୟୁନିଭରସିଟି ଛାତ୍ରୀମାନେ ଯୋଡି ଯୋଡି ହୋଇ କୃଷ୍ଣଚୁଡା ଗଛ ମୂଳେ ହେଉ ବା ନିଛାଟିଆ ପାର୍କରେ ହେଉ ବା ବାଲକୋନିଠୁ ଆରମ୍ଭ କରି କରିଡରରେ, କଣ ଯେ ଏତେ ଗପନ୍ତି ବୁଝିପାରେନା ଆନି। ତା ସହ ଦିବ୍ୟା ଯେବେ ଆସି ତାଙ୍କ ଗାଁର ଝିଅ ତା ତଳ ବ୍ୟାଚରେ ନାମ ଲେଖାଇ ସ୍କୁଲରେ ଯେମିତି ତା ଛାଇ ପରି ପାଖେ ପାଖେ ବୁଲୁଥିଲା ପୁଣି ସେମିତି ଆରମ୍ଭ କରିଦେଲା ଭାବ । କେବେ ଛାଇ ହୋଇ ଖରାରେ ତ କେବେ ଛତା ହୋଇ ବର୍ଷାରେ ତ କେବେ ଶାଲଟିଏ ପରି ଶୀତରେ। ଦିବ୍ୟାର ଏହି ଗୁଣ ପାଇଁ ଗାଁଟା ସାରା ପଡେ ଉଠେ। ନିଶି ଖୁଡି କହନ୍ତି ହାଇକୋର୍ଟ ତ ନିୟମ କରି ସ୍ୱୀକୃତି ଦେଲାଣି ତୁମେ ଦୁହେଁ କଣ ସେମିତି ସାରା ଜୀବନ ସହସାଥି ହୋଇ ରହିବ ନା କଣ ? ଉଲ୍ଲସିତ ହୁଏ ଦିବ୍ୟା କହେ ହଁ ଖୁଡି। ଆନି କିନ୍ତୁ କହେ ଏମିତି କଣ କହୁଛ ଖୁଡି ସାନଭଉଣୀଟା ମୋର ସିଏ। ତା ବାହାଘରକୁ ମୁଁ ତାକୁ ମୋ ନିଜ ହାତରେ ସଜାଇ ବେଦୀକୁ ପଠେଇବି। ଦିବ୍ୟା ରୁଷେ କହେ ତୁମକୁ ଛାଡ଼ି ମୁଁ କାହାକୁ ବାହା ହେବିନି ସତ କହୁଛି। ଆନି ହସି ହସି ଗାଡିଯାଏ। ହେଲେ ସ୍କୁଲ ଜୀବନ ପରେ ଆନି ଯେବେ ସହରରେ ସାମିଲ ହେଲା। ୟୁନିଭରସିଟିରେ ପାଠ ପଢିଲା, ତା ଚାରିପଟେ ଅନେକ ପୁଅ ପ୍ରଜାପତି ପରି ଉଡି ବୁଲୁଥିଲେ ବି ସେ କାହା ହାତରେ ଧରା ଦିଏନି, ଭାବୁଥାଏ ଦିବ୍ୟା କଥା। ତା ଚାହାଣୀ ଗୁଲୁଗୁଲିଆ କଥା, ବେଣୀ,ଠାଣୀ ତାକୁ ଖୁବ ମନେପଡେ। କାହିଁକିର ଉତ୍ତର ପାଉନଥିବା ବେଳେ ଦିବ୍ୟା ଯେବେ ପରବର୍ଷ ସ୍କୁଲ ପାଠ ସାରି ସେହି ଏକା ସହରର ଏକା କଲେଜରେ ନାମ ଲେଖାଇ, ଏକା ହଷ୍ଟେଲରେ ଏକା ରୁମରେ ରହିଲା ଆନି ପାଖରେ, ସତରେ ଆନି ଓ ଦିବ୍ୟାଙ୍କ ଭିତରେ ଗଢିଉଠିଲା ପୁଣି ଗୋଟେ କେମିତି ଅଜବ ସମ୍ପର୍କ। ଅଜବ ଏଇଥିପାଇଁ ଯେ ଜଣଙ୍କ ବିନା ଅନ୍ୟ ଜଣେ ଗୋଟେ ମୁହୂର୍ତ୍ତ ବି ଅଲଗା ରହିପାରନ୍ତିନି। ଏଣିକି ଦେଖାଯାଏ ଆନି ଓ ଦିବ୍ୟା ସାଙ୍ଗ ହୋଇ ଆଖିପାଉନଥିବା ଏକୁଟିଆ ରାସ୍ତାରେ ଯାଉଥାଆନ୍ତି ଦୁଇ ସାଥି କଲେଜର ବହୁ ଦୂର ଯାଏଁ। ଜୁଡୋ କରାଟେ ଶିଖିଥିବା ଦିବ୍ୟାର ଭୟ ନଥାଏ କାହାକୁ। ସେମାନେ ବିସ୍ଲେସଣ କରନ୍ତି ଫୁଲର ସୌନ୍ଦର୍ଯ୍ୟକୁ, ଆକାଶର ଶୂନ୍ୟତାକୁ, ପକ୍ଷୀର ଉଡାଣକୁ ଓ ତା ସହ ସମାଜର କଟକଣାକୁ। ମନପକ୍ଷୀ ଯାହା ଚାହେଁ ତା କରିବାକୁ। ପଚାରେ ଦିବ୍ୟା, ତୁ ମତେ ଛାଡ଼ି କେବେ ଚାଲିଯିବୁନିତ ଆନି ? କୁଆଡେ ଆଉ ଯିବି ଦିବ୍ୟା, ତୁ ତ ମୋ ଜୀବନ, ଧନ, ସ୍ୱପ୍ନ ଓ ବାସ୍ତବ। ସତ କହୁଛୁ ଆନି, କହି ଦିବ୍ୟା ସେଦିନ ସର୍ବସମ୍ମୁଖରେ ଆନିକୁ ଯୋଉ ଆଲିଙ୍ଗନ ଭିତରେ ଭୁମ୍ବନ ଦେଲା, ସ୍ତବ୍ଧ ହୋଇଗଲା କଲେଜ ପରିସର। କେମିତି କେମିତି ଦୃଷ୍ଟିରେ ଝିଅମାନେ ଦେଖୁଥିବା ବେଳେ, ଅସହଣି ପୁଅଗୁଡା ଆଖି ମିଟିକା ମାରି ଗୋଟେ ଦିଟା କମେଣ୍ଟ ମାରିବାକୁ ପଛେଇଲେନି। ଡରିଗଲା ଆନି। ବାରଣ କଲା ଦିବ୍ୟାକୁ। ଆମକୁ ପ୍ରଥମେ ପାଠ ପଢି ମଣିଷ ପରି ମଣିଷ ହେବାକୁ ପଡିବ। ତୁମେ ମଣିଷ ହେଇଯାଅ ଆନି ମୁଁ ନାରୀ ହେଇକି ରହୁଛି। ତା ଗାଲ ଚିପି ଦେଇ ଚାଲିଯାଏ ଆନି। କିନ୍ତୁ ଏଣିକି ଦୁହେଁ ମନଦେଇ ପାଠ ପଢୁଥିଲେ।



ଯୋଗ୍ୟ ନହେଲେ ତାଙ୍କ ସ୍ୱପ୍ନ ସତ ହେବ କେମିତି ?

ଆନିର ବହୁତ ବିବାହ ପ୍ରସ୍ତାବ ଆସୁଥିଲା, ତାର ଗୋଟିଏ ଉତ୍ତର ଥିଲା ପାଠ ପଢି ନିଜ ଗୋଡ଼ରେ ଠିଆ ହେଲା ପରେ ଯାହା। ଦିବ୍ୟା କିନ୍ତୁ ସଫା ସଫା ଶୁଣେଇଦେଇଥିଲା ବାହା ହେବିତ ଆନିକୁ। କିଏ କହୁଥିଲା ଅଳଜୁକି ତ କିଏ କହୁଥିଲା ଅଳଜୁକି କଣ ଗଛରେ ଫଳନ୍ତି ?ପୁଣି କିଏ କହୁଥିଲା ଉଦଣ୍ଡି ସୀତା। ଦିବ୍ୟା ଡରିନଯାଇ କହୁଥିଲା ଆନି ରାଜି କି କରିବ କାଜି। ଡରୁଥିଲେ ଆନିର ବାପା ମାଆ। ଦିବ୍ୟା ବାପା ମାଆ କିନ୍ତୁ ଭାବୁଥିଲେ ଦିବ୍ୟାକୁ ଚଗଲି ଝିଅଟି ତାଙ୍କର। ଦୁହିଁଙ୍କ ପରିବାର ଖୋଜୁଥିଲେ ମାନପସନ୍ଦର ବରଘର। ଦୁନିଆଁ ଯାହା ହେଲାଣି ? ଦେଲା ନାରୀ ହେଲା ପାରି। ଗୋଟେ ସମୟ ଥିଲା ବଧୂହତ୍ୟା ଜନିତ ଅପରାଧ ବଢିଚାଲିଥିଲା। ପୁଣି ଗୋଟେ ସମୟ ଆସିଲା ଦୁଷ୍କର୍ମ। ଏସବୁ ଯୋଗୁଁ କନ୍ୟା ସନ୍ତାନ ଜନ୍ମ ଦେବାକୁ ଅନିଚ୍ଛୁକ ପିତା ମାତା ତ ଜନଗଣନା କହୁଛି ପୁଅ ତୁଳନାରେ ଝିଅ ସଂଖ୍ୟା କମ। ସେଥିରେ ଏ ଯେଉଁ ସାମାଜିକ ସ୍ରୋତରେ କେବେ ଜୁଆର ପୁଣି କେବେ ଭଟ୍ଟା, ଆନି ଆଉ ଦିବ୍ୟା ଯଦି ଏକାଠି ରୁହନ୍ତି ! ଏମିତି ସବୁ ହେଲେ ଏ ସମାଜ ଆଗକୁ ବଢିବ କେମିତି, ଆନି ବାପା ବୋଉ ବ୍ୟସ୍ତ ହୋଇ ପଡନ୍ତି ଆଶଙ୍କାରେ।

ଆନି କହେ ରହ ବ୍ୟସ୍ତ କାହିଁକି ବାହାଘର ତ ହେବ ମୁଁ ଆଗ ଚାକିରୀ ପାଏ।ଚାକିରୀ ମଧ୍ୟ ପାଇଗଲା ଆନି। କେତେ କେତେ ମାନସିକ ପୁରଣ କରି ଦେବା ଦେବୀ ପୂଜା, ଭୋଗ ରାଗ ଭିତରେ ଆନିର ଦେଖା ନାହିଁ। କେବେ କହେ ଛୁଟି ନାହିଁ, କେବେ କହେ ବହୁତ କାମ ଅଫିସରେ। କେବେ କହେ ଗଣେଷ ପୂଜାକୁ ଗାଁକୁ ଯିବି ହେଲେ ଏବର୍ଷ ଗଣେଷ ପୂଜା ସରି ଆରବର୍ଷ ଗଣେଷ ପୂଜା ଆସିଲାଣି ହେଲେ ଆନି କାହିଁ। ଯେତେ ଦୂର ହେଉ ଏଥର ସେ ଆନି ପାଖକୁ ନିଶ୍ଚୟ ଯିବେ। ତାକୁ ବୁଝେଇ ଘରକୁ ଆଣି ହାତକୁ ଦି ହାତ କରିବେ। ଏଇ ହାତରେ ତାକୁ ପାଳି ପୋଷି ମଣିଷ କରିଛନ୍ତି। ତାଙ୍କ ଝିଅ ହିଁ ଝିଅଟିଏ, ପୁଅ କାହିଁକି ହେବ ? ସତକୁ ମିଛ କରୁଥିବା ଗାଁ ଲୋକଙ୍କ ମୁହଁରେ ନିଆଁ ଦେଇ ଝିଅକୁ ତାଙ୍କର ବାହା ଦେବେ। ନଯାଆନ୍ତୁ ବାପା। ସେ କୁଆଡେ ଶ୍ରାଦ୍ଧ କରିବେ ଝିଅର ! ମାଆ ହୋଇ ସେ ସହିବେ କେମିତି। ଦଉଡି ଆସିଥିଲେ ମାଆ, ଆଶା ଭରସା ଓ ବିଶ୍ୱାସରେ। ଟ୍ରେନରେ ଅଢେଇ ଦିନର ଯାତ୍ରା ପରେ ସେ ଯେବେ ଓଲ୍‌ହେଇଲେ ତାଙ୍କୁ ଆନି ବଦଳରେ ଦିବ୍ୟା ନେବାକୁ ଆସିଥିଲା ଷ୍ଟେସନ। ଆଖି ମଳି ମଳି ଚାହିଁଲେ ମାଆ। ହଁ ସେ ଠିକ ଦେଖୁଛନ୍ତି ଦିବ୍ୟାହିଁ ତାଙ୍କ ଜିନିଷ ପତ୍ର ଉଠାଇ ରିକ୍ସାରେ ରଖୁଥିଲା। ମାଆ ତରତର ହୋଇ ଉଠେଇନେଲେ ବ୍ୟାଗ ରିକ୍ସାରୁ, ବୁଝୁଥିଲେ କାଉଣ୍ଟରରେ ଫେରିବା ଟ୍ରେନ କେତେବେଳେ। ଆଉ ଦଶ ମିନିଟରେ ପହଞ୍ଚିବ ଶୁଣି ଆଶ୍ୱସ୍ତ ହୋଇ ଫେରିବା ଟ୍ରେନକୁ ଅପେକ୍ଷା କଲାବେଳକୁ ଦିବ୍ୟା ପୁଣି ଆସି ଜିନିଷ ପତ୍ର ଉଠେଇ ଚାଲନ୍ତୁ ମାଆ କହିଲା ବେଳେ ଟ୍ରେନ ଆସିଯାଇଥିଲା। ଟିକେଟ କାଟି ଉଠୁଥିଲେ ମାଆ ଫେରିବାକୁ ଆନି ଜୀବନରୁ ସବୁଦିନପାଇଁ।

+ସାକ୍ଷୀଗୋପାଳ, ପୁରୀ
ମୋ: ୯୦୪୦୯୭୭୩୨୭

# ଆସନ୍ତା ସ୍ୱାୟତ୍ତ ଶାସନ ଦିବସକୁ ଧୁମଧାମରେ ପାଳନ କରିବାକୁ ନିଷ୍ପତ୍ତି

ଭୁବନେଶ୍ୱର, ୧୦/୦୮ (ନି.ପ୍ର): ଅଗଷ୍ଟ ୩୧ ତାରିଖ ହେଉଛି ସ୍ୱାୟତ୍ତ ଶାସନ ଦିବସ ଓ ଚଳିତ ବର୍ଷ ଏହି ସ୍ୱୟାତ୍ତ ଶାସନ ଦିବସକୁ ସ୍ମରଣୀୟ ଭାବେ ପାଳନ କରିବାକୁ ରାଜ୍ୟ ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗ ନିଷ୍ପତ୍ତି ନେଇଛି । ଏହି ଉତ୍ସବର ଏକ ଅଂଶ ଭାବରେ, ଅଗଷ୍ଟ ୨୫ ରୁ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟର ସମସ୍ତ ସହରାଂଚଳ ସ୍ଥାନୀୟ ସଂସ୍ଥା (ୟୁଏଲବି) ରେ ଏକ ସପ୍ତାହ ବ୍ୟାପି ସାର୍ବଜନୀନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଗୃହନିର୍ମାଣ ଓ ନଗରଉନ୍ନୟନ ବିଭାଗ ଦ୍ୱାରା ଜାରି କରାଯାଇଥିବା ପରାମର୍ଶ ଏବଂ ମାର୍ଗଦର୍ଶୀକା ଅନୁଯାୟୀ, ନାଗରିକଙ୍କ ଅଂଶଗ୍ରହଣ, ପରିବେଶ ସଚେତନତା, ସ୍ୱଚ୍ଛତା ଏବଂ ଗୋଷ୍ଠୀ ସମ୍ପର୍କକୁ ପ୍ରୋତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ।

ଯୋଜନା କରାଯାଇଥିବା ପ୍ରମୁଖ କାର୍ଯ୍ୟକଳାପଗୁଡ଼ିକ ମଧ୍ୟରେ ରହିଛି- ସହରାଂଚଳ ବୃକ୍ଷରୋପଣ ଅଭିଯାନ-'ଏକ ପେଡ୍ ମା କେ ନାମ', ଚାରା ରୋପଣ ପାଇଁ ଉପଯୁକ୍ତ ଜମି ଚିହ୍ନଟ, ଛାତ୍ର, ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ନାଗରିକ ସମାଜକୁ ନେଇ ସଂପୃକ୍ତ ଅଂଚଳରେ ଉପଲବ୍ଧ ଚାରା, ସଚେତନତା ଶୋଭାଯାତ୍ରା ଓ ପରିବେଶ ଅନୁକୂଳ ଅଭ୍ୟାସକୁ ପ୍ରୋତ୍ସାହିତ କରିବା । ଏହା ବ୍ୟତୀତ 'ଗ୍ରୀନ୍ ୱାର୍ଡ' ଅଭିଯାନର ଶୁଭାରମ୍ଭ, ଗୋଷ୍ଠୀ ଅଂଶଗ୍ରହଣକୁ ଉତ୍ସାହିତ କରିବା ପାଇଁ ଉପଯୁକ୍ତ ବ୍ରାଣ୍ଡିଂ ଏବଂ ମିଡିଆ କଭରେଜ୍, ପୌର ଯୋଗଦାନ ଏବଂ ସେବା ବିତରଣକୁ ମଜବୁତ କରିବା, ପରିମଳ କର୍ମଚାରୀଙ୍କ କଲ୍ୟାଣ ଏବଂ ଶ୍ରମିକଙ୍କ ମର୍ଯ୍ୟାଦା ପାଇଁ ଗରିମା ଆଇଇସି ଅଭିଯାନ, ସହଯୋଗ ଶିବିର 'ଘରେ ଘର ତିରଙ୍ଗା-ଘରେ ଘରେ ସ୍ୱଚ୍ଛତା' ଦେଶପ୍ରେମକୁ ସ୍ୱଚ୍ଛତା ଅଭିଯାନ ସହିତ ଯୋଡିବା ପାଇଁ ସକାଳ ସମୟରେ ପଥ ଉତ୍ସବ ଆୟୋଜନ କରି ଗୋଷ୍ଠୀ ମନୋରଞ୍ଜନ ଏବଂ ସୁସ୍ଥ ଜୀବନଶୈଳୀକୁ ପ୍ରୋତ୍ସାହିତ କରିବା । ଯୁବ ଓ ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣ ସହିତ ଏହି କାର୍ଯ୍ୟକଳାପ ଆୟୋଜନ କରିବା ଓ କ୍ରୀଡ଼ା ଦିବସ କାର୍ଯ୍ୟକଳାପ ପାଇଁ ପଥ ପ୍ରଶସ୍ତ କରିବା ଓ ଚଳିତ ବର୍ଷ ଓଡ଼ିଶାର ସ୍ଥାନୀୟ ସ୍ୱାୟତ୍ତ ଶାସନ ଦିବସକୁ ସରସ, ସୁନ୍ଦର, ଚିତ୍ତାକର୍ଷକ ଓ ସ୍ମରଣୀୟ କରିବା ପାଇଁ ଯୋଜନା ରହିଛି ।

# ରାଜ୍ୟସ୍ତରୀୟ ସମାରୋହରେ ଅଗଷ୍ଟ କ୍ରାନ୍ତିର ବୀରଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୦/୦୮ (ନି.ପ୍ର): ଭାରତବର୍ଷକୁ ସହଜରେ ସ୍ୱାଧୀନତା ମିଳିନାହିଁ । ଆମେ ଏକ କଷ୍ଟଲବ୍ଧ ସ୍ୱାଧୀନତା ପାଇଛେ । ହଜାର ହଜାର ସଂଗ୍ରାମୀଙ୍କ ବଳିଦାନ ଓ ତ୍ୟାଗ ଫଳରେ ଆମକୁ ସ୍ୱାଧୀନତା ମିଳିଛି । ସେହି ସ୍ୱାଧୀନତାର ମୂଲ୍ୟକୁ ଆମକୁ ସୁରକ୍ଷିତ ରଖିବାକୁ ହେବ ବୋଲି ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ କହିଛନ୍ତି । ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଭୁବନେଶ୍ୱର ଶହୀଦ ସ୍ମାରକୀ ସ୍ୱାଧୀନତା ସଂଗ୍ରାମୀ ସଦନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଅଗଷ୍ଟ କ୍ରାନ୍ତି ସମାରୋହରେ ମୁଖ୍ୟଅତିଥ୍ୟ ଭାବେ ଯୋଗଦେଇ ବାଚସ୍ପତି ଅମର ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଛନ୍ତି । ୧୯୪୨ ଅଗଷ୍ଟ ୮ ଓ ୯ ତାରିଖର ଇତିହାସକୁ ଅବଲୋକନ କରି ସେଦିନର ସେହି ଭାରତ ଛାଡ଼ ଆହ୍ୱାନ ଶେଷରେ ଇଂରେଜ ସରକାରକୁ ଦେଶ ଛାଡ଼ି ଚାଲିଯିବାକୁ ବାଧ କରିଥିଲା ବୋଲି ସେ କହିଛନ୍ତି । ବାଚସ୍ପତି କହିଥିଲେ ଯେ, ଇଂରେଜ ସରକାର ବିରୋଧରେ ଅଗଷ୍ଟ କ୍ରାନ୍ତିର ମହାସଂଗ୍ରାମ ଏକ ନିର୍ଣ୍ଣାୟକ ଲଢ଼େଇ ଥିଲା । ଚାଷୀ, ମୁଲିଆ, ଶ୍ରମିକ, ଅବହେଳିତ ଜାତି ଓ ଜନଜାତି, ଛାତ୍ରଗୋଷ୍ଠୀଠାରୁ ଆରମ୍ଭ କରି ବୁଦ୍ଧିଜୀବୀ ସମସ୍ତେ ଏଥିରେ ସାମିଲ ହୋଇଥିଲେ । 'କର ବା ମର' ଧ୍ୱନି ସହ ଭାରତ ଛାଡ଼ ଆନ୍ଦୋଳନ ଇଂରେଜ ସରକାରକୁ ଦେଶ ଛାଡ଼ିବାକୁ ବାଧ କରିଥିଲା । ଏହି ଅବସରରେ ବାଚସ୍ପତି ଓଡ଼ିଶାର ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ହରେକୃଷ୍ଣ ମହତାବ, ଭାଗିରଥି ମହାପାତ୍ର, ବିଶ୍ୱନାଥ ଦାସ, ନିତ୍ୟାନନ୍ଦ କାନୁନଗୋ, ରାଜକୃଷ୍ଣ ବୋଷ, ପ୍ରାଣକୃଷ୍ଣ ପଢ଼ିଆରୀ, ସୁରେନ୍ଦ୍ର ନାଥ ପଟ୍ଟନାୟକ, ଆଚାର୍ଯ୍ୟ ହରିହର, ସଦାଶିବ ତ୍ରିପାଠୀ, ମା' ରମାଦେବୀ, ସରଳା ଦେବୀ ପ୍ରମୁଖଙ୍କୁ ସ୍ମରଣ କରିଥିଲେ । ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଅଗଷ୍ଟ କ୍ରାନ୍ତିରେ ରାଜ୍ୟସ୍ତରୀୟ ସମାରୋହର ଆୟୋଜନ ହେବା ଅତ୍ୟନ୍ତ ସ୍ୱାଗତଯୋଗ୍ୟ ବୋଲି ଶ୍ରୀମତୀ ପାଢ଼ୀ ଉଲ୍ଲେଖ କରିବା ସହ ପବିତ୍ର ରକ୍ଷାବନ୍ଧନ ଅବସରରେ ଉପସ୍ଥିତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିତବା ଶହୀଦ ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦମାନଙ୍କୁ ଅଭିନନ୍ଦନ ଜଣାଇଥିଲେ । କାର୍ଯ୍ୟକ୍ରମରେ ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ଶହୀଦ ଓ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଦେଶ ପାଇଁ ତ୍ୟାଗ ଓ ବଳିଦାନ ଆମ ସମସ୍ତଙ୍କର ପ୍ରେରଣା ବୋଲି କହିଥିଲେ । ବିରୋଧୀଦଳର ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ପୂର୍ବତନ ଅର୍ଥମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ, ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ଦେବୀ ପ୍ରସାଦ ମିଶ୍ର, ଅମର ପ୍ରସାଦ ଶତପଥୀ, ବିଜେପିର ବରିଷ୍ଠ ନେତା କୃଷ୍ଣ ଜଗଦେବ, ସମୀର ମହାନ୍ତି, ଗାନ୍ଧିବାଦୀ ଲେଖକ ପ୍ରହ୍ଲାଦ ସିଂ, ସମାଜସେବୀ ପ୍ରଦ୍ୟୁମ୍ନ ଶତପଥୀ, ଶୋଭନୀୟ ଆନ୍ଦୋଳନର ଅଧ୍ୟକ୍ଷା ଡ. ଅରୁନ୍ଧତୀ ଦେବୀ, ସମାଜସେବୀ ମଧୁ ଭାଇ, କର୍ଣ୍ଣେଲ ଶରତ ମହାପାତ୍ର, ବରିଷ୍ଠ ସାମ୍ବାଦିକ ପ୍ରଦ୍ୟୁମ୍ନ କୁମାର ମହାନ୍ତି ଏବଂ ସ୍ୱାଧୀନତା ସଂଗ୍ରାମୀ ଉତ୍ତର ଦାୟାଦ ସଂଗଠନର ସାଧାରଣ ସମ୍ପାଦକ ବିଜୟ କୁମାର ତ୍ରିପାଠୀ ପ୍ରମୁଖ ଉଦବୋଧନ ଦେଇଥିଲେ । ରାଜ୍ୟ ସ୍ୱାଧୀନତା ସଂଗ୍ରାମ ସମିତିର ସଭାପତି ବିଦ୍ୟାଧର ମୁଦୁଲିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମାରୋହରେ ରାଜ୍ୟର ବିଭିନ୍ନ ଅଂଚଳରୁ ଆସିଥିବା ଶହୀଦ ଏବଂ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମକୁ ସମିତିର ସଂଯୋଜକ ପ୍ରଫେସର ଉପେନ୍ଦ୍ର ପାଢ଼ୀ ଓ ବିରୂପାକ୍ଷ ତ୍ରିପାଠୀ ସଂଯୋଜନା କରିଥିବାବେଳେ ଅଭୟ ବଡ଼ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ ଜାତୀୟ ପତାକା ସ୍ତମ୍ଭରେ ରକ୍ଷାବନ୍ଧନ କରାଯାଇଥିଲା । ଅତିଥିମାନେ ଜାତୀୟ ପତାକା ଉତ୍ତୋଳନ କରି ସେହି ସ୍ତମ୍ଭରେ ରାକ୍ଷୀ ବାନ୍ଧିଥିଲେ । ଶାଶ୍ୱତୀ ଅନୁଷ୍ଠାନ ପକ୍ଷରୁ ତନୟା ଗୋସ୍ୱାମୀଙ୍କ ନିର୍ଦ୍ଦେଶନାରେ ରାମଧୂନ ଏବଂ କମିଶନରେଟ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବାଦ୍ୟଧ୍ୱନି ପରିବେଷଣ କରାଯାଇଥିଲା ।

## ସାମାଜିକ ସଂଗଠକ ନରେନ୍ଦ୍ର କବାଟଙ୍କ ପରଲୋକ

ବଲାଙ୍ଗିର, ୧୦/୦୮ (ନି.ପ୍ର): ବଲାଙ୍ଗିର ସହରର ବରପାଲିପଡା ନିବାସୀ ତଥା ସାମାଜିକ ସଂଗଠକ ନରେନ୍ଦ୍ର କବାଟ (୬୫)ଙ୍କ ଆଜି ପରଲୋକ ହୋଇଯାଇଛି । ଏହି ଖବର ପ୍ରଚାରିତ ହେବା ପରେ ବଲାଙ୍ଗିର ସହରରେ ଶୋକର ଛାୟା ଖେଳିଯାଇଛି । ପରିବାର ଲୋକଙ୍କ ସୁତ୍ରରୁ ପ୍ରକାଶ ଯେ, ସେ ଗତ କିଛିଦିନ ହେଲା ଶାରିରିକ ଅସୁସ୍ଥତା ଅନୁଭବ କରିଥିଲେ । ଫଳରେ ପରିବାର ଲୋକେ ବିଶାଖାପାଟଣା ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତି କରି ଚିକିତ୍ସା କରିଥିଲେ । କିନ୍ତୁ ତାଙ୍କ ଅବସ୍ଥା ଆହୁରି ଗୁରୁତର ହୋଇଥିଲା । ଫଳରେ ସେଠାରେ ତାଙ୍କ ପ୍ରାଣବାୟୁ ଉଡି ଯାଇଥିଲା । ଏହି ଖବର ପ୍ରଚାରିତ ହେବା ପରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳି ଯାଇଛି । ତାଙ୍କ ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ ଆନନ୍ଦିନୀ, ବଡ ପୁଅ ମାନସ, ଅମିତ, ଝିଅ ସଂଗିତା, ଜ୍ୱାଇଁ ଦେବରାଜ ସ୍ୱାଇ ଙ୍କ ସମେତ ପରିଚିତ ବର୍ଗ ଉପସ୍ଥିତ ଥିଲେ । ମୃତ୍ୟୁ ଖବର ପାଇ ପୃଥ୍ୱୀରାଜ ଉଚ୍ଚ ବିଦ୍ୟାଳୟର ସହପାଠୀ ବଲାଙ୍ଗିର ସହରର ବିଭିନ୍ନ ସଂଗଠନ ଶୋକ ବାର୍ତା ଦେଇଥିଲେ ।

# ଚାଷ ପାଇଁ କେନାଲରୁ ମିଳୁନି ପାଣି : ହେଲେ ଚାଷୀଙ୍କଠାରୁ ଆଦାୟ ହେଉଛି ଜଳକର

ସମ୍ବଲପୁର, ୧୦/୦୮ (ନି.ପ୍ର): ଚାଷୀଙ୍କ ପାଇଁ ରାଜ୍ୟ ଠୁଁ ନେଇ କେନ୍ଦ୍ର ସରକାର ବହୁବିଧ ଯୋଜନା ପରେ ଯୋଜନା କରୁଥିବା ଡିଣ୍ଡିମ ପିଟା ଯାଉଛି । ହେଲେ ଚାଷ ଜମିର ପ୍ରକୃତ ଦୃଶ୍ୟ ଓ ଚାଷୀର ବାସ୍ତବ ସମସ୍ୟା ପ୍ରତି ପ୍ରଶାସନ ଦୃଷ୍ଟି ନଦେବା ସଂପ୍ରତି ସରକାରଙ୍କ ଚାଷୀମାରଣ ନୀତି ବୋଲି କୁହାଯାଉଛି । ସମ୍ବଲପୁର ଜିଲ୍ଲା ଜମନକିରା ତହସିଲ ଅଧୀନ ଖଇରଡିହି ମୌଜାର ଉପର ମୁଣ୍ଡରେ ଭାଦେଲବସା ନାଳ ପ୍ରବାହିତ ହେଉଛି । ଦୀର୍ଘ ବର୍ଷ ତଳେ ଭାଦେଲବସା ନାଳରେ କ୍ଷୁଦ୍ର ଜଳ ସେଚନ ବିଭାଗ ଏକ ଚେକ୍ ଡେମ୍ ନିର୍ମାଣ କରିବା ପରେ ଖଇରଡିହି ଗାଁ ସମେତ ଜମନକିରା ମୌଜାର ପ୍ରାୟ ୫ ଶହ ଏକର ଚାଷ ଜମିକୁ ଜଳସେଚନ ହେଉଥିଲା । ଖଇରଡିହିରୁ ଜମନକିରା ପର୍ଯ୍ୟନ୍ତ ଚେକ ଡେମରୁ ତଳ ମୁଣ୍ଡ ଚାଷ ଜମିକୁ ଶାଖା କେନାଲ ମାଧ୍ୟମରେ ଜଳସେଚିତ ହେଉଥିଲା । କ୍ଷୁଦ୍ରଜଳ ସେଚନ ବିଭାଗ (ଏମ୍ ଆଇ) ପ୍ରତିବର୍ଷ ମୁଖ୍ୟ କେନାଲ ସହ ଶାଖା କେନାଲ ଗୁଡିକର ମରାମତି ତଥା ଆବଶ୍ୟକ ରକ୍ଷଣାବେକ୍ଷଣ ନକରିବା ଫଳରେ କେନାଲ ଏବେ ତାର ମୂଳ ଅସ୍ତିତ୍ୱ ହରାଇବାକୁ ବସିଲାଣି । ବିଭାଗର ଖାମଖିଆଲି ନୀତି ପାଇଁ ମୁଖ୍ୟ କେନାଲ ଏବଂ ଶାଖା କେନାଲ୍ ଏବେ ଭାଙ୍ଗିରୁଜି ଯାଇଥିବାରୁ ଚାଷ ଜମିକୁ ଆଦୌ ପାଣି ମାଡ଼ି ପାରୁନାହିଁ । ବର୍ତମାନ ପରିସ୍ଥିତିରେ ଚାଷ କାର୍ଯ୍ୟ ହେଉଥିବା ଅଧିକାଂଶ ଜମିର ମାଟି ଫାଟି ଆଁ କଲାଣି । ଖଇରଡିହି-ଜମନକିରା ମୁଖ୍ୟ କେନାଲ ଭାଙ୍ଗି ଯାଇଥିବାରୁ ପ୍ରାୟ ୫ ଶହ ଏକର ଚାଷଜମି ଏବେ ଶୁଖିଲା ପଡ଼ିଛି । ଜଳସେଚନ ଅଭାବରୁ ଗତ ୩ ବର୍ଷ ଧରି ଏହି ଜମି ଗୁଡିକରେ ଚାଷ ହୋଇପାରୁ ନାହିଁ ବୋଲି ଚାଷୀନେତା ଅର୍ଜୁନ ମୋହନ ପ୍ରଧାନ କ୍ଷୋଭର ସହ କହିଛନ୍ତି । ଆଜକୁ ୩ ବର୍ଷ ହେବ କେନାଲ ମରାମତି ପାଇଁ ଜିଲ୍ଲାପାଳଙ୍କ ଜନ ଶୁଣାଣୀ ରେ ଚାଷୀବୃନ୍ଦ ଅଭିଯୋଗ କରି ଆସୁଥିଲେ ହେଁ କୌଣସି ସୁଫଳ ମିଳୁନାହିଁ । କୁଚିଣ୍ଡା ବିଧାୟକ ତଥା ପଂଚାୟତିରାଜ ତଥା ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକଙ୍କୁ ମଧ୍ୟ ଚାଷ ଜମିକୁ ଜଳ ସେଚନର ବ୍ୟବସ୍ଥା ଯୋଗାଇ ଦେବାପାଇଁ ଚାଷୀମାନେ ଦାବି କରିଥିଲେ ମଧ ଅଦ୍ୟାବଧି କୌଣସି ସୁଫଳ ମିଳିପାରିନାହିଁ । ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭ କରି ମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଗୁହାରି କରି ବିଫଳ ରହିବା ପରେ ଜିଲ୍ଲାପାଳଙ୍କ ଜନ ଶୁଣାଣୀରେ ଅଭିଯୋଗ ଉଠାଇ ଲୋକେ କିଛି ସୁଫଳର ଆଶା ରଖିଥିଲେ, ମାତ୍ର ଏଥିରେ ବି ହତାଶ ହେବାକୁ ପଡିଥିଲା । ଜଳସଙ୍କଟରୁ ଚାଷଜମିକୁ ବଂଚାଇବା ପାଇଁ ଏହାର ବିକଳ୍ପ ବ୍ୟବସ୍ଥା ନିଜେ ନ କଲେ ଏ ବର୍ଷ ମଧ ଚାଷକାର୍ଯ୍ୟ ପ୍ରଭାବିତ ହେବ । ଏଭଳି ଆଶଙ୍କାକୁ ପ୍ରତିହତ ପାଇଁ ଶେଷରେ କେନାଲ ମରାମତି ପାଇଁ ସମସ୍ତ ଚାଷୀ ବାଧ ହୋଇଛନ୍ତି । ଚାଷୀ ନେତା ସୁନୀଲ ପ୍ରଧାନଙ୍କ ନେତୃତ୍ୱରେ ନିରାକାର ମହାକୁଲ, ମହାଦେବ ରଣା, ଭାସ୍କର ରଣା, ଶ୍ୟାମସୁନ୍ଦର ସାହୁ, ଗୋବିନ୍ଦ ପ୍ରଧାନ, ସରୋଜ ସାହୁ, ରଞ୍ଜିତ ଦେହୁରୀ, ଅଜିତ୍ ପଧାନ, ଗଣେଶ ରଣା, ସନ୍ତୋଷ ମହାକୁଲ୍ ଓ ଗୁଣନିଧି ସାହୁ ପ୍ରମୁଖ ଆଜି ଶାଖା କେନାଲକୁ ମରାମତି କରିଛନ୍ତି । ପ୍ରତି ବର୍ଷ ଜଳକର ନ ଦେଲେ ବିଭିନ୍ନ ରାଜସ୍ୱ ମାମଲାକୁ ଅଧିକାରୀ ଖାରଜ କରୁଥିବା ବେଳେ ଏପଟେ ଜଳକର ଦେବା ପରେ ବି ଠିକ୍ ସମୟରେ ଜମିକୁ ଜଳସେଚନ ପାଣି ନମିଳିବା ତୀବ୍ର ଅସନ୍ତୋଷର କାରଣ ପାଲଟିଛି । ଏ ସମ୍ପର୍କରେ କୁଚିଣ୍ଡା କ୍ଷୁଦ୍ର ଜଳସେଚନ ବିଭାଗ କାର୍ଯ୍ୟାଳୟରେ ପଚାରିବାରେ ସହକାରୀ ନିର୍ବାହୀ ଯନ୍ତ୍ରୀ ସୌଦାମିନୀ କିସାନ ମାସକୁ ପ୍ରାୟ ୫/୬ ଦିନ ଅଫିସ୍ କୁ ଆସିଥାନ୍ତି ତେଣୁ ଆମେ ଅସହାୟ ବୋଲି ନିଜ ନାମକୁ ଗୁପ୍ତ ରଖି କିଛି କର୍ମଚାରୀ ମତବ୍ୟକ୍ତ କରିଛନ୍ତି । ଏପରିକି ସମ୍ବଲପୁର ଏବଂ କୁଚିଣ୍ଡା ଅଫିସ୍ ଦୁଇ ଦୁଇଟି ଦାୟିତ୍ୱରେ ଥିବାରୁ ମେଡମଙ୍କୁ ଏଠାରେ ଭେଟିବା ଆଶା କ୍ଷୀଣ ବୋଲି ସୂଚନା ଦେଇଥିଲେ । ଆଜିକାଲିର ପରିସ୍ଥିତି ଅନୁଯାୟୀ ଅଜଣା ନମ୍ବରରୁ ଆସୁଥିବା କଲ୍ ରିସିଭ୍ କରିବାରେ ସାଧାରଣ ମହିଳାମାନେ ଆନ୍ତରିକତା ରଖୁନଥିବା ବେଳେ, ଦୁଇ ଦୁଇଟି କାର୍ଯ୍ୟାଳୟର ଦାୟିତ୍ୱ ନେଇଥିବା ମହିଳା ଯନ୍ତ୍ରୀ ଜଣଙ୍କ ଚାଷୀଙ୍କ ସମସ୍ୟା ଶୁଣିବା ପାଇଁ ଫୋନ୍ ରିସିଭ୍ ନକରିବା ସଂପ୍ରତି ପ୍ରଶାସନିକ ବିଧି ବ୍ୟବସ୍ଥା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ସେଲ୍, ରାଉରକେଲା ଇସ୍ପାତ କାରଖାନାର ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ଭବନରେ ନୂତନ ସମ୍ମିଳନୀ କକ୍ଷ 'ସମାଗମ' ଉଦ୍ଘାଟିତ



ରାଉରକେଲା, ୧୦/୦୮ (ନି.ପ୍ର): ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି)ର କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ)ଙ୍କ ଭବନରେ ଏକ ନୂତନ ଆଧୁନିକ ସମ୍ମିଳନୀ କକ୍ଷ 'ସମାଗମ' ଉଦ୍ଘାଟିତ ହୋଇଯାଇଛି । ଏହି ଅବସରରେ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ବିଶ୍ୱରଞ୍ଜନ ପଲାଇ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ସୁଦୀପ ପାଲଚୌଧୁରୀ, ଚିକିତ୍ସା ଏବଂ ସ୍ୱାସ୍ଥ୍ୟସେବା ବିଭାଗର ସିଏମ୍‌ଓ ଇନ୍‌ଚାର୍ଜ ଡକ୍ଟର ଜେ କେ ଆଚାର୍ଯ୍ୟ, ବିତ୍ତ ଏବଂ ଲେଖା ବିଭାଗର ସିଜିଏମ ଶ୍ରୀ ରାଜେଶ ଦାସଗୁପ୍ତାଙ୍କ ସହିତ ବହୁ ସିଜିଏମ୍, ବିଭାଗୀୟ ମୁଖ୍ୟ ଓ କର୍ମଚାରୀମାନେ ଉପସ୍ଥିତ ଥିଲେ । ଏହି ଅତ୍ୟାଧୁନିକ ଏବଂ ବହୁମୁଖୀ ସମ୍ମିଳନୀ କକ୍ଷ ପ୍ରତିଷ୍ଠାରେ ଖୁସି ବ୍ୟକ୍ତ କରି ଶ୍ରୀ ବର୍ମା କହିଛନ୍ତି ଯେ ସେ କକ୍ଷରେ ହେଉଥିବା ଅନେକ ଗୁରୁତ୍ୱପୂର୍ଣ୍ଣ ଆଲୋଚନା ଏବଂ ମାନସ ମନ୍ଥନ ଅଧିବେଶନଗୁଡିକୁ ଦେଖିପାରିବେ । ସେ ଆହୁରି ମଧ କହିଛନ୍ତି, 'ଏହି ବିକାଶ ସର୍ବଦା ସ୍ୱାଗତଯୋଗ୍ୟ ହେବା ସହ ଖୁସି ସୂଚକାଙ୍କ, ଦଳଗତ କାର୍ଯ୍ୟ ଏବଂ ସୌହାର୍ଦ୍ଦ୍ୟ କିମ୍ବା ସାମଗ୍ରିକ କାର୍ଯ୍ୟଦକ୍ଷତାରେ ପରିପୂର୍ଣ୍ଣ ହେଉ । ଅତ୍ୟନ୍ତ ଆଧୁନିକ ସମ୍ମିଳନୀ କକ୍ଷମାନର ପ୍ରତିଷ୍ଠା ଆରଏସପି ର ଭିତ୍ତିଭୂମିଗୁଡିକର ଅଭିବୃଦ୍ଧି ପାଇଁ ଶୁଭ ସୂଚକ ଅଟେ ।' ଏ ହ । ଉଲ୍ଲେଖନୀୟ ଯେ, ସଂସ୍କୃତରୁ ଉଦ୍ଧୃତ 'ସମାଗମ' ନାମର ଅର୍ଥ 'ଏକତ୍ର ହେବା' କିମ୍ବା 'ବୈଠକ' ଯାହା ଏହି ନାମ ଆଲୋଚନା, ଉପସ୍ଥାପନା, ବୈଷୟିକ କର୍ମଶାଳା ଏବଂ ମାନସ ମନ୍ଥନର ସ୍ଥାନ ଭାବରେ କକ୍ଷର ଉଦ୍ଦେଶ୍ୟକୁ ପ୍ରତିଫଳିତ କରୁଛି - ଯାହାର ଲକ୍ଷ୍ୟ ସହଯୋଗୀ ଆଦାନପ୍ରଦାନ ମାଧ୍ୟମରେ ସଂଗଠନକୁ ଶୀର୍ଷକୁ ନେବା । ଏହି ସମ୍ମିଳନୀ କକ୍ଷକୁ ନବସୃଜନ, ବୃତ୍ତିଗତ ବିକାଶ ଏବଂ ଦୃଢ଼ ସାଂଗଠନିକ ବନ୍ଧନ ପାଇଁ ଏକ ଉତ୍ ପ୍ରେରକ ଭାବରେ କଳ୍ପନା କରାଯାଇଛି । 'ଏହା କେବଳ ଏକ ସମ୍ମିଳନୀ କକ୍ଷ ନୁହେଁ ବରଂ ଅଭିବୃଦ୍ଧି ସ୍ଥଳ' ଏହି ଦୃଷ୍ଟିକୋଣକୁ ବାସ୍ତବତାରେ ପରିଣତ କରିବାରେ ଅବଦାନ ରଖିଛନ୍ତି ପରିଣତ କରିବାର ସିଭିଲ୍ ଇଞ୍ଜିନିୟରିଂ (ସେବା), ଏୟାର କଣ୍ଡିସନିଂ, ଯୋଗାଯୋଗ ବିଭାଗ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ବିଭାଗଗୁଡିକର ନିର୍ମାଣକାରୀ ଦଳଗୁଡ଼ିକ ।

# ଅଗଷ୍ଟ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ ଅପେରସନ'ଗରୁଡ଼' ଅଭିଯାନ

ଭୁବନେଶ୍ୱର, ୧୦/୦୮ (ନି.ପ୍ର): ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଶ୍ରୀ ଯୋଗେଶ ବାହାଦୁର ଖୁରାନିଆଙ୍କ ନିର୍ଦ୍ଦେଶ କ୍ରମେ ଗତ ଅଗଷ୍ଟ ୧ ତାରିଖରୁ ରାଜ୍ୟର ସମସ୍ତ ଜିଲ୍ଲା ପୋଲିସ ଏସପିଙ୍କ ନେତୃତ୍ୱରେ ଅପେରସନ'ଗରୁଡ଼' ଅଭିଯାନ ଆରମ୍ଭ ହୋଇଛି । ଏହି ଅଭିଯାନ ଚଳିତ ଅଗଷ୍ଟ ୧୪ ତାରିଖ ପର୍ଯ୍ୟନ୍ତ ଚାଲିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ( ଆଇନ ଓ ଶୃଙ୍ଖଳା) ଶ୍ରୀ ସଞ୍ଜୟ କୁମାର ସୂଚନା ଦେଇଛନ୍ତି । ଅପରାଧ ଏବଂ ଅପରାଧୀଙ୍କ ଉପରେ ରୋକ ଲଗାଇବାକୁ ଏହି ଅଭିଯାନକୁ ଆହୁରି ଜୋରଦାର କରାଯିବ ବୋଲି ସେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏହି ଅଭିଯାନରେ ମୁଖ୍ୟତଃ ଜାମିନ ବିହୀନ ୱାରେଂଟ କୁ କାର୍ଯ୍ୟକାରୀ କରିବା, ନିଶା ଦ୍ରବ୍ୟ ଚୋରା ଚାଲାଣକୁ ରୋକିବା, ବେଆଇନ ଅସ୍ତ୍ରଶସ୍ତ୍ର ଜବତ ଏବଂ ଅପରାଧୀଙ୍କୁ ଗିରଫ କରିବା, ଜୁଆ ଆଡ୍ଡା ଉପରେ ଚଢ଼ାଉ ଏବଂ ବିଭିନ୍ନ ଅପରାଧରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କୁ ଗିରଫ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ଏହି ଅପରେସନର ପ୍ରଥମ ସପ୍ତାହରେ ସମସ୍ତ ଜିଲ୍ଲାର ଏସପି ଓ ଅନ୍ୟାନ୍ୟ ଅଧିକାରୀ ସାମିଲ ହୋଇ ଅପରାଧ ଏବଂ ଅପରାଧୀଙ୍କୁ ରୋକିବାରେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି । ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ( ଆଇନ ଓ ଶୃଙ୍ଖଳା) ଶ୍ରୀ ସଞ୍ଜୟ କୁମାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଅପରେସନ ସାରା ରାଜ୍ୟରେ କାର୍ଯ୍ୟକାରୀ ହେଉଛି । ଉଲ୍ଲେଖଯୋଗ୍ୟ ଯେ, ବେଆଇନ ଅସ୍ତ୍ରଶସ୍ତ୍ର ଚୋରା ଚାଲାଣ କ୍ଷେତ୍ରରେ ଗଞ୍ଜାମ ପୋଲିସ ଜିଲ୍ଲା ୧୦ ଟି ବନ୍ଧୁକ ଜବତ କରିବା ସହ ୧୩ ଜଣଙ୍କୁ ଗିରଫ କରିଛି । ସେହିପରି ରାଉରକେଲା ପୋଲିସ ଜିଲ୍ଲା ଜଣେ ବ୍ୟକ୍ତିଙ୍କୁ ଗିରଫ କରିବା ସହ ତା' ନିକଟରୁ ଏକକାଳୀନ ୧୦ ଟି ବନ୍ଧୁକ ଜବତ କରିଛି । ଏନଡିପିଏସ ମାମଲାରେ କନ୍ଧମାଳ ପୋଲିସ ୫୩୫ କେଜି ଜବତ କରିବା ସହ ୧୫ ଜଣଙ୍କୁ ଗିରଫ କରିଛି । ଅବକାରୀ ମାମଲାରେ କେନ୍ଦୁଝର ପୋଲିସ ଜିଲ୍ଲା ସର୍ବାଧିକ ୧୦୭ଟି ମାମଲା ରୁଜୁ କରିଥିବା ବେଳେ ୧୫୦୯ ଲିଟର ମଦ ଜବତ କରିଛି । ସେହିପରି ଜୁଆ ଆଡ୍ଡା ଉପରେ ଚଢ଼ାଉ କ୍ଷେତ୍ରରେ ରାଉରକେଲା ଜିଲ୍ଲା ପୋଲିସ ୩ ଟି ମାମଲା ରୁଜୁ କରି ୧,୪୮,୩୩୦ ଟଙ୍କା ଜବତ କରିବା ସହ ୧୭ ଜଣଙ୍କୁ ଗିରଫ କରିଛି ।

# ଗଙ୍ଗାଧରଙ୍କ କାବ୍ୟରେ ପ୍ରକୃତି ଚଳମାନ ହୋଇଉଠେ ଭଦ୍ରକ ପୂଜ୍ୟପୂଜା ସଂସଦର ପୂର୍ଣ୍ଣିମା ଆସର

ଭଦ୍ରକ, ୧୦/୦୮ (ନି.ପ୍ର): ଓଡ଼ିଆ ଆଧୁନିକ କାବ୍ୟ ସାହିତ୍ୟରେ ଜଣେ ମହାନ କବି ଥିଲେ ସ୍ୱଭାବ କବି ଗଙ୍ଗାଧର ମେହେର । ଗଙ୍ଗାଧର ସଂସ୍କୃତ ଭାଷା ସାହିତ୍ୟରୁ କଥାବସ୍ତୁ ଗ୍ରହଣ କରି ରଚନା କରିଯାଇଛନ୍ତି ଅନେକ କାବ୍ୟ । ତାଙ୍କ କାବ୍ୟ ଗୁଡ଼ିକ ମନୋରମ, ଶିକ୍ଷଣୀୟ ତଥା ସଦୁପଯୋଗୀ । କବିଙ୍କ ଭକ୍ତି, ମଧୁମୟ, ଅମୃତମୟ ଆଦି କବିତା ତାଙ୍କୁ ଜଣେ ବିଶିଷ୍ଟ ଦାର୍ଶନିକ ଭାବରେ ପ୍ରକାଶିତ କରେ । କବିଙ୍କ ବର୍ଣ୍ଣନାରେ ପ୍ରକୃତି ଚଳମାନ ହୋଇଉଠି ଥାଏ ବୋଲି ଭଦ୍ରକ ପୂଜ୍ୟପୂଜା ସଂସଦର ପୂର୍ଣ୍ଣିମା ଆସରରେ ଯୋଗଦେଇ ବିଶିଷ୍ଟ ଗବେଷକ ମାନେ ମତ ପ୍ରକାଶ କରିଛନ୍ତି । ଭାଗବତ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ପୂର୍ଣ୍ଣିମା ଆସରରେ 'ତ୍ୟାଗଭୂମି'ର ସଭାପତି ଅଜୟ ନାୟକ ସଭାପତିତ୍ୱ କରି ଆଜିର ଶ୍ରାବଣ ପୂର୍ଣ୍ଣିମା ବା ଗହ୍ମା ପୂର୍ଣ୍ଣିମାକୁ ପ୍ରଭୁ ବଳଭଦ୍ରଙ୍କ ଜନ୍ମ ତିଥିଭାବେ ଗ୍ରହଣ କରାଯାଏ । ହଳମୂଷଳ ଧାରଣ କରିଥିବା ବଳଭଦ୍ରଙ୍କୁ ସମ୍ମାନ ଜଣାଇ ଏହିଦିନ ଗୋମାତାଙ୍କୁ ପୂଜା କରାଯିବାର ପରମ୍ପରା ରହିଛି ବୋଲି କହିଥିଲେ । ମୁଖ୍ୟ ବକ୍ତା ଭାବେ କବି ରମାକାନ୍ତ ନାୟକ ଯୋଗଦେଇ ଛନ୍ଦମାଧୁର୍ଯ୍ୟର ଆଧୁନିକୀକରଣ କରି କବି ଗଙ୍ଗାଧର ଓଡ଼ିଆ କାବ୍ୟ ରଚନାକୁ ଏକ ନୂତନ ଉଚ୍ଚତାକୁ ନେଇଥିଲେ ବୋଲି କହିଥିଲେ । ସମ୍ମାନିତ ଅତିଥି ଭାବେ ଅବସର ପ୍ରାପ୍ତ ପ୍ରାଧାପକ ଅଟଳ ବିହାରୀ ନାୟକ ଯୋଗଦେଇ ପୁରାଣ ଓ ଇତିହାସରେ ରହିଛି ରକ୍ଷାବନ୍ଧନର ଅନେକ ଘଟଣା । ପୁରାଣରେ ଅସୁର ରାଜାବଳିଠାରୁ ମୋଗଲ ସମ୍ରାଟ ହୁମାୟୁନଙ୍କ ଯାଏଁ ରକ୍ଷାବନ୍ଧନ ଭଉଣୀର ସମ୍ମାନ ରକ୍ଷା କରିଆସିଛି ବୋଲି କହିଥିଲେ । କବି ଦିପ୍ତିମୟୀ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ପାଠୋତ୍ସବରେ ବୈକୁଣ୍ଠ ନାଥ ଓଝା, ବିଜୟ ବହଳି, ବସନ୍ତ ପାତ୍ର, ବିପ୍ଳବ ହୋତା, ରମେଶ ଦାସ, ବିଜୟ ଜେନା, ଅକ୍ଷୟ ଜେନା, ପ୍ରୀତିଲତା ପଣ୍ଡା, ଅରୂପାନନ୍ଦ ନାୟକ, ମନୋରଞ୍ଜନ ଦାସ, ଶାନ୍ତନୁ ରାଉତ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ । ମଞ୍ଚ ଆମନ୍ତ୍ରଣ ଓ ଅତିଥି ପରିଚୟ ସହସମ୍ପାଦକ ବୈକୁଣ୍ଠ ବିଶ୍ୱାଳ ଦେଇଥିଲେ । ସ୍ୱାଗତଭାଷଣ ସମ୍ପାଦକ ରୂପକ ବିହାରୀ ରାୟ ଦେଇଥିବା ବେଳେ, ଅନୁଷ୍ଠାନର ଉପଦେଷ୍ଟା ଦୁଃଶାସନ ମହାନ୍ତି ଧନ୍ୟବାଦ ଦେଇଥିଲେ ।

# ଚରମ୍ପା ସାହିତ୍ୟ ସଂସ୍କୃତି ମଂଚ : ରକ୍ଷାବନ୍ଧନ ଓ ମେହେର ଜୟନ୍ତୀ ପାଳିତ

ଭଦ୍ରକ, ୧୦/୦୮ (ନି.ପ୍ର): ଭାଇ ହାତରେ ଭଉଣୀର ରାକ୍ଷୀ । ରଖେ ସାକ୍ଷୀ । ଆପଦ କାଳରେ ଭାଇ ହୁଏ ଆରକ୍ଷୀ । ପୌରାଣିକ ତଥା ଐତିହାସିକ ସତ୍ୟତା ଅବଲମ୍ବନରେ ଏଯାବତ୍ ପରମ୍ପରା ଚଳି ଆସୁଛି ବୋଲି ଚରମ୍ପା ସାହିତ୍ୟ ସଂସ୍କୃତି ମଂଚ ଆନୁକୂଲ୍ୟରେ ମଂଚର ଉପଦେଷ୍ଟା ଗାନ୍ଧି ବିଗ୍ରହ ମଂଚର ସଭାପତି ଶାନ୍ତନୁ କୁମାର ରାଉତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ଚରମ୍ପା ରାମଚନ୍ଦ୍ର ବିହାରୀ ଲାଲ ସରକାରୀ ଉଚ୍ଚ ବିଦ୍ୟାଳୟରେ ମଂଚାସୀନ ଅତିଥି ବୃନ୍ଦ ମତ ପୋଷଣ କରିଥିଲେ । ମଂଚ ଆହ୍ୱାନ ଓ ସଂପାଦକୀୟ ବିବରଣୀ ପାଠ କରିଥିଲେ ମଂଚର ସଂପାଦକ ବାବୁଲାଲ ଦାସ । ବନ୍ଦେ ଉତ୍କଳ ଜନନୀ ଗାନ କରିଥିଲେ ଭାରତୀ ପଲେଇ । ମଂଚ ଉଦ୍‌ଘାଟନ ଚରମ୍ପା ମହାବିଦ୍ୟାଳୟର ପ୍ରାଧାପିକା ସୁକାନ୍ତୀ ମହାପାତ୍ର କରିଥିବାବେଳେ ସଶ୍ରଦ୍ଧେ ରାକ୍ଷୀ ବାନ୍ଧିଥିଲେ ଚରମ୍ପାସ୍ଥ ପ୍ରଜାପିତା ବ୍ରହ୍ମକୁମାରୀ ଆଶ୍ରମର ଅନ୍ତେବାସୀବୃନ୍ଦ । ସଭାପତି ଅଶୋକ ମହାନ୍ତି, ମୁଖ୍ୟବକ୍ତା ପ୍ରାକ୍ତନ ଅଧ୍ୟକ୍ଷ ଶିବରାମ ଖାମୁରାଇ, ସମ୍ମାନିତ ଅତିଥି ସମାଜସେବୀ ଲଲାଟେନ୍ଦୁ ମହାନ୍ତି, ଉପସଭାପତି ଶରତଚନ୍ଦ୍ର ମହାନ୍ତି, ସର୍ବୋଦୟ ମଣ୍ଡଳର ନାରାୟଣ ଚନ୍ଦ୍ର ପାଢ଼ୀ ରକ୍ଷାବଂଧନ ତଥା ମେହେର ଜୟନ୍ତୀର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ । କବିତା ପାଠୋତ୍ସବରେ କବି ରମେଶ ଚନ୍ଦ୍ର ବେହେରା, ରମେଶଚନ୍ଦ୍ର ଦାସ, ବିପ୍ଳବ ହୋତା, ବୈକୁଣ୍ଠ ନାଥ ଓଝା, ଋତୁରାଜ ଅକ୍ଷୟ, ଅରୂପାନନ୍ଦ ନାୟକ, ଶଶିକାନ୍ତ ବେହେରା, କୈଳାସ ଚନ୍ଦ୍ର ପାଣିଗ୍ରାହୀ, ଗୋକୁଳାନନ୍ଦ ରାଉତ ଯୋଗଦାନ କରିଥିବା ବେଳେ ସହଯୋଗ କରିଥିଲେ ।

# ଆମ ଗାଁ ସାହିତ୍ୟ ପରିଷଦର ବହୁବିଧ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୧୦/୦୮ (ନି.ପ୍ର): କେନ୍ଦ୍ରାପଡ଼ାର ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଆମ ଗାଁ ସାହିତ୍ୟ ପରିଷଦ ଆନୁକୁଲ୍ୟରେ ରାକ୍ଷୀ ପୂର୍ଣ୍ଣିମା ଅବସରରେ ବାଲିଆ ଦୟାନନ୍ଦ ସେବାଶ୍ରମ ପରିସରରେ ବହୁବିଧ କାର୍ଯ୍ୟକ୍ରମ କରାଯାଇଛି । ଆମ ଗାଁ ସାହିତ୍ୟ ପରିଷଦର ସଭାପତି ନାଟ୍ୟକାର ସଞ୍ଜୟ କୁମାର ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ମୌସୁମୀ ସାହିତ୍ୟ ସଂସ୍କୃତି ପରିଷଦ ର ସଂପାଦକ ଡ଼ ଶ୍ରୀଧର କୁମାର ସାମଲ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସ୍ତମ୍ଭକାର ଡ ସର୍ବେଶ୍ୱର ସେଣ, ସମ୍ମାନୀତ ଅତିଥି ଭାବେ ବିଶିଷ୍ଟ ବାସ୍ତୁବିତ୍ ସମାଜ ସେବୀ ଡ ନାରାୟଣ ପତି ଯୋଗଦେଇ ପବିତ୍ର ରକ୍ଷାବନ୍ଧନର ମାହାତ୍ମ୍ୟ, ଏହା ଭାଇ ଭଉଣୀର ସ୍ନେହ ମମତା ସମ୍ପର୍କର ପ୍ରତୀକ ବୋଲି ମତ ରଖିଥିଲେ । ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ଅବସରରେ ଓଡ଼ିଆ ସାହିତ୍ୟରେ ଗଙ୍ଗାଧର ଶୀର୍ଷକ ଆଲୋଚନା କରାଯାଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା । ଦୟାନନ୍ଦ ସେବାଶ୍ରମର ମୁଖ୍ୟ ସଂଚାଳକ ମଦନ ମୋହନ ବେହେରା ସ୍ୱାଗତ୍ ଭାଷଣ ପ୍ରଦାନ କରିଥିଲେ । ସଂପାଦକ ସ୍ୱପ୍ନ ।ସ୍ୱଶୁ କୁମାର ଦାସ ଅନୁଷ୍ଠାନର ଆଭିମୁଖ୍ୟ ଓ ଆଗାମୀ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ବରିଷ୍ଠ କବି ଗୀତାଞ୍ଜଳୀ ସାହୁ ସ୍ୱାଗତ ସଙ୍ଗୀତ ଗାନ କରିଥିଲେ । ବହୁଭାଷୀ କବି, ସୁସଂଗଠିକା, ଡ୍ କଳ୍ପନା ମଲ୍ଲିକ ରାଜ୍ୟ ମହିଳା କମିଶନର ସଦସ୍ୟା ଭାବେ ମନୋନୀତ ହୋଇଥିବାରୁ ଆମ ଗାଁ ସାହିତ୍ୟ ପରିଷଦ ପକ୍ଷରୁ ଉପଢୌକନ୍, ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧନା କରାଯାଇଥିଲା । ଆଶ୍ରମ ସଂଚାଳକ ମଦନ ମୋହନ ବେହେରାଙ୍କୁ ନିରନ୍ତର ସମାଜ ସେବା ପାଇଁ ସମ୍ବର୍ଦ୍ଧନା କରାଯାଇଥିଲା । ଲୋକ ପ୍ରିୟ କବି, ଈଶ୍ୱର ଚନ୍ଦ୍ର ପୃଷ୍ଟି ଓ ପ୍ରବଚକ ଶୈଳଜ । ଶଙ୍କର ସାମଲ ଙ୍କ ସଂଯୋଜନାରେ ଅନୁଷ୍ଠିତ କବିତା ଅ ।ସରରେ କବିତା ମୁଦୁଲି, ରଞ୍ଜନ ବାଇ, ଗୀତାଞ୍ଜଳୀ ସାହୁ, ବାପିନ ମଲ୍ଲ, କିଶୋର ଚନ୍ଦ୍ର ଜେନା, ରାଜେଶ କୁମାର ଜେନା, ଗୋଲାପ ରାଉତ, ନକୁଳ ଚନ୍ଦ୍ର ପୃଷ୍ଟି, ମଧୁସୂଦନ ନାୟକ, ରଘୁନାଥ ସାହୁ, ପ୍ରମୁଖ କୋଡ଼ିଏ ଜଣ କବି ସ୍ୱ କବିତା ପାଠ କରିଥିଲେ । ଇତ୍ୟବସରରେ ଆଶ୍ରମ ପରିସରରେ ପରିଷଦ କର୍ମକର୍ତା ମାନେ ବୃକ୍ଷରୋପଣ କରିଥିଲେ । ଆଶ୍ରମର କର୍ମକର୍ତା ବସନ୍ତ ଜେନା, ରବୀନ୍ଦ୍ର ନାଥ ଜେନା, ବୈଲୋଚନ ଦାସ, ଉର୍ମିଳା ଆର୍ଯ୍ୟ । , ଶିକ୍ଷା ଭାରତୀ ଆର୍ଯ୍ୟ ।, ଉପସ୍ଥିତ ରହି ସହଯୋଗ କରିଥିଲେ । ସର୍ବଶେଷରେ ଅକ୍ଷୟ କୁମାର ବରାଳ ଧନ୍ୟବାଦ ଅର୍ପଣ କରିଥିଲେ । ଆଶ୍ରମ ପରିସରରେ ଆମ ଗାଁ ସାହିତ୍ୟ ପରିଷଦ ତର ଫରୁ ବୃକ୍ଷରୋପଣ କରାଯାଇଥିଲା ।

# ବରପାଲିଠାରେ ଭାଷାବିକାଶର ଦିବସବ୍ୟାପି ଗଙ୍ଗାଧର ଚର୍ଚ୍ଚା

ବାଲେଶ୍ୱର, ୦୯/୮ (ନି.ପ୍ର): ଓଡ଼ିଆ ଭାଷା ବିକାଶ ଆନ୍ଦୋଳନରୁ ବାଲେଶ୍ୱର ବରପାଲି ସାରସ୍ୱତ ସଂପ୍ରୀତି ଯାତ୍ରାରେ ଯାଇଥିବା ସାହିତ୍ୟିକ ସାହିତ୍ୟିକାମାନେ ଗଙ୍ଗାଧର ଜୟନ୍ତୀ ଅବକାଶରେ ବରପାଲିସ୍ଥିତ ଗଙ୍ଗାଧରଙ୍କର ଜନ୍ମଗୃହ ପରିଦର୍ଶନ କରିଥିଲେ। ସେହି ସ୍ଥାନରେ ଏକ ଆଲୋଚନାତ୍ମକ ସାହିତ୍ୟସଭା ଗଙ୍ଗାଧରଙ୍କର ପ୍ରପୌତ୍ର ମନୋରଂଜନ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା ଓ ସଭାର ସଂଯୋଜନା କରିଥିଲେ ଡ. ଶୁକମୁନି ମେହେର। ସ୍ଥାନୀୟ ବିଧାୟକ ସନତ କୁମାର ଗଡ଼ତିଆ ମୁଖ୍ୟଅତିଥି ଭାବରେ ଯୋଗଦେଇ ବାଲେଶ୍ୱରରୁ ଯାତ୍ରା କରିଥିବା ସାହିତ୍ୟିକମାନଙ୍କର ଭବ୍ୟ ଅଭ୍ୟର୍ଥନା କରିଥିଲେ। ଏହି ସ୍ଥାନରେ ସମ୍ମାନିତ ବକ୍ତା ଭାବରେ ଡ. ରମାକାନ୍ତ ନାୟକ ଓ ଡ. ଶିରୀଶଚନ୍ଦ୍ର ଜେନା ଯୋଗ ଦେଇ ଗଙ୍ଗାଧରଙ୍କ ସାହିତ୍ୟର ବିସ୍ତୃତ ଆଲୋଚନା କରିଥିଲେ। ପ୍ରଫେସର କୁମୁଦ ରଂଜନ ପାଣିଗ୍ରାହୀ, ପ୍ରଫେସର ଅଶୋକ କୁମାର ଦାଶ ଓ ଡ. କୁଳମଣି ବେହେରାଙ୍କୁ ଗଙ୍ଗାଧର ସାହିତ୍ୟ



ସମ୍ମାନ ପ୍ରଦାନ କରାଯାଇଥିଲା। ବାଲେଶ୍ୱରରୁ ଯାଇଥିବା ଭଉଣୀମାନେ ସମସ୍ତଙ୍କ ହାତରେ ରକ୍ଷାବନ୍ଧନ କରି ବାଲେଶ୍ୱରୀ ଗଜା ଖୁଆଇଥିଲେ। ଏହି କାର୍ଯ୍ୟକ୍ରମ ପରେ ପରେ ଏକ ଜ୍ୟୋତି ଯାତ୍ରାରେ ଗଙ୍ଗାଧରପ୍ରେମୀମାନେ ନିକଟସ୍ଥ ସତଲମା କଲେଜକୁ ଯାତ୍ରା କରି ସେଠାରେ ଏକ ସାହିତ୍ୟ ଚର୍ଚ୍ଚାରେ ଅଂଶଗ୍ରହଣ କରିଥିଲେ। ସେଠାରେ କଲେଜର ଅଧ୍ୟକ୍ଷ ଲିଙ୍ଗରାଜ ବେହେରାଙ୍କ ପୌରୋହିତ୍ୟରେ ଏକ ଚିତ୍ତାକର୍ଷକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଅଭିନେତ୍ରୀ ତପସ୍ୱିନୀ ଗୁରୁ, ଡ. ସାରଙ୍ଗଧର ତ୍ରିପାଠୀ, କବି ଦୀପକ ବୋଷ, ଡ. ଦୁର୍ବାଦଳ ମେହେର, ରକ୍ଷାକାରୀ ବିଶି ଓ ଡ. ଉମେଶଚନ୍ଦ୍ର ଶତପଥୀ ପ୍ରମୁଖ ଗଙ୍ଗାଧରଙ୍କ ସାହିତ୍ୟ ଉପରେ ଚର୍ଚ୍ଚା କରିଥିଲେ। ସଂଧ୍ୟା ସମୟରେ ଗଙ୍ଗାଧର ମେହେର କ୍ଲବ ଆନୁକୂଲ୍ୟରେ ବରପାଲିଠାରେ ଓଡ଼ିଶା ସାହିତ୍ୟ ଏକାଡେମୀ ସହ ମିଳିତ ଭାବରେ ଗଙ୍ଗାଧର ଜୟନ୍ତୀ ପାଳନ କରାଯାଇଥିଲା। ପ୍ରଥମେ ହେମେନ୍ଦ୍ର ମହାପାତ୍ରଙ୍କ ରଚିତ 'କମ୍ବଳ' ନାଟକ ପରିବେଷିତ ହେବା ପରେ ଅଧ୍ୟାପକ ଘନଶ୍ୟାମ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଗଙ୍ଗାଧର ମେହେରଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଜଗନ୍ନାଥ ସଂସ୍କୃତି ଗବେଷକ ଡା. ଆଶୁତୋଷ ପ୍ରସାଦ ମିଶ୍ର, ସୁସାହିତ୍ୟିକ ଡ. ଲକ୍ଷ୍ମଣ ମେହେର ଓ ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀ ଗଙ୍ଗାଧର ସାହିତ୍ୟର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ଏଥିରେ ସାହିତ୍ୟ ଏକାଡେମୀର ସହସଚିବ ସଂଜୟ କୁମାର ଛୁଆଳସିଂହ ସ୍ୱାଗତ ବକ୍ତବ୍ୟ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ନରେନ୍ଦ୍ର କୁମାର ହୋତା ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ଓଡ଼ିଆ ଭାଷାବିକାଶ ଆନ୍ଦୋଳନ ତରଫରୁ ଗଙ୍ଗାଧର ମେହେର କ୍ଲବକୁ ଫକୀରମୋହନ ଓ ଗଙ୍ଗାଧରଙ୍କ ଏକ ଯୁଗ୍ମ ପ୍ରତିମୂର୍ତ୍ତି ତଥା ବାଲେଶ୍ୱରରୁ ନିଆଯାଇଥିବା ଏକ ଚିତ୍ରିତ କମ୍ବଳ ଉପହାର ସ୍ୱରୂପ ପ୍ରଦାନ କରାଯାଇଥିଲା। ସେମାନଙ୍କ କାର୍ଯ୍ୟକ୍ରମକୁ ପ୍ରଶଂସା କରି ଫକୀରମୋହନ ସାହିତ୍ୟ ପରିଷଦ ତରଫରୁ ଏକ ସମ୍ମାନପତ୍ର ତଥା ପରିଷଦ ପ୍ରକାଶିତ କିଛି ଦୁର୍ଲ୍ଲଭ ଗ୍ରନ୍ଥ ସଂପାଦକ ଡ. ରତ୍ନାକର ସିଂହଙ୍କଦ୍ୱାରା ପ୍ରଦାନ କରାଯାଇଥିଲା। ଦିବସବ୍ୟାପି କାର୍ଯ୍ୟକ୍ରମରେ ନିରଂଜନ ରାଉତ, ଶରତ କୁମାର ମହାପାତ୍ର, ବାସନ୍ତୀ ଦେ, ମମତା ମହାପାତ୍ର, ଗୀତାଞ୍ଜଳି ସିଂହ, ଡ. ହରିଶ୍ଚନ୍ଦ୍ର ବେହେରା, ତପନ ରାୟ, ଜ୍ୟୋସ୍ନା ରାୟ, କଲ୍ୟାଣୀ ନନ୍ଦ, ସୁବ୍ରତା ମହାନ୍ତି, କୃଷ୍ଣା ପ୍ରଧାନ, ଶାନ୍ତିଲତା ପଣ୍ଡା, ଜୁମରନାଥ ପାତ୍ର, ଯଶୋଧାରା ଦାସ, ମମତା ଦାସ, ସ୍ନିଗ୍ଧା ସାମନ୍ତରାୟ, ତୃପ୍ତିରାଣୀ ପାତ୍ର, ଶୁଭଙ୍କର ମହାପାତ୍ର, ବେଣୁଧର ସାହୁ, ଦେବାଶିଷ ସିଂହ, ଦୀପକ ଦାସ, ଗୀତାଞ୍ଜଳି ଶତପଥୀ, ଦୀନବନ୍ଧୁ ଲେଙ୍କା, ପ୍ରଭାକର ସାହୁ, ସଂଜୟ କୁମାର ପଣ୍ଡା, ପ୍ରଫୁଲ୍ଲ କୁମାର ଦାସ, ପ୍ରତିମା ପଣ୍ଡା, ଅର୍ଚ୍ଚନା ନନ୍ଦୀ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରି ଗଙ୍ଗାଧର ଜୟନ୍ତୀକୁ ଅନ୍ତରଙ୍ଗତାର ସହ ପାଳନ କରିଥିଲେ।

# ଆଡ଼ାଘୁଟୁରେ ବିଶ୍ୱ ଆଦିବାସୀ ଦିବସ ପାଳିତ

ଉଦଳା , ୧୦/୮ (ନି.ପ୍ର): ଉଦଳା ବ୍ଲକର ଶ୍ରୀଦାମଚନ୍ଦ୍ରପୁର ପଂଚାୟତ ଅନ୍ତର୍ଗତ ଆଡ଼ାଘୁଟୁ ଗ୍ରାମ ଠାରେ ଚଳିତ ଅଗଷ୍ଟ ୯ ତାରିଖ ଶନିବାର ଦିନ ବିଶ୍ୱ ଆଦିବାସି ଦିବସ ପାଳିତ ହୋଇ ଯାଇଛି । ଲୋକ ସଂଗଠନ ଜନଜାଗୃତି ମଂଚର ଆୟୋଜନରେ ଓଡ଼ିଶା ଶ୍ରମଜୀବି ମଂଚ ଓ ମହିଳା ଶ୍ରମଜୀବି ମଂଚ ଭୁବନେଶ୍ୱରର ସହଯୋଗରେ ଏଠାରେ ଏହି ଦିବସ ପାଳନ ପାଇଁ ସବୁ ପ୍ରକାର ବ୍ୟବସ୍ଥା କରାଯାଇଥିଲା । ପ୍ରଥମେ ଆଦିବାସି ଭାଇ ଭଉଣି ମାନେ ପାରମ୍ପାରିକ ବାଦ୍ୟଯନ୍ତ୍ରର



ତାଳେ ତାଳେ ସଂଗୀତ ଓ ନୃତ୍ୟ ପରିବେଷଣ କରିଥିଲେ । ପରେ ଅନୁଷ୍ଠିତ ସାଧାରଣ ସଭାରେ ମଂଚର ଟିମ ଲିଡ଼ର ଗଦାଧର ଦାସ ଅଧ୍ୟକ୍ଷତା କରି ସାରା ପୃଥିବିର ସବୁ ଦେଶରେ କିପରି ଆଜି ଆଦିବାସି ଦିବସ ପାଳିତ ହେଉଛି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ରୁପାଏ ବାସ୍କେ, ରାମଚନ୍ଦ୍ର ସିଂ, ମୋଚିରାମ ମାର୍ଣ୍ଡି, ଗାଲୁରାମ ମାର୍ଣ୍ଡି, ରୋହିଦାସ ଟୁଡୁ, ଗୁରୁଚରଣ ମାର୍ଣ୍ଡି, ଡୁଇସା ମୁର୍ମୁ, ଶାନ୍ତି କିସ୍କୁ, ସୁକାନ୍ତି ମୁର୍ମୁ ପ୍ରମୁଖ ଅଂଶ ଗ୍ରହଣ କରି ଆଧୁନିକତାର ପ୍ରଭାବରେ ଆଦିବାସିଙ୍କ ଭାଷା ଓ ସଂସ୍କୃତି କିଭଳି ପ୍ରଭାବିତ ହେଉଛି ବିସ୍ତୃତ ବର୍ଣ୍ଣନା କରିଥିଲେ । ମଂଚର ସ୍ୱେଚ୍ଛାସେବି ଭାରତି ପ୍ରାରମ୍ଭରେ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସ୍ୱେଚ୍ଛାସେବି ସସ୍ମିତା ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଆରତି, କାରୁକର, ସୁବ୍ରତ ସହଯୋଗ କରିଥିଲେ ।

## ଜୟପୁରଠାରେ ସିପିଆଇର ୧୮ତମ ଜିଲ୍ଲା ସମ୍ମିଳନୀର ଖୋଲା ଅଧିବେଶନ

ଜୟପୁର, ୧୦/୮ (ନି.ପ୍ର): ଜୟପୁର ଠାରେ ସିପିଆଇ ର ଦୁଇଦିନିଆ ୧୮ତମ ଜିଲ୍ଲା ସମ୍ମିଳନୀ ଆରମ୍ଭ ଆରମ୍ଭ ହୋଇଯାଇଛି। ଜିଲ୍ଲା ପାର୍ଟି ଅଫିସ୍ ପ୍ରାଙ୍ଗଣରେ ଏହି ସମ୍ମିଳନୀର ଲାଲ୍ ପତାକାକୁ ସିପିଆଇ ର କୋରାପୁଟ ଜିଲ୍ଲା ସମ୍ପାଦକ ଯୁଧିଷ୍ଠିର ରାଉଳ ଉତୋଳନ କଲା ପରେ ଏକ ବର୍ଣ୍ଣାଢ଼୍ୟ ଶୋଭାଯାତ୍ରା ସହର ପରିକ୍ରମା କରି ସହୀଦ୍ ମଣ୍ଡପ ସମ୍ମୁଖରେ ପାର୍ଟି ର ଖୋଲା ଅଧିବେଶନରେ ସମବେତ ହୋଇଥିଲେ । ରାଜ୍ୟ କାର୍ଯ୍ୟକାରି କମିଟି ସଦସ୍ୟ ପ୍ରମୋଦ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସଭାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ର ରାଜ୍ୟ ସମ୍ପାଦକ ମଣ୍ଡଳୀ ସଦସ୍ୟ ଜୟନ୍ତ ଦାସ ଉଦବୋଧନ ଦେଇ ଗତ ଶହେ ବର୍ଷ ଧରି କମ୍ୟୁନିଷ୍ଟ ପାର୍ଟି ଶୋଷଣ ଅତ୍ୟାଚାର ଜାତିଆଣ ଭେଦଭାବ, ସାମ୍ପ୍ରଦାୟିକତାବାଦ ବିରୋଧରେ ସଂଘର୍ଷ ସହ ଦେଶର ମୂଳ ବାସିନ୍ଦା ଆଦିବାସୀ ଦଳିତ ଓ ଚାଷୀ ମାନଙ୍କୁ ତାଙ୍କ ଭିଟାମାଟି ଓ ଫସଲ ଜମିରୁ ଉଚ୍ଛେଦ କରି ଜନଗଣଙ୍କ ଉପରେ ଅତ୍ୟାଚାର ଘଟି ଚାଲିଥିବା ବେଳେ କମ୍ୟୁନିଷ୍ଟ ପାର୍ଟି ଏହି ସକଳ ବର୍ଗଙ୍କ ଅଧିକାର ସାବ୍ୟସ୍ତ କରିବା ପାଇଁ ସଂଘର୍ଷ ବଜାୟ ରଖିଛି ବୋଲି ସୂଚନା ଦେଇଥିଲେ। ଏହି ସମାବେଶରେ ଏଆଇଟିୟୁସି ରାଜ୍ୟ ସାଧାରଣ ସମ୍ପାଦକ ବିଜୟ ଜେନା ଉଦବୋଧନ ଦେଇ ୧୮ତମ କୋରାପୁଟ ଜିଲ୍ଲା ସମ୍ମିଳନୀର ସଫଳତା କାମନା କରିଥିଲେ।

## ରକ୍ଷାବନ୍ଧନ ଅବସରରେ ଛାତ୍ରୀମାନଙ୍କୁ ଦୁର୍ଘଟଣା ଜନିତ ବାର୍ତ୍ତା

କେନ୍ଦ୍ରାପଡ଼ା, ୧୦/୮ (ନି.ପ୍ର): ପବିତ୍ର ରକ୍ଷା ବନ୍ଧନ ଅବସରରେ ଆଂଚଳିକ ପରିବହନ କାର୍ଯ୍ୟାଳୟ ଏବଂ ପୋଲିସ ପ୍ରଶାସନ ତରଫରୁ ଦୁହୁରିଆ ନିକଟରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ଓଡିଶା ସଡ଼କ ସେବା ସମିତି ତରଫରୁ ସମସ୍ତ ଗାଡ଼ି ଚାଳକମାନଙ୍କୁ ରାକ୍ଷୀ ବନ୍ଧା ଯିବା ସହ ଦୁର୍ଘଟଣା ଜନିତ ସଚେତନ ବାର୍ତା ଦିଆଯାଇଥିଲା। ଏହି ଅବସରରେ ଆଂଚଳିକ ପରିବହନ ଅଧିକାରୀ ଧୀରେନ୍ଦ୍ର କୁମାର ନାୟକ, କନିଷ୍ଠ ମୋଟର ଯାନ ନୀରିକ୍ଷକ ଶ୍ରୀକାନ୍ତ କୁମାର ଟୁଡୁ, ପରିବହନ ବିଭାଗର ଟ୍ରାଫିକ ଇନ୍ସପେକ୍ଟର ରାଜନାରାୟଣ ସ୍ୱାଇଁ, ଅବକାରୀ ବିଭାଗର କର୍ମଚାରୀ, ପୋଲିସ ପ୍ରଶାସନ ଏବଂ ପରିବହନ ବିଭାଗର ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଇତିହାସ ପ୍ରାଧାପକ ଶ୍ରୀଯୁକ୍ତ ବେଣୁଧର ଅଣ୍ଡିଆଙ୍କ ଧର୍ମପତ୍ନୀଙ୍କ ମହାପ୍ରୟାଣ

ଜଳେଶ୍ୱର, ୧୦/୮ (ନି.ପ୍ର): ଜଳେଶ୍ୱର ନୂଆବଜାର ସ୍ଥିତ ଭଞ୍ଜ କଲୋନୀର ସ୍ୱବାସଭବନରେ ପ୍ରାକ୍ତନ ଇତିହାସ ବିଭାଗର ପ୍ରାଧାପକ ଶ୍ରୀଯୁକ୍ତ ବେଣୁଧର ଅଣ୍ଡିଆଙ୍କ ଧର୍ମପତ୍ନୀ ସ୍ୱର୍ଗଗତା ସୁମତୀ ଅଣ୍ଡିଆଙ୍କର ତା-୯/୮/୨୫ ରିଖ ପ୍ରାତଃ ୭-୧୧ ଘଟିକାରେ ମାତ୍ର ୫୮ ବର୍ଷ ବୟସରେ ଅକାଳ ବିୟୋଗ ହୋଇ ଯାଇଛି ।ସେ ଜଣେ ସରଳା ମଧୁଭାଷିଣୀ-ସୁହାସିଣୀ-ଉଦାର-ମେଳାପୀ- ଧର୍ମ ପରାୟଣା ତଥା ପରମା ପତିବ୍ରତା ମହିଳା ଥିଲେ ।ଦୀର୍ଘ ଦିନ ହେବ ସେ କର୍କଟ ରୋଗରେ ପୀଡିତ ରହି ଉଚ୍ଚ ଧରଣର ଚିକିତ୍ସା ସେବା ସତ୍ତ୍ୱେ ଆରୋଗ୍ୟ ଲାଭ କରି ନ ପାରି ଶେଷରେ ଶେଷ ନିଃଶ୍ୱାସ ତ୍ୟାଗ କଲେ ।ମୃତ୍ୟୁଶଯ୍ୟା ନିକଟରେ ତା'ଙ୍କ ସ୍ୱାମୀ ଶ୍ରୀଯୁକ୍ତ ବେଣୁଧର ଅଣ୍ଡିଆ, ଏକମାତ୍ର କନ୍ୟା ପ୍ରାଚୀପ୍ରଭା ଅଣ୍ଡିଆ, ଜାମାତା ରବୀନ୍ଦ୍ର ବାଗ, ପୁତ୍ରବଧୂ ଶ୍ରୀମତୀ ପ୍ରିୟଙ୍କା ସାହୁ(ଅଣ୍ଡିଆ), ବଡଭାଇ ଶ୍ରୀଯୁକ୍ତ ସନ୍ୟାସୀ ଚରଣ ଗିରି, ନାତି ଶ୍ରୀମାନ ପ୍ରଦୀପ କୁମାର ବାଗ, ପୁତୁରା ବିକାଶ ରଞ୍ଜନ ଗିରି, ସମୁଦି ଶ୍ରୀଯୁକ୍ତ ରବୀନ୍ଦ୍ର ସାହୁ, ସମୁଦୁଣୀ ଶ୍ରୀମତୀ ମୀନତି ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।ତା'ଙ୍କ ଅକାଳ ବିୟୋଗ ସମଗ୍ର ଜଳେଶ୍ୱର ଅଞ୍ଚଳରେ ବାସ୍ତବରେ ଶୋକର ଛାୟା ଖେଳାଇ ଦେଇଛି ।ତା'ଙ୍କୁ ଜଳେଶ୍ୱରର ବିଭିନ୍ନ ବର୍ଗର ବହୁ ମାନ୍ୟଗଣ୍ୟ ବ୍ୟକ୍ତିବିଶେଷ ଆସି ଶେଷ ଦର୍ଶନ ସହିତ ପୁଷ୍ପାର୍ଘ୍ୟ ପ୍ରଦାନ କରିଥିଲେ ।ଜଳେଶ୍ୱର ନଗରପାଳ ଶ୍ରୀଯୁକ୍ତ ପ୍ରତୀକ କୁମାର ପ୍ରଧାନ, ୧୨ ନଂ ୱାର୍ଡ କାଉନସିଲର ଶ୍ରୀଯୁକ୍ତ ଶିବ ଶଙ୍କର ମହାପାତ୍ର, ଶ୍ରୀଯୁକ୍ତ କାର୍ତ୍ତିକ ଚରଣ ଦାସ, ଡକ୍ଟର ରଜନୀକାନ୍ତ ଭୂୟାଁ, ଡକ୍ଟର ଅକ୍ଷୟ କୁମାର ଦାସ ମହାପାତ୍ର, ଡକ୍ଟର ନୀଳକଣ୍ଠ ଖଣ୍ଡା, ଡକ୍ଟର ଅଜିତ କୁମାର ମହାନ୍ତି, ମହେଶ୍ୱର ଜେନା, ଅନେକ ମହିଳା, କଲୋନୀବାସୀ ଓ ବନ୍ଧୁବାନ୍ଧବ ପ୍ରମୁଖ ଶେଷ ଦର୍ଶନ କରି ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମ୍ବେଦନା ଜ୍ଞାପନ ସହିତ ଅମର ଆତ୍ମାର ସଦ୍ଗତି କାମନା କରିଥିଲେ ।ଏକମାତ୍ର ପୁତ୍ର ଶ୍ରୀଯୁକ୍ତ ଶକ୍ତିପ୍ରସନ୍ନ ଅଣ୍ଡିଆ ମାତୃ-ବିୟୋଗ ଦୁଃସମ୍ବାଦ ପାଇ ସୁଦୂର ଇନ୍ଦୋରରୁ ଆସି ପରିବାର ତଥା ବନ୍ଧୁବର୍ଗଙ୍କ ସହିତ ମାଆଙ୍କର ଅନ୍ତିମ ଇଚ୍ଛାକୁ ସାକାର କରିବାକୁ ଯାଇ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ ସଂପନ୍ନ କରିଥିଲେ।

# ସମସ୍ୟା ବଳୟ ଭିତରେ ଗୋବିନ୍ଦପୁର ଆଦର୍ଶ ସଂସ୍କୃତ ବିଦ୍ୟାଳୟ

## ■ପିଲା ପଢିବା ଓ ହଷ୍ଟେଲ ରହିବା ପାଇଁ କୋଠରୀ ନାହିଁ
## ■ବିପଦକୁ ନିମନ୍ତ୍ରଣ କରୁଛି ମୁକୁଳା ଡ୍ରେନ ଓ ପୁରାତନ ଶ୍ରେଣୀ ଗୃହ

ଖଇରା, ୧୦/୮ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଗୋବିନ୍ଦପୁର ପଞ୍ଚାୟତ ଅଧୀନ ବାରିକସାହି ରେ ୧୯୯୦ ମସିହାରେ ପ୍ରତିଷ୍ଠିତ ଆଦର୍ଶ ସଂସ୍କୃତ ବିଦ୍ୟାଳୟ ଏବେ ନାନା ସମସ୍ୟା ରେ ଛନ୍ଦି ହୋଇ ରହିଛି ।ଛାତ୍ରଛାତ୍ରୀଙ୍କ ଶିକ୍ଷାଦାନ ପାଇଁ ଏବଂ ହଷ୍ଟେଲ ରେ ରହିବା ପାଇଁ ପର୍ଯ୍ୟାପ୍ତ କୋଠରୀ ନାହିଁ । ଶୌଚାଳୟ ଓ ପାନୀୟ ଜଳ ବ୍ୟବସ୍ଥା ଶୋଚନୀୟ ହୋଇ ପଡିଥିବା ବେଳେ ବିଦ୍ୟାଳୟକୁ ଯିବାପାଇଁ ଭଲ ରାସ୍ତାଟିଏ ନାହିଁ କି ଚତୁପାର୍ଶ୍ୱରେ ସୁରକ୍ଷା ପାଚେରୀ ନାହିଁ । ବ୍ଲକ ଗ୍ରାଣ୍ଟରେ ଅନ୍ତର୍ଭୁକ୍ତ ଏହି ବିଦ୍ୟାଳୟ ର ସମାଧାନ ପାଇଁ ଶିକ୍ଷାବିଭାଗ ଓ ନିର୍ବାଚିତ ପ୍ରତିନିଧି ଗୁରୁତ୍ୱ



ଦେବାକୁ ପରିଚାଳନା କମିଟି,ଅଭିଭାବକ ଓ ଗ୍ରାମବାସୀ ମାନେ ଦାବୀ କରିଛନ୍ତି। ସଂସ୍କୃତ ଭାଷାର ପ୍ରଚାର ପ୍ରସାର ପାଇଁ ଅଞ୍ଚଳବାସୀଙ୍କ ପ୍ରଚେଷ୍ଟାରେ ସ୍ୱର୍ଗତ ଭାସ୍କର ଶଙ୍ଖୁଆ, ଜଗତାନନ୍ଦ ମହାପାତ୍ର, କୃଷ୍ଣଚନ୍ଦ୍ର ପଣ୍ଡା, ମନୋରଞ୍ଜନ ମହାନ୍ତି, ପ୍ରଶାନ୍ତ ବାରିକ, କାଶିନାଥ ମୁଦୁଲି, ଶ୍ରୀଧର ତ୍ରିପାଠୀଙ୍କ ଭଳି ବହୁ ବଦାନ୍ୟ ବ୍ୟକ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟ ଆରମ୍ଭ ହୋଇଥିଲା । ଦୁରଦୁରାନ୍ତରୁ ଆସୁଥିବା ଛାତ୍ରୀଛାତ୍ର ବିଶେଷ ଭାବରେ ଜନଜାତି ବର୍ଗର ପିଲା ମାନଙ୍କ ପାଇଁ ଛାତ୍ରାବାସର ବ୍ୟବସ୍ଥା କରାଯାଇଛି । ହେଲେ ପ୍ରଶାସନିକ ତଥା ରାଜନୈତିକ ଇଚ୍ଛାଶକ୍ତି ଅଭାବରୁ ପ୍ରତିଷ୍ଠା ୩୫ବର୍ଷ ଅତିବାହିତ ହୋଇ ଯାଇଥିଲେ ହେଁ ଶୈକ୍ଷିକ ପରିବେଶ ସୃଷ୍ଟି କରାଯାଇ ପାରିନାହିଁ । ଛାତ୍ରାବାସରେ ପର୍ଯ୍ୟାପ୍ତ ଗୃହ ଅଭାବରୁ ପିଲାମାନେ କୋଠରୀରେ ରହୁଥିଲେ ନିଜର ଆସବାବପତ୍ରକୁ ବାରଣ୍ଡାରେ ରଖିବାକୁ ବାଧ୍ୟ ହେଉଛନ୍ତି । ବିଦ୍ୟାଳୟ ଆରମ୍ଭ ସମୟର ଶ୍ରେଣୀ ଚାଲୁଥିବା ଆଜବେଷ୍ଟସ ଛପର ଘର ଏବେ ବିପଦ ସଂକୁଳ ହୋଇ ପଡିଥିବା ବେଳେ ନୂଆଛାତ ଘର ଅର୍ଥ ଅଭାବରୁ ପ୍ଲାଷ୍ଟରିଂ ହୋଇ ପାରିନାହିଁ କି ଝରକାକବାଟ ଲାଗି ପାରିନାହିଁ । ଏହି ଛାତ ଘରେ ପଲିଥିନ ଟାଙ୍ଗି କୋଠରୀ ଭାଗ କରି ଶିକ୍ଷକ ମାନଙ୍କୁ ଶିକ୍ଷାଦାନ କରିବାକୁ ପଡୁଛି । ଏଭଳି ପରିସ୍ଥିତିରେ ଶିକ୍ଷକ ମାନେ ବସିବା ବା ଛାତ୍ରଛାତ୍ରୀଙ୍କ ପାଇଁ କମନରୁମ ସେମାନଙ୍କ ପାଇଁ ସ୍ୱପ୍ନ ପାଲଟିଛି । ୫ଟି ଶ୍ରେଣୀରେ ୧୨୭ଜଣ ପିଲା ପଢୁଥିବା ବେଳେ ସେମାନଙ୍କ ପାଇଁ ଆବଶ୍ୟକୀୟ ଶୌଚାଳୟ ନାହିଁ କି ଭଲ ପିଇବା ପାଣି ମୁନ୍ଦେ ପିଲାଙ୍କୁ ମିଳିପାରୁନି । ବିଦ୍ୟାଳୟ ସମ୍ମୁଖରେ ଡ୍ରେନ ପାଇଁ ଖୋଳା ଯାଇଥିବା ନାଳ ୨ବର୍ଷଧରି ମୁକୁଳା ପଡିଥିବାରୁ ଛାତ୍ରୀଛାତ୍ର ,ଶିକ୍ଷକ ସମୁହ ବିପଦ ସଙ୍କୁଳ ଅବସ୍ଥାରେ ଯାତାୟାତ କରୁଛନ୍ତି । ଏ ସମ୍ପର୍କରେ ପ୍ରଧାନପଣ୍ଡିତ ମାୟାଧର ପତ୍ରୀଙ୍କୁ ଯୋଗାଯୋଗ କରିବାରେ ସବୁ ବେଳେ ସମସ୍ୟା ବିଷୟରେ ସୁପରିଟେଣ୍ଡେଣ୍ଟ ଅଫିସ ଓ ସ୍ଥାନୀୟ ଲୋକପ୍ରତିନିଧିଙ୍କୁ କୁହାଯାଉଛି । କିଛି ସମାଧାନ ହୋଇଛି । ବହୁ ସମସ୍ୟାର ସମାଧାନ ପାଇଁ ପ୍ରତିଶୃତି ମିଳିଥିବା କହିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଛାତ୍ରୀ ମୃତ୍ୟୁ ମାମଲାରେ...

ନିଜ ପ୍ରେମିକାଙ୍କ ଆପତ୍ତିଜନକ ଫଟୋ ବି ମିଳିଛି ପ୍ରମୋଦଙ୍କ ଜବତ ମୋବାଇଲରୁ। ଜୁଲାଇ ୧୭ରେ ଅଶ୍ଳୀଳ ଭିଡିଓ ଯୁବତୀଙ୍କ ବାପାଙ୍କ ପାଖକୁ ବି ପଠାଇଥିଲେ। ଆଉ ଭାଇରାଲ ପାଇଁ ଅନ୍ୟ ୨ ଜଣଙ୍କୁ ବି ପଠାଇ ଥିଲେ ପ୍ରମୋଦ। ଅର୍ଥାତ ମୋବାଇଲରେ ନିଜ ପ୍ରେମିକାଙ୍କ ଅଶ୍ଳୀଳ ଭିଡ଼ିଓ ରଖିବା ଏବଂ ଏକାଧିକ ମୋବାଇଲକୁ ପଠାଇବାର ପ୍ରମାଣ ପାଇଛି ପୋଲିସ। ଏପରିକି ପ୍ରମୋଦଙ୍କ ପାଖରେ ୬୦ଟି ଅଶ୍ଳୀଳ ଭିଡିଓ ଥିଲା ବୋଲି ପୋଲିସ କହିଛି। ଘଟଣା ଦିନ ସକାଳ ସାଢ଼େ ୬ଟାରେ ପ୍ରମୋଦ କଲ୍ କରିଥିଲା। ବାପା ମାଆ ବାହାରକୁ ଯିବା ଦୃଶ୍ୟ ସିସିଟିଭିରେ କଏଦ ରହିଛି। କିନ୍ତୁ ବାପା ଘରୁ ବାହାରିଲା ବେଳେ ଝିଅଙ୍କ ଦେଖାନଥିଲା ବୋଲି କହିଛନ୍ତି ଏସପି। ତେବେ ଯାହାକୁ ସେ ଭଲ ପାଉଥିଲେ କାହିଁକି ତାଙ୍କ ଆପତ୍ତିଜନକ ଭିଡ଼ିଓ କିମ୍ବା ଫଟୋକୁ ଅନ୍ୟତ୍ର ପଠାଉଥିଲେ ପ୍ରମୋଦ ? ପ୍ରମୋଦଙ୍କ ପରିବାର ଲୋକଙ୍କ କହିବା କଥା, ସଂପୃକ୍ତ ଯୁବତୀଙ୍କୁ ସେ ବିବାହ ପାଇଁ ମନସ୍ଥ କରିଥିଲେ। ତେବେ କାହିଁକି ଅଶ୍ଳୀଳ ଭିଡ଼ିଓକୁ ଭାଇରାଲ ପାଇଁ ଅନ୍ୟମାନଙ୍କୁ ପଠାଉଥିଲେ ? ପ୍ରେମ ବିରୋଧରେ ଏବଂ ବିବାହ ପାଇଁ ଯୁବତୀଙ୍କ ପରିବାର ପ୍ରତିବନ୍ଧକ ସାଜୁଥିଲେ ବୋଲି ନା ରହିଛି ଅନ୍ୟ କାରଣ ? ଏଭଳି ନାନା ପ୍ରଶ୍ନ ଭିତରେ ବୟଫ୍ରେଣ୍ଡ ପ୍ରମୋଦଙ୍କ ଗିରଫଦାରୀ ବିରୋଧରେ ଗର୍ଜିଥିଲେ ତାଙ୍କ ପରିବାର ଲୋକେ। ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଆଗରେ ପୁରୁଷ ବନ୍ଧୁଙ୍କ ପରିବାର ଏବଂ ଗାଁ ଲୋକେ ଧାରଣା ଦେଇଥିଲେ। ଏପରିକି ପ୍ରମୋଦଙ୍କ ବାପା ଆତ୍ମାହୁତୀ ଚେତାବନୀ ବି ଦେଇଥିଲେ। କାଳେ କୌଣସି ଅଘଟଣ ଘଟିଯିବ, ସେହି ଆଶଙ୍କାରେ ପୋଲିସ ସହ ଅଗ୍ନିଶମ ବାହିନୀ ସଜାଗ ବି ରହିଥିଲେ। ପରେ ବୁଝାସୁଝା ପରେ ଧାରଣାରୁ ଓହରିଥିଲେ ସମସ୍ତେ। ତେବେ ମୃତ୍ୟୁ ପଛରେ କାରଣ ଯାହା ବି ଥାଉ, ହତ୍ୟା ନା ଆତ୍ମହତ୍ୟା, ତାହା ସ୍ପଷ୍ଟ ହେଉନଥିବାରୁ ରହସ୍ୟ ଆହୁରି ଘନେଇବାରେ ଲାଗିଛି। ତେବେ ଗିରଫ ପ୍ରମୋଦଙ୍କୁ ଆଜି ପୋଲିସ କୋର୍ଟଚାଲାଣ କରିଥିବାବେଳେ ମୃତ୍ୟୁ ପଛରେ ଆଉ କିଏ ? କେବେ ମାମଲାରେ ସ୍ପଷ୍ଟତା ଆସୁଛି ? ତାକୁ ଅପେକ୍ଷା।

### ଚନ୍ଦ୍ରଭାଗାରେ ସମୁଦ୍ରରେ...

ସର୍ଭିସିଂ କମ୍ପାନୀରେ କାର୍ଯ୍ୟରତ ତିନି ଜଣ ସାଙ୍ଗ ଗାଧୋଉଥିବା ବେଳେ ଦୁଇ ଜଣ ସମୁଦ୍ର ଢେଉରେ ଭାସି ଯାଇଥିଲେ। ସେମାନଙ୍କର ବି ମୃତ୍ୟୁ ଘଟିଥିଲା। ସେମାନେ ହେଲେ ଅରୁପାନନ୍ଦ ଜେନା ଓ ରାହୁଲ କୁମାର। ଅରୁପାନନ୍ଦଙ୍କ ଘର କୋଣାର୍କର ଜମତଲା ଗ୍ରାମରେ। ସେମାନଙ୍କୁ ଡାକ୍ତରଖାନାରେ ମୃତ ଘୋଷଣା କରାଯାଇଥିଲା।

### ଶହୀଦ ଲକ୍ଷ୍ମଣ ନାୟକ...

ସେହିଭଳି ଧନୀ, ଗରିବ ନିର୍ବିଶେଷରେ ୭୦ ବର୍ଷରୁ ଉର୍ଦ୍ଧ୍ୱ ୮୬୪୪ ଜଣ ହିତାଧିକାରୀଙ୍କୁ ଆୟୁଷ୍ମାନ ବୟୋବନ୍ଦନା ଯୋଜନାରେ ୩୫ କୋଟି ୬୦ ଲକ୍ଷ ଟଙ୍କାର ଚିକିତ୍ସା ସୁବିଧା ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ବର୍ତ୍ତମାନ ରାଜ୍ୟର ଜନସାଧାରଣଙ୍କ ସହିତ ଆମ କୋରାପୁଟବାସୀ ମଧ ଦେଶର ବଡ଼ ବଡ଼ ସହରରେ ଥିବା ପ୍ରାୟ ୨୯ ହଜାରରୁ ଉର୍ଦ୍ଧ୍ୱ ତାଲିକାଭୁକ୍ତ ଘରୋଇ ହସ୍ପିଟାଲରେ ମାଗଣା ସ୍ୱାସ୍ଥ୍ୟସେବା ପାଉଛନ୍ତି । ପ୍ରତି ପରିବାର ପିଛା ବାର୍ଷିକ ୫ ଲକ୍ଷ ଟଙ୍କା ଏବଂ ମହିଳା ସଦସ୍ୟମାନଙ୍କ ପାଇଁ ଅତିରିକ୍ତ ୫ ଲକ୍ଷ ଟଙ୍କାର ଦେୟମୁକ୍ତ ଚିକିତ୍ସା ବ୍ୟବସ୍ଥା କରାଯାଇଛି । କୋରାପୁଟରେ ଆୟୁଷ୍ମାନ ଭାରତ ପ୍ରଧାନମନ୍ତ୍ରୀ ଜନ ଆରୋଗ୍ୟ ଯୋଜନା – ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ଅନ୍ତର୍ଗତ ଏପର୍ଯ୍ୟନ୍ତ ୩ ଲକ୍ଷ ୫୪୭ ଟି କାର୍ଡ ବଣ୍ଟନ କରାଯାଇଛି । ଆୟୁଷ୍ମାନ ବୟୋ ବନ୍ଦନା ଯୋଜନା ଅଧୀନରେ ୯ ହଜାର ୬ ଜଣ ହିତାଧିକାରୀ ମାନେ ଏପର୍ଯ୍ୟନ୍ତ ପଂଜୀକୃତ ହୋଇଛନ୍ତି। କୋରାପୁଟ ଜିଲ୍ଲାରେ ବର୍ତ୍ତମାନ ୪ଟି ବେସରକାରୀ ହସ୍ପିଟାଲ୍‌କୁ ଅନ୍ତର୍ଗତ ଅନୁମୋଦନ ମିଳିଛି, ଯେଉଁଠି ଲୋକେ କ୍ୟାଶଲେସ୍ ଚିକିତ୍ସା ସୁବିଧା ପାଉଛନ୍ତି । ଶେଷରେ ମୁଖ୍ୟମନ୍ତ୍ରୀ କହିଥିଲେଯେ ମାତ୍ର ଏକ ବର୍ଷର ସରକାରରେ ଅନେକ କିଛି କାର୍ଯ୍ୟ ହୋଇଛି ସବୁ କ୍ଷେତ୍ରରେ। ଏହି କାର୍ଯ୍ୟ ଆହୁରି ଅଧିକ ଗତିରେ ତ୍ୱରାନ୍ୱିତ ହେବ । ଆମ ସରକାର ହେଉଛି ଲୋକଙ୍କ ସରକାର । ୨୦୩୬ରେ ସମୃଦ୍ଧ ଓଡ଼ିଶା ଗଠନ ସହ ୨୦୪୭ ବେଳକୁ ବିକଶିତ ଭାରତ ଗଠନରେ ଓଡ଼ିଶାକୁ ଅଗ୍ରଣୀ ସ୍ଥାନରେ ପହଞ୍ଚାଇବା ପାଇଁ ଆମ ସରକାର ଅହରହ ପ୍ରଚେଷ୍ଟା ଜାରି ରଖିଛନ୍ତି । ଶିକ୍ଷା, ସ୍ୱାସ୍ଥ୍ୟସେବା, କୃଷି, ଶିଳ୍ପ, ନୂଆ ରୋଜଗାର ସୁବିଧା ସୃଷ୍ଟି, ନିରନ୍ତର ଆର୍ଥିକ ବିକାଶ ଆଦି କ୍ଷେତ୍ରରେ ସାରା ଓଡ଼ିଶାରେ ନୂଆ ଯୁଗର ଆରମ୍ଭ ହୋଇଛି । ଏ ସବୁଥିରେ କୋରାପୁଟକୁ ସାମିଲ କରାଯାଇଛି । ଏହି ଅବସରରେ ସ୍ୱାସ୍ଥ୍ୟ ତଥା ପରିବାର କଲ୍ୟାଣ ମନ୍ତ୍ରୀ ଡଃ. ମୁକେଶ ମହାଲିଙ୍ଗ କହିଥିଲେ ଯେ, କୋରାପୁଟ ଜିଲା ସ୍ୱାସ୍ଥ୍ୟ ସେବା ବିକାଶ ଇତିହାସରେ ଆଜି ଆଉ ଏକ ନୂଆ ଫର୍ଦ୍ଦ ଯୋଡି ହେଉଛି । ଏଥିସହିତ ଜୟପୁର-ବ୍ରହ୍ମପୁର-ଭୁବନେଶ୍ୱର ଇକୋନମିକ୍ କରିଡର ୬ ଲେନ ହେବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିବା ସହ ଢେଙ୍କାନାଳ, ଜଗତସିଂହପୁର, ଭଦ୍ରକ, ନବରଙ୍ଗପୁରରେ ମେଡିକାଲ କଲେଜ ହେବ ବୋଲି ମଧ ମୁଖ୍ୟମନ୍ତ୍ରୀ କହିଛନ୍ତି।

### ପୁଣି ଅନଲାଇନରେ...

ବିକ୍ରିର କୌଣସି ବ୍ୟବସ୍ଥା ନାହିଁ। ତଥାପି ବିକ୍ରି ହେଉଛି କେମିତି ? କିଏ ବିକୁଛି, କିଏ ଦେଲା ଅନୁମତି ? କେଉଁଠୁ ଆଣୁଛନ୍ତି ଅବଢ଼ା ? ଏମିତି ଦୁଃସାହସ କଲେ କେମିତି ? ଅନଲାଇନରେ ଅର୍ଡର କରିଥିବା ଭକ୍ତ ମହାପ୍ରସାଦ ପାଉଛନ୍ତି ନା ଠକେଇର ଶିକାର ହେଉଛନ୍ତି ? ମହାପ୍ରଭୁଙ୍କ ମହାପ୍ରସାଦକୁ ନେଇ ବେପାର ଦ୍ୱାରା ଧର୍ମୀୟ ଭାବନାକୁ ଆଘାତ ଦେଇଛି। କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ଭକ୍ତ। ବିଶ୍ୱାସ ରହଛି ମହାପ୍ରଭୁଙ୍କ ମହାପ୍ରସାଦ କଣିକାଏ ପାଇଲେ କୋଟି ପୂଣ୍ୟ ମିଳିଥାଏ। ଏଇ ଅବଢ଼ା ପାଇବାକୁ ଦେଶ ବିଦେଶରୁ ବି ଶ୍ରୀକ୍ଷେତ୍ରକୁ ଭକ୍ତ ଛୁଟି ଆସନ୍ତି। ଯେହେତୁ ଶ୍ରୀଜିଉଙ୍କ ଦର୍ଶନ ସହ ଆନନ୍ଦବଜାରରେ ମହାପ୍ରସାଦ ସେବନ କଲେ ଭକ୍ତକୁ ଆତ୍ମତୃପ୍ତି ମିଳିଥାଏ। ତେଣୁ ଯାର ସୁଯୋଗ ନେଇ କିଛି ମୁନାଫାଖୋର ବ୍ୟକ୍ତି କିମ୍ବା ଅନୁଷ୍ଠାନ ଅବଢ଼ାକୁ ଲାଭଜନକ ବ୍ୟବସାୟରେ ପରିଣତ କରିବାକୁ ଉଦ୍ୟମ କରିଛନ୍ତି। ମହାପ୍ରସାଦ ବର୍ଷ ଯାକ ଶ୍ରୀମନ୍ଦିରରେ ବିକ୍ରି ହୋଇଥାଏ। ତେବେ ମନ୍ଦିର ବାହାରେ ମହାପ୍ରସାଦ ବିକ୍ରିର କୌଣସି ବ୍ୟବସ୍ଥା ନାହିଁ। ମହାପ୍ରଭୁଙ୍କ ଅବଢ଼ାର ସ୍ୱତନ୍ତ୍ର ଗାରିମା ବି ରହିଛି। ତେଣୁ ଅନଲାଇନରେ ଏହାର ବିକ୍ରିକୁ ସେବାୟତ ମହଲ ତୀବ୍ର ନିନ୍ଦା କରିଛି। ଏଥିପାଇଁ ପ୍ରଶାସନିକ ବ୍ୟବସ୍ଥାକୁ ଦାୟୀ କରିଛନ୍ତି କୋଠଭୋଗ ବଡ଼ ସୁଆର ନିଯୋଗ ସଭାପତି। ସେ କହିଛନ୍ତି, ମହାପ୍ରସାଦର ସ୍ଥାନ କେବଳ ଆନନ୍ଦବଜାର। ଯିଏ ଅନଲାଇରେ ବିକ୍ରି କରୁଛନ୍ତି ସେମାନଙ୍କ ବିରୋଧରେ କଠୋର ଆକ୍ସନ ହେଉ। ଭକ୍ତଙ୍କୁ ସୁବିଧାରେ ଓ ସୁଲଭ ଦରରେ ମହାପ୍ରସାଦ ଯୋଗାଇବାକୁ ଶ୍ରୀମନ୍ଦିର ପ୍ରଶସାନ ବଡ଼ ସଂସ୍କାର ଆଣିବାକୁ ଯାଉଛି। ଅବଢ଼ା ଦରରେ ଯେଭଳି ଦ୍ୱନ୍ଦ୍ୱ ନରହିବ ଓ ଭକ୍ତ ଠକେଇର ଶିକାର ହେବେନି ସେଥିପାଇଁ ଖୁବଶୀଘ୍ର ଆନନ୍ଦବଜାରରେ ମହାପ୍ରସାଦ ଦର ତାଲିକା ଲଗାଯିବ। ଅଲଗା ଅଲଗା ବିକ୍ରି ହେବ ଅବଢ଼ା ଓ ଶୁଖିଲି ଭୋଗ। ଗତ ମଙ୍ଗଳବାର ଶ୍ରୀମନ୍ଦିର ପ୍ରଶାସନ ବୈଠକରେ ଏହି ନିଷ୍ପତ୍ତି ହୋଇଥିଲା। ଅନଲାଇନରେ ମହାପ୍ରସାଦ ବିକ୍ରି ନୂଆ ନୁହେଁ। ପୂର୍ବରୁ ବି ଅବଢ଼ା, ଶୁଖିଲି ଭୋଗ ଓ ନିର୍ମାଲ୍ୟ ବିକ୍ରି କରାଯାଉଥିବା ଖବର ସାମନାକୁ ଆସିଥିଲା। ତେବେ ମନ୍ଦିର ପ୍ରଶାସନ ପକ୍ଷରୁ ଏହାକୁ ରୋକିବାକୁ କଡ଼ା ନିୟମ ହୋଇନଥିବାରୁ ଭକ୍ତଙ୍କ ଭାବାବେଗ ସହ ଖେଳ ଖେଳୁଛନ୍ତି ଅସାଧୁ ବ୍ୟବସାୟୀ।

### ସମସ୍ତଙ୍କ ବସ୍ ...

ଏହା ଦେଶକୁ ନୂଆ ଉଚ୍ଚତାକୁ ନେବ।" ସେ ଅପରେସନ ସିନ୍ଦୁରରେ ସ୍ୱଦେଶୀ ଉପକରଣର ସଫଳତା ଓ 'ଆତ୍ମନିର୍ଭର ଭାରତ' ଅଭିଯାନକୁ ଗୁରୁତ୍ୱ ଦେଇ କହିଛନ୍ତି, "ଯିଏ ଆମକୁ ଉତ୍ତ୍ୟକ୍ତ କରିବ, ତାକୁ ଛାଡ଼ିବୁ ନାହିଁ।" ସେ ମୋଦି ସରକାରଙ୍କ 'ମେକ୍ ଇନ୍ ଇଣ୍ଡିଆ' ଉଦ୍ୟମର ପ୍ରଶଂସା କରି କହିଛନ୍ତି, "୨୦୧୪ରେ ଭାରତୀୟ ପ୍ରତିରକ୍ଷା ରପ୍ତାନି ମାତ୍ର ୬୦୦ କୋଟି ଟଙ୍କା ଥିଲା। ଆଜି ଏହା ୨୪,୦୦୦ କୋଟି ଟଙ୍କା ଅତିକ୍ରମ କରିଛି।" ସିଂ ଆହୁରି କହିଛନ୍ତି, "୨୦୧୪ରେ ଭାରତ ୧୧ତମ ବୃହତ୍ତମ ଅର୍ଥନୀତି ଥିଲା, ଆଜି ଆମେ ଶୀର୍ଷ ୪ରେ। ଆମର ଅଭିବୃଦ୍ଧି ହାର ୬.୩% ସହ ବିଶ୍ୱର ଅଗ୍ରଣୀ।" ସେ ମଧ୍ୟପ୍ରଦେଶର ମୁଖ୍ୟମନ୍ତ୍ରୀ ମୋହନ ଯାଦବଙ୍କ ପ୍ରଶଂସା କରି କହିଛନ୍ତି, "ମଧ୍ୟପ୍ରଦେଶ ଏବେ 'ମଡର୍ଣ୍ଣ ପ୍ରଦେଶ'। ୩୦ ଲକ୍ଷ କୋଟି ଟଙ୍କାର ନିବେଶ ପ୍ରତିଶ୍ରୁତି ଓ ୧୮,୦୦୦ ହେକ୍ଟର ଜମି ବ୍ୟାଙ୍କ ଏହାକୁ ପ୍ରମାଣ କରୁଛି।" ସେ ପରିବେଶ ସଂରକ୍ଷଣ ସହ ବିକାଶର ସନ୍ତୁଳନ ଉପରେ ଜୋର ଦେଇ କହିଛନ୍ତି, "ଏହି ରେଳ କାରଖାନା ଆଧୁନିକ ବିକାଶର ପ୍ରତୀକ।"

# ଗୋଟିଏ ଗୁଳିଭର୍ତ୍ତି ଦେଶୀ ବନ୍ଧୁକ ସହ ଦୁଇ ଶିକାରୀ ଗିରଫ

ନୀଳଗିରି, ୧୦/୮ (ନି.ପ୍ର): ନୀଳଗିରି ଉପଖଣ୍ଡ କୁଲଡିହା ଅଭୟାରଣ୍ୟରୁ ଆଜି ଦୁଇଜଣ ସଶସ୍ତ୍ର ଶିକାରୀଙ୍କୁ ଗିରଫ କରାଯିବା ସହିତ ସେମାନଙ୍କ ନିକଟରୁ ଗୋଟିଏ ଗୁଳିଭର୍ତ୍ତି ଦେଶୀବନ୍ଧୁକ ଜବତ କରାଯାଇଛି । ସୂଚନା ମୁତାବକ ନୀଳଗିରି ବ୍ଲକ ସିଆଡ଼ିମାଳ ପଞ୍ଚାୟତ ଡେଉଁଚଖାଲ ଅଞ୍ଚଳର ସ୍ୱର୍ଗତ ବନମାଳୀ ସିଂଙ୍କ ପୁଅ ହଗୁରୁ ସିଂ ଏବଂ ସିନ୍ଦୁରିଆ ଗ୍ରାମର ଶଙ୍କରା ସିଂର ପୁଅ ସନିଆ ସିଂ ଏକ ଗୁଳିଭର୍ତ୍ତି ଦେଶୀବନ୍ଧୁକ ସହିତ ବାରୁଦ, ଛୁରୀ, ଫାସ ନେଇ କୁଲଡିହା ଜଙ୍ଗଲରେ ଜନ୍ତୁଶିକାର ଉଦ୍ଦେଶ୍ୟରେ ପ୍ରବେଶ କରିଥିବା ବେଳେ ବିଶେଷ ସୂତ୍ରରୁ ଖବରପାଇ କୁଲଡିହା ବନବିଭାଗର ପେଟ୍ରୋଲିଂ ଟିମ ଉଭୟଙ୍କୁ ଗିରଫ କରିବା ସହିତ ସେମାନଙ୍କ ନିକଟରୁ ସମସ୍ତ ଜିନିଷକୁ ଜବତ କରିଥିଲା ।ଉଭୟଙ୍କୁ ନୀଳଗିରି ସ୍ଥିତ କୁଲଡିହା ଅଫିସକୁ ଆଣିବାପରେ ବନ୍ୟଜନ୍ତୁ ନିରାପତ୍ତା ଆଇନ୍ ଅନୁଯାୟୀ ବିଭିନ୍ନ ଦଫାରେ ଗିରଫ କରାଯାଇଥିବା ବେଳେ ଧାରା ୫୧ରେ ମାମଲା ରୁଜ୍ଜୁ କରାଯାଇ କୋର୍ଟଚାଲାଣ କରାଯିବା ସହ ଅଧିକ ତଦନ୍ତ ଜାରିରହିଛି।

ସୋମବାର, ଅଗଷ୍ଟ ୧୧, ୨୦୨୫

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଉନ୍ମୋଚିତ ହେଲା ବର୍ଷା ପବ୍ଲିକେସନ୍ ପ୍ରକାଶିତ ଗୀତିକବି ବିପିନ୍ ମହାନ୍ତିଙ୍କ 'ପାଉଁଜିର ପାଣ୍ଡୁଲିପି'



ଭୁବନେଶ୍ୱର, ୧୦/୮ (ନି.ପ୍ର): ବର୍ଷା ପବ୍ଲିକେସନ୍ ପକ୍ଷରୁ 'ଭୁଆସୁଣୀ ମନ୍ଦିର, ସାମନ୍ତରାପୁର, ଭୁବନେଶ୍ୱର ଠାରେ ଅନୁଷ୍ଠିତ ହୋଇଯାଇଛି ଗୀତିକବି ବିପିନ୍ ମହାନ୍ତିଙ୍କ 'ପାଉଁଜିର ପାଣ୍ଡୁଲିପି' ଉନ୍ମୋଚନ ଉତ୍ସବ। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଦାଶ ବେନହୁର, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ ଏବଂ ସଭାର ସଭାପତି ଭାବେ ବିଶିଷ୍ଟ କଥାକାର ଡ. ଅଜୟ ସ୍ୱାଇଁ ଯୋଗ ଦେଇ କବି ବିପିନ୍ ମହାନ୍ତିଙ୍କ କବିତାର ଲାଳିତ୍ୟ, ଗଭୀର ଭାବ, ପ୍ରେମ, ପ୍ରତିଶ୍ରୁତି ଓ ବିରହ-ମିଳନର ମଧୁର ଛନ୍ଦମୟତା ସମ୍ପର୍କରେ ଆଲୋଚନା କରିଥିଲେ। ମଞ୍ଚ ପରିଚାଳନାର ଦାୟିତ୍ୱ ନିର୍ବାହ କରିଥିଲେ ଯୁବ କବି ପ୍ରିୟବ୍ରତ ପଣ୍ଡା। ଉତ୍ସବରେ ଓଡ଼ିଶାର ବହୁ କବି-ଲେଖକ, ବୁଦ୍ଧିଜୀବୀ ଏବଂ ସାମ୍ବାଦିକ ବନ୍ଧୁମାନେ ତାଙ୍କ ବହୁମୂଲ୍ୟ ସମୟ ବ୍ୟୟ କରି ସଭାଟିକୁ ସଫଳ କରେଇଥିବାରୁ, କବି ବିପିନ୍ ମହାନ୍ତି ଓ ପ୍ରକାଶକ ବାଦଲ ମହାନ୍ତି ସମସ୍ତଙ୍କୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜଣେଇ ଥିଲେ।

# ଉଦଳା ମହାବିଦ୍ୟାଳୟର ୬୦ତମ ପ୍ରତିଷ୍ଠା ଦିବସ ପାଳିତ

## ପ୍ରତିଷ୍ଠାତା ସଦସ୍ୟଙ୍କ ଅବଦାନକୁ ଭୁଲିହେବ ନାହିଁ : ବସନ୍ତ କୁମାର ପରିଡ଼ା




ଉଦଳା, ୧୦/୮ (ନି.ପ୍ର): ଉଦଳା ମହାବିଦ୍ୟାଳୟର ୬୦ତମ ପ୍ରତିଷ୍ଠା ଦିବସ ଆଜି ଅଗଷ୍ଟ ୧୦ ତାରିଖ ରବିବାର ଦିନ ପାଳିତ ହୋଇ ଯାଇଛି । ଏହି ଅବସରରେ ପ୍ରଭାତରେ ପତାକା ଉତୋଳନ ଓ ଦିନ ୧୧ ଘଟିକାରେ ସାଧାରଣ ସଭାର ପର୍ବ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ଅଧକ୍ଷ ଡ଼. ଯତିନ କୁମାର ମହାକୁଡ଼ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରି ମହାବିଦ୍ୟାଳୟ ପରିଚାଳନାରେ ନିଜର ଅନୁଭବ ବ୍ୟକ୍ତ କରିଥିଲେ । ସ୍ଥାନୀୟ ବିଧାୟକ ଭାସ୍କର ମଢ଼େଇ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ସ୍ୱୟଂଶାସିତ ହେବା ପାଇଁ ଉଦଳା ମହାବିଦ୍ୟାଳୟର ଆବଶ୍ୟକ ଭିତିଭୂମି ରହିଛି, ଠିକଣା ସମୟରେ ସରକାର ଏହାକୁ ଘୋଷଣା କରିବେ ଏଥିରେ ବ୍ୟସ୍ତ ହେବାର କିଛି କାରଣ ନାହିଁ ବୋଲି ବ୍ୟକ୍ତ କରିଥିଲେ । ଏହାପରେ ମହାବିଦ୍ୟାଳୟ ଆଲୁମିନି ଆସୋସିଏସନର ସଭାପତି ଡ଼ା. ସଚିଦାନନ୍ଦ ପରିଡ଼ା ଓ ସଂପାଦକ ଆଇନଜୀବି ବସନ୍ତ କୁମାର ପରିଡ଼ା ଉଦଳା ମହାବିଦ୍ୟାଳୟ ପ୍ରତିଷ୍ଠା କରିବାରେ ନେତୃତ୍ୱ ନେଇଥିବା ସ୍ୱର୍ଗତଃ ଜ୍ଞାନରଂଜନ ଭୋଳ, ସ୍ୱର୍ଗତଃ ଠକରା ବିଶ୍ୱାଳ, ସ୍ୱର୍ଗତଃ ପୂର୍ଣ୍ଣପରିଛା, ସ୍ୱର୍ଗତଃ ତ୍ରିଲୋଚନ ମିଶ୍ର, ବିଷ୍ଣୁପାଦ ସଦୁଆଳ, ଜୟଚନ୍ଦ୍ର ପତ୍ରି ଇତ୍ୟାଦିଙ୍କ ଅବଦାନ କିପରି ଥିଲା ବିସ୍ତୃତ ବର୍ଣ୍ଣନା କରିଥିଲେ । ଉଦଳା ପଂଚାୟତ ସମିତିର ଅଧକ୍ଷା ମଂଜୁଲତା ବିଶ୍ୱାଳ ଚଳିତ ବର୍ଷ ମହାବିଦ୍ୟାଳୟରେ ପିଜି ଶ୍ରେଣୀ ଖୋଲା ଯାଇଥିବାରୁ ପରିଚାଳନା କମିଟିକୁ କୃତଜ୍ଞତା ଜଣାଇଥିଲେ । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ମୁଖ୍ୟବକ୍ତା ଭାବରେ ଯୋଗ ଦେଇ ଜାତୀୟ ଶିକ୍ଷାନୀତି ସମ୍ପର୍କରେ ସୂଚନା ପ୍ରଦାନ କରିବା ସହିତ ଦେଶ ଗଠନରେ ଏହା କିପରି ବିପ୍ଳବାତ୍ମକ ପରିବର୍ତ୍ତନ ଆଣିବ ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରାରମ୍ଭରେ ଅଧ୍ୟାପକ ସୌମେନ୍ଦ୍ର କୁମାର ଦାଶ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ସହିତ ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିବା ବେଳେ ଅଧ୍ୟାପିକା ସୁଧାସାବିତ୍ରୀ ପଣ୍ଡା ବିବରଣି ପାଠ କରିଥିଲେ । ଶେଷରେ ଅଧ୍ୟାପକ ସନ୍ତୋଷ କୁମାର ଜେନା ଧନ୍ୟବାଦ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମର ଯବନିକା ପକାଇଥିଲେ ।

# ଭଦ୍ରକରେ ଗଙ୍ଗାଧର ମେହେର ଜୟନ୍ତୀ ଉତ୍ସବ ପାଳିତ




ଭଦ୍ରକ, ୧୦/୮ (ନି.ପ୍ର): ଜିଲ୍ଲା ସଂସ୍କୃତି ଭବନ ଠାରେ ନାଟ୍ୟାଚାର୍ଯ୍ୟ ରଘୁନାଥ ପଣ୍ଡା ସଂଗୀତ ବିଦ୍ୟାଳୟ ଆନୁକୂଲ୍ୟରେ ସ୍ୱଭାବ କବି ଗଙ୍ଗାଧର ମେହେରଙ୍କ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଉତ୍ସବରେ ଜିଲ୍ଲାର ବିଭିନ୍ନ କୋଣରୁ ଶତାଧିକ ସାହିତ୍ୟାନୁରାଗୀ ବ୍ୟକ୍ତିଙ୍କ ଉପସ୍ଥିତିରେ ଅନୁଷ୍ଠାନର ସଭାପତି କୃଷିକବି ଅରୁଣ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ଜିଲ୍ଲାପାଳ ଦିଲୀପ ରାଉତରାଏ ମୁଖ୍ୟ ଅତିଥି ଭାବେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ ପୂର୍ବକ ଗଙ୍ଗାଧର ମେହେରଙ୍କ ସାହିତ୍ୟରେ ଥିବା ପ୍ରକୃତି ପ୍ରେମ, ବିଶ୍ୱପ୍ରିତୀ ଓ ସାବଳିଳତା ସମ୍ବନ୍ଧରେ ଆଲୋଚନା କରି ନାଟ୍ୟାଋର୍ଯ୍ୟଙ୍କ ନାମରେ ନୂତନ ଭାବେ ପ୍ରତିଷ୍ଠିତ ନାଟ୍ୟାଋର୍ଯ୍ୟ ରଘୁନାଥ ପଣ୍ଡା ସଂଗୀତ ବିଦ୍ୟାଳୟର ଏହି ଅଭିନବ ପ୍ରୟାସକୁ ପ୍ରଶଂସା କରିଥିଲେ । ମୁଖ୍ୟ ବକ୍ତା ଭାବେ ପ୍ରଫେସର ହୃଦାନନ୍ଦ ପାଣିଗ୍ରାହୀ, ସମ୍ମାନୀତ ଅତିଥି ଭାବରେ ଡ. ରାମଚନ୍ଦ୍ର ପଣ୍ଡା, ପ୍ରାକ୍ତନ ଅଧକ୍ଷ ଓ ଶ୍ରୀ ରମେଶ ଚନ୍ଦ୍ର ଦାସ, ପ୍ରାକ୍ତନ ପ୍ରାଧାପକ ଏହି ଉତ୍ସବରେ ଯୋଗଦେଇ ମେହେରଙ୍କ ସାହିତ୍ୟର ବୈଶିଷ୍ଟ୍ୟ, ସାମାଜିକ ପୃଷ୍ଠଭୂମି ଓ ନାରୀ ଚରିତ୍ର ସମ୍ବନ୍ଧରେ ବିସ୍ତୃତ ଆଲେଶଚନା କରିଥିଲେ । ସମାଜସେବୀ ଶ୍ରୀହର୍ଷ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିବା ବେଳେ ଅନୁଷ୍ଠାନର ସମ୍ପାଦକ ସମାଜସେବୀ ଜଗନ୍ନାଥ କର ଉକ୍ତ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ । କଳାକାର କାଳିନ୍ଦୀ ମଲ୍ଲିକ ମଞ୍ଚ ଆହ୍ୱାନ ଓ କବି ମନୋଜ ପଣ୍ଡା ମଞ୍ଚ ସଂଚାଳନ ଦାୟିତ୍ୱ ନିର୍ବାହ କରିଥିଲେ। ଏହି ଅବସରରେ କନକଲତା ରାଉତଙ୍କ ରଚିତ ପୁସ୍ତକ ଭକ୍ତି ଗୀତିମାଳାକୁ ଲୋକାର୍ପଣ କରାଯାଇଥିଲା । ନାଟ୍ୟାଚାର୍ଯ୍ୟଙ୍କ କନ୍ୟା ଶଶୀପ୍ରଭା ପଣ୍ଡା ଓ ମଇତାପୁର ଆଦର୍ଶ କୃଷକ ଗଜେନ୍ଦ୍ର ପ୍ରସାଦ ବେହେରାଙ୍କୁ ଅନୁଷ୍ଠାନ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ସଂଗୀତ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ପ୍ରାରମ୍ଭିକ ସଂଗୀତ ଏବଂ ଗଙ୍ଗାଧରଙ୍କ ରଚିତ ବିଶ୍ୱଦେଖ ମଧୁମୟରେ ଜୀବନ ଗୀତଟିକୁ ପରିବେଷଣ କରିଥିଲେ। ଭଦ୍ରକର ପ୍ରମୁଖ୍ୟ ନୃତ୍ୟ ଅନୁଷ୍ଠାନ ମନ୍ଦିରାର ଶିକ୍ଷୟିତ୍ରୀ ଶ୍ରୀମତୀ ଶ୍ୱେତପଦ୍ମାଙ୍କ ନିର୍ଦ୍ଦେଶନାରେ କଳାକାର ବିଦ୍ୟାର୍ଥୀମାନେ ମେହେରଙ୍କ ରଚିତ ମୁଁ ଯେ ଅମୃତ ସାଗର ବିନ୍ଦୁ, ମଙ୍ଗଳେ ଅଇଲା ଉଷା ଓ ବିଶ୍ୱ ଜୀବନ ହେ ତୁମ୍ଭଙ୍କୁ କରୁଣା ସିନ୍ଧୁ ଗୀତରେ ନୃତ୍ୟ ପରିବେଷଣ କରିଥିଲେ। ଯନ୍ତ୍ରାଂଶରେ ସହଯୋଗ କରିଥିଲେ ବିଭୁତି ଭୂଷଣ ପଣ୍ଡା ଓ ସୁକୁମାର ପାଣିଗ୍ରାହୀ। ଆଧାପିକା ଆରତୀ ଜେନା, ମାଷ୍ଟର ଚିଣ୍ଟୁ, ରମେଶ କୁମାର ବିଶ୍ୱାଳ, ପ୍ରିୟାଂଶି ରାଉତ, ଜୟଶ୍ରୀ ବିଶ୍ୱାଳ, ବିନୀତା ନାୟକ, ସଂଗ୍ରାମ କେଶରୀ ଦାସ, ସମୀକ୍ଷା ମହାନ୍ତି, ଶୁଭଲକ୍ଷ୍ମୀ ପଣ୍ଡା, ସନ୍ତୋଷି ମିଶ୍ର, ସନାତନ ଦାସ, କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ କବି ଅରୁପାନନ୍ଦ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଗଷ୍ଟ ୧୩ରେ ଓଡିଶା ଆସିବେ ଆରଏସଏସ ମୁଖ୍ୟ ମୋହନ ଭାଗବତ

ଭୁବନେଶ୍ୱର, ୧୦/୮ (ନି.ପ୍ର): ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସରସଂଘଚାଳକ ଡ.ମୋହନ ଭାଗବତ ୩ ଦିନିଆ ଓଡିଶା ଗସ୍ତରେ ଆସି ଅଗଷ୍ଟ ୧୩ ତାରିଖ ଦିନ ସଂଧ୍ୟାରେ ଭୁବନେଶ୍ୱରରେ ପହଁଚିବେ । ସେ ତିନି ଦିନିଆ ଓଡିଶା ପ୍ରବାସ ସାରି ଅଗଷ୍ଟ ୧୫ ତାରିଖ ଦିନ ଓଡିଶାରୁ ପ୍ରତ୍ୟାବର୍ତ୍ତନ କରିବେ । ଡ. ଭାଗବତ ଶ୍ରୀ ଗୌଡୀୟ ମିଶନ ନିମନ୍ତ୍ରଣ କ୍ରମେ ଓଡିଶା ଆସୁଛନ୍ତି ସେ ୧୩ ତାରିଖ ଦିନ ଭୁବନେଶ୍ୱରରେ ପହଁଚିବା ପରେ ଉତ୍କଳ ବିପନ୍ନ ସହାୟତା ସମିତିରେ ଅବସ୍ଥାନ କରିବେ । ୧୪ ତାରିଖ ଦିନ କଟକସ୍ଥିତ ଜବାହାରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ହେବାକୁ ଥିବା ଗୌଡୀୟ ବୈଷ୍ଣବ ସମ୍ମିଳନୀରେ ମୁଖ୍ୟ ଅତିଥିରୂପେ ଯୋଗ ଦେଇ ଉଦ୍‌ବୋଧନ ଦେବେ । ସେହି ଦିନ ସଂଧ୍ୟାରେ ପୁରୀ ଯାଇ ମହାପ୍ରଭୂ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରିବା ସହିତ ଗୋବର୍ଦ୍ଧନ ପୀଠର ପୂଜ୍ୟ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଭେଟକରି ଭୁବନେଶ୍ୱର ଫେରି ଆସିବେ । ଏହାପରେ ୧୫ ତାରିଖ ଦିନ ଡ.ଭାଗବତ ଓଡିଶାରୁ ପ୍ରତ୍ୟାବର୍ତ୍ତନ କରିବେ ।

# ନାଖରା ଫୋର୍ଡ ଦ୍ୱାରା ବୃକ୍ଷକୁ ରକ୍ଷା ବନ୍ଧନ



ବଡ଼ସାହି , ୧୦/୮ (ନି.ପ୍ର): ବଡ଼ସାହି ନିର୍ବାଚନ ମଣ୍ଡଳୀ ଅଧିନ ବେତନଟୀ ବ୍ଲକ ଅନ୍ତର୍ଗତ ନାଖରା ଗ୍ରାମରେ ଗୋପୀନାଥ ଜୀଉ ମନ୍ଦିର ପଡିଆରେ ଓ ଫୋର୍ଡ ସହଯୋଗରେ ରକ୍ଷା ବନ୍ଧନ ଉତ୍ସବ ପାଳିତ ହୋଇଅଛି । ଫୋର୍ଡର ପ୍ରିତମ କୁମାର ଖଣ୍ଡା ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଭଉଣୀ ଯେପରି ଭାଇ ହାତରେ ରାକ୍ଷୀ ବାନ୍ଧି ଦୀର୍ଘାୟୁ କାମନା କରେ ସେହିଭଳି ବୃକ୍ଷକୁ ଭାଇବୋଲି ସମ୍ବୋଧର କରି ପୂଜା କରି ରାକ୍ଷୀ ବାନ୍ଧିଥିଲେ । ସନ୍ତୋଷ ଦୁର୍ଗା ଅବସର ପ୍ରାପ୍ତ ଜେଲ ଅଧକ୍ଷ, ଅନିରୁଦ୍ଧ ରାଉତ ଅବସର ପ୍ରାପ୍ତ ପ୍ରଧାନଶିକ୍ଷକ ଓ ମହେଶ୍ୱର ମହାଳିକ ଯୁଗ୍ମ ସଂଯୋଜକ ଆକାଶ ବାଣୀ କଟକ ଯୋଗ ଦେଇଥିଲେ । ପ୍ରଧାନ ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଆହ୍ୱାନ କ୍ରମେ ପରିବେଶ ସୁରକ୍ଷା ନିମନ୍ତେ ବୃକ୍ଷକୁ ମା ଭାବି ଯୁବକ ଯୁବତୀ, ଜନସାଧାରଣ ନିଜ ପରିବାରର ଜନ୍ମ ବିବାହ , ମୃତ୍ୟ ଓ ଅନ ଅନାନ୍ୟ କାର୍ଯ୍ୟ ପାଇଁ ଗୋଟିଏ ଗୋଟିଏ ଗଛ ଲଗାଇବା ସହିତ ଭବିଷ୍ୟତ ର ପରିବେଶ ରକ୍ଷା ହୋଇପାରିବ ବୋଲି ଅତିଥି ବୃନ୍ଦ ମତ ପ୍ରକାଶ କରିଥିଲେ ନିଜ ନିଜ ଜମିରେ ଆଜି ଦିନରେ ଗୋଟିଏ ଲେଖାଏଁ ଫଳ ଗଛ ରୋପଣ କରିବେ ବୋଲି ଶପଥ ନେଇଥିଲେ । ଏଥିରେ ରୂପା ନାୟକ, ଭାଗ୍ୟଶ୍ରୀ ନାୟକ, ପ୍ରିତିପ୍ରଜ୍ଞା ସାମଲ, ହାମାଏ ମାରାଣ୍ଡି, ସୁପାଇ ବେଶ୍ରା, ଗାନେ ମାରାଣ୍ଡି, ଜଗଦିଶ ସାମଲ, ଅଭିନାଶ ମହାର୍ଣ୍ଣା ଓ ଅନ୍ୟମାନେ ସହଯୋଗ କରିଥିଲେ। ସର୍ବଶେଷରେ ସବିତା ଖଣ୍ଡା ସମସ୍ତଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ବାବା ଆଖଣ୍ଡଳେଶ୍ୱରଙ୍କ ମହାରୁଦ୍ରାଭିଷେକ

ଖଇରା, ୧୦/୮ (ନି.ପ୍ର): ବାଲେଶ୍ୱର ଜିଲା ଅନ୍ତର୍ଗତ ଖଇରା ବଜାରବାସୀଙ୍କ ଆରାଧ୍ୟ ବାବା ଶ୍ରୀ ଆଖଣ୍ଡଳେଶ୍ୱରଙ୍କ ଆଶ୍ୱିନ ମହାରୁଦ୍ରାଭିଷେକ ରବିବାର ଦିନ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମନ୍ଦିର ପରିଚାଳକ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀଙ୍କ ତତ୍ୱାବଧାନରେ ଅନୁଷ୍ଠିତ ହୋଇ ଯାଇଛି । ଜିଲା ବ୍ରାହ୍ମଣ ସମିତିର ସମ୍ପାଦକ ଗୌରଚନ୍ଦ୍ର ଦାସ, ବୈଦ୍ୟନାଥ ଆଚାର୍ଯ୍ୟ, ଗୌରଚନ୍ଦ୍ର ପାଠୀ, ପ୍ରଫୁଲ୍ଲ ଶତପଥି, ବେଣୁଧର ମିଶ୍ର, ଜନାର୍ଦ୍ଦନ ମିଶ୍ର, କ୍ଷେତ୍ରବାସୀ ପଣ୍ଡା, ବିରଞ୍ଚି ନାରାୟଣ ମିଶ୍ର, ଶରତ ପଣ୍ଡା, ଆକାଶ ପଣ୍ଡା ଓ ବୁଦ୍ଧିରାମ ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇ ପ୍ରଭୁଙ୍କ କାର୍ଯ୍ୟ ସମ୍ପାଦନରେ ସହଯୋଗ କରିଥିଲେ ।ଖଇରା ବ୍ଲକ ସମେତ ବାଲେଶ୍ୱର, ବାହନଗା, ସୋର, ଔପଦା ଓ ସିମୁଳିଆ ବ୍ଲକରୁ ଆଚାର୍ଯ୍ୟ ଓ ପଣ୍ଡିତ ଗଣ ଯୋଗ ଦେଇଥିଲେ ।

# କୃଷି ମହାବିଦ୍ୟାଳୟ କ୍ରିୟାନୁଷ୍ଠାନ ସମିତିର ବୈଠକ

ବାଲେଶ୍ୱର, ୧୦/୮ (ନି.ପ୍ର): ବାଲେଶ୍ୱର ସରକାରୀ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ପ୍ରୟାସ ଜାରି ରଖିଥିବା କ୍ରିୟାନୁଷ୍ଠାନ ସମିତିର ଏକ ବୈଠକ ସମିତିର ସଭାପତି ଡ. କେଶବ ଚରଣ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସଂପାଦକ ଅଭୟ ଚନ୍ଦ୍ର ମିଶ୍ର ବିବରଣୀ ପାଠ କରିଥିବାବେଳେ କୋଷାଧକ୍ଷ ଭାସ୍କର ଚନ୍ଦ୍ର ପାଢ଼ୀ ଆୟବ୍ୟୟର ବିବରଣୀ ବୈଠକରେ ଉପସ୍ଥାପନା କରିଥିଲେ। ସଭାପତି ଡ. ପଣ୍ଡା ସରକାରୀ କୃଷି ମହାବିଦ୍ୟାଳୟ ଓ ଗବେଷଣା କେନ୍ଦ୍ର ବାଲେଶ୍ୱର ଜିଲ୍ଲାରେ ପ୍ରତିଷ୍ଠା ପାଇଁ କ୍ରିୟାନୁଷ୍ଠାନ ସମିତିର ନିରବଚ୍ଛିନ୍ନ ଆନ୍ଦୋଳନ ଓ ପ୍ରୟାସ ସଂପର୍କରେ କହିଥିଲେ। ଏହି ସମୟରେ ସରକାର ବଲାଙ୍ଗୀର ଠାରେ କୃଷି ମହାବିଦ୍ୟାଳୟ ଓ ସୋନପୁର ଠାରେ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯିବ ବୋଲି ଘୋଷଣା କରିଛନ୍ତି। ଏହି ପରିପ୍ରେକ୍ଷୀରେ ବାଲେଶ୍ୱରର ସମସ୍ତ ୮ଜଣ ବିଧାୟକ ଓ ସାଂସଦଙ୍କୁ ଡକାଯାଇ ଆସନ୍ତା ତା ୧୩-୦୮-୨୦୨୫ ରିଖ ଦିବା ୪ଟା ବେଳକୁ ସର୍କିଟ୍ ହାଉସ୍‌ରେ ଏକ ବୈଠକ କରାଯିବା ପାଇଁ ସ୍ଥିର ହୋଇଛି ବୋଲି ଡ. ପଣ୍ଡା କହିଛନ୍ତି। ଏହି ବୈଠକରେ ସଂପାଦକ ଅଭୟ ଚନ୍ଦ୍ର ମିଶ୍ର ଓ କାର୍ଯ୍ୟକାରୀ ସଭାପତି ନିରଞ୍ଜନ ପରିଡ଼ାଙ୍କୁ ସମସ୍ତ ବିଧାୟକ ଓ ସାଂସଦଙ୍କୁ ଆମନ୍ତ୍ରଣ କରିବା ପାଇଁ ଦାୟିତ୍ୱ ଦିଆଯାଇଛି ଏବଂ ସମସ୍ତ ସଭ୍ୟଙ୍କୁ ଏଥିରେ ଯୋଗଦାନ କରିବା ପାଇଁ ଅନୁରୋଧ କରାଯାଇଛି। କାର୍ଯ୍ୟକାରୀ ସଭାପତି ଶ୍ରୀଯୁକ୍ତ ପରିଡ଼ା ଆସନ୍ତା ଅଗଷ୍ଟ ୧୫ରେ ପତାକା ଉତ୍ତୋଳନ କରିବା ପାଇଁ କମିଟି ପକ୍ଷରୁ ପ୍ରସ୍ତାବ ଦେଇଥିଲେ।

# ଧରିକୁଟି ବସ୍ତିରେ ନବ ବଧୂଙ୍କ ସନ୍ଦେହଜନକ ମୃତ୍ୟୁ

ଭୁବନେଶ୍ୱର, ୧୦/୮ (ନି.ପ୍ର): ଧରିକୁଟି ବସ୍ତିରେ ନବ ବଧୂଙ୍କ ସନ୍ଦେହଜନକ ମୃତ୍ୟୁ ହୋଇଛି । ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି । ଘଟଣା ସ୍ଥଳରେ ମଂଚେଶ୍ୱର ଥାନା ପୋଲିସ ପହଂଚି ଛାନଭିନ କରୁଛି। ମୃତକ ହେଉଛନ୍ତି ତୃପ୍ତି ନାୟକ । ଶଶୁର ଘର ଲୋକେ ଦୀର୍ଘ ଦିନ ହେବ ତୃପ୍ତିଙ୍କୁ ନିର୍ଯାତନା ଦେଇ ଆସୁଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଝିଅର ପରିବାର ଲୋକେ ହତ୍ୟା ଅଭିଯୋଗ ଆଣିଛନ୍ତି । ମୃତଦେହକୁ ଜବତ କରି ଶବ ବ୍ୟବଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଛି ପୋଲିସ ।

# ଭାରତୀୟ ଜନତା ପାର୍ଟିର ବାଲେଶ୍ୱର ସାଂଗଠନିକ ଜିଲ୍ଲାର ଜିଲ୍ଲା କାର୍ଯ୍ୟାଳୟ ଉଦ୍ଘାଟିତ



ବାଲେଶ୍ୱର, ୧୦/୮ (ନି.ପ୍ର): ଭାରତୀୟ ଜନତା ପାର୍ଟିର ବାଲେଶ୍ୱର ସାଂଗଠନିକ ଜିଲ୍ଲାର ଜିଲ୍ଲା କାର୍ଯ୍ୟାଳୟ ସେଣ୍ଟ୍ରାଲ ସ୍କୁଲ ଛକ ନିକଟରେ ଆଜି ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ କରକମଳରେ ଉଦଘାଟିତ ହୋଇଯାଇଛି। ଜିଲ୍ଲା ସଭାପତି ଶ୍ରୀଯୁକ୍ତ ଇଶ୍ୱର ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଉଦ୍ଘାଟନ କାର୍ଯ୍ୟକ୍ରମରେ ରେମୁଣା ବିଧାୟକ ତଥା ଶାସକ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ସମ୍ମାନିତ ଅତିଥି ରୂପେ ଅଂଶଗ୍ରହଣ କରିଥିଲେ। ବୈଦିକ ରୀତିନିତୀରେ ଗୃହ ପ୍ରବେଶ ପାଇଁ ହୋମଯଜ୍ଞ ସମାପନ ପରେ ଅଂଶଗ୍ରହଣ କରିଥିବା ସମସ୍ତ କାର୍ଯ୍ୟକର୍ତ୍ତାଙ୍କୁ ଜିଲ୍ଲା ସଭାପତି ଶ୍ରୀଯୁକ୍ତ ବେହେରା ଉପଢୌକନ ଭାବରେ ଉତ୍ତରୀୟ ଓ ବୃକ୍ଷ ଚାରା ପ୍ରଦାନ କରିଥିଲେ। ଉଭୟ ସାଂଗଠନିକ ଜିଲ୍ଲା ବାଲେଶ୍ୱର ଓ ଉତ୍ତର ବାଲେଶ୍ୱରର ସମସ୍ତ ପଦାଧିକାରୀ, ପୂର୍ବତନ ଓ ବର୍ତ୍ତମାନର ମଣ୍ଡଳ ସଭାପତି ଓ ସାଧାରଣ ସମ୍ପାଦକଙ୍କ ସମେତ ଦଳିୟ ଓ ବିବିଧ କ୍ଷେତ୍ରରୁ ବରିଷ୍ଠ ନେତୃବୃନ୍ଦ ଯୋଗ ଦେଇଥିଲେ। ଜିଲ୍ଲାର ସମସ୍ତ ପ୍ରାନ୍ତରୁ ଗମନାଗମନର ସୁବିଧା ଥିବାରୁ ଏହି କାର୍ଯ୍ୟାଳୟରେ ଦଳିୟ କାର୍ଯ୍ୟ ସମ୍ପାଦନ କରିବା ସୁଗମ ହେବ ବୋଲି ସାଂସଦ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ କହିଛନ୍ତି।

# ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ରକ୍ଷା ବନ୍ଧନ ଉତ୍ସବ



ବାସୁଦେବପୁର, ୧୦/୮ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ନାୟିକାଣୀଡିହି ଠାରେ ରମାକାନ୍ତ ସେବା ଫାଉଣ୍ଡେସନ ପକ୍ଷରୁ ଏକ ନିଆରା ଢଙ୍ଗରେ ମହା ସମାରୋହରେ ରକ୍ଷା ବନ୍ଧନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏହି ରମାକାନ୍ତ ସେବା ଫାଉଣ୍ଡେସନର ଅଧ୍ୟକ୍ଷ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ ବାବୁ ପ୍ରଥମେ ସମସ୍ତ ଅତିଥି ଓ ଭାଇ ଭଉଣୀ ମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ପିଣ୍ଟୁ ବାବୁଙ୍କ ଧର୍ମ ପତ୍ନୀ ଓ ପରିବାର ବର୍ଗ ଏହି ଉତ୍ସବରେ ଯୋଗ ଦେବା ସହିତ ରମାକାନ୍ତ ସେବା ଫାଉଣ୍ଡେସନର ସମସ୍ତ ସଦସ୍ୟ, ଉପଦେଷ୍ଟା ମଣ୍ଡଳୀ ଯୋଗ ଦେଇଥିଲେ। ସମସ୍ତ ଭଉଣୀ ମାନେ ରତିକାନ୍ତ ପ୍ରଧାନ ଓ ବାସୁଦେବପୁର ନବ ନିର୍ମାଣ ସେନାର ପ୍ରତିଷ୍ଠାତା ଜୟ ପ୍ରକାଶ ମଲ୍ଲିକଙ୍କ ହାତରେ ରାକ୍ଷୀ ବାନ୍ଧିଥିଲେ। ଏହା ବ୍ୟତୀତ ଅନୁଷ୍ଠାନର ସମସ୍ତ ସଦସ୍ୟ, ସାମ୍ବାଦିକ ବନ୍ଧୁ, ସମାଜସେବୀ, ଗ୍ରାମବାସୀ ଓ ବିଭିନ୍ନ ବର୍ଗର ଲୋକ ମାନଙ୍କୁ ଭଉଣୀ ମାନେ ରାକ୍ଷୀ ବାନ୍ଧି ମିଷ୍ଟାନ୍ନ ବଣ୍ଟନ କରିଥିଲେ। ଏହି ଅବସରରେ ଏହି ସୁନ୍ଦର ପରିବେଶରେ ବିଭିନ୍ନ ପ୍ରକାର ଖାଦ୍ୟ ପ୍ରସ୍ତୁତ କରା ଯାଇଥିଲା। ସମସ୍ତେ ହସ ଖୁସି ଓ ମନ ଆନନ୍ଦରେ ଈଶ୍ୱରଙ୍କୁ ସମର୍ପଣ ମନୋଭାବ ନେଇ ପରସ୍ପର ଭାଇ ଭଉଣୀର ସମ୍ମାନ ରକ୍ଷା କରି ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ରମାକାନ୍ତ ସେବା ଫାଉଣ୍ଡେସନର ଅଧକ୍ଷ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ ବାବୁ ରାକ୍ଷୀ ପୂର୍ଣ୍ଣିମାର ତାତ୍ପର୍ଯ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି ବର୍ଣ୍ଣାଢ଼୍ୟ ଉତ୍ସବରେ ସମସ୍ତେ ମନ ଆନନ୍ଦରେ ଭୋଜନ କରିଥିଲେ। ଶେଷରେ ରମାକାନ୍ତ ସେବା ଫାଉଣ୍ଡେସନର ଅଧକ୍ଷ ରତିକାନ୍ତ ପ୍ରଧାନ ଓରଫ୍ ପିଣ୍ଟୁ ବାବୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଶହୀଦ ତୀର୍ଥଯାତ୍ରୀ ଓ ମାନସ ପାଠାଗାରରେ ଅଗଷ୍ଟ କ୍ରାନ୍ତି ଦିବସ

ବାସୁଦେବପୁର, ୧୦/୮ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବିଦେଇ ପୁର କେରସାହି ଠାରେ ଶହୀଦ ତୀର୍ଥଯାତ୍ରୀ ଓ ମାନସ ପାଠାଗାର ର ମିଳିତ ଉଦ୍ୟମରେ ଭାରତୀୟ ମୁକ୍ତି ସଂଗ୍ରାମର ସ୍ମାରକୀ ୮୪ ତମ ଅଗଷ୍ଟ କ୍ରାନ୍ତି ଦିବସ ମହା ସମାରୋହରେ ଅନୁଷ୍ଠିତ ହୋଇ ଯାଇଛି। ଏହି ଉତ୍ସବରେ ବିଶିଷ୍ଟ ଶିକ୍ଷାବିତ୍ ଦୁଃଶାସନ ରାଉତ୍ ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ବାସୁଦେବପୁରର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ବକ୍ତବ୍ୟ ପ୍ରଦାନ କରିଥିଲେ। ଭଦ୍ରକ ଜିଲ୍ଲାର ଜିଲ୍ଲାପାଳ ଦିଲ୍ଲୀପ କୁମାର ରାଉତରାୟ, ଶହୀଦ ତୀର୍ଥଯାତ୍ରୀ ସଭାପତି ବୈଲୋଚନ ଜେନା,ଶିକ୍ଷାବିତ୍ ଅନିମା ପାଢୀ, କବି ସୁଧାଂଶୁ ଶେଖର ମିଶ୍ର, କବି ସାହିତ୍ୟିକ ଡକ୍ଟର ବସନ୍ତ କୁମାର ଦାସ, ନାରୀ ନେତ୍ରୀ ବନଲତା ଜେନା, ରମେଶ ଚନ୍ଦ୍ର ନାୟକ ପ୍ରମୁଖ ବିଶେଷ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥି ବନ୍ଧୁମାନେ ଭାରତ ଛାଡ ଆନ୍ଦୋଳନ, କ୍ରାନ୍ତି ଦିବସ, ଭାରତ ବର୍ଷର ଶହୀଦ ଓ ମହାତ୍ମା ଗାନ୍ଧୀଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ କବିତା ପାଠ ଉତ୍ସବ ଅନୁଷ୍ଠିତ ହୋଇଥିଲା। କବି ରଞ୍ଜନ କୁମାର ନାୟକ କବିତା ସଂଯୋଜନା କରିଥିଲେ। କବି ସଦାନନ୍ଦ ପାଣିଗ୍ରାହୀ, ଭାଗୀରଥି ସ୍ୱାଇଁ, ଭାଗୀରଥି ମହନୀ ଓ ବହୁ କବି କବିତା ପାଠ କରିଥିଲେ ।କବି କୈଳାସ ଚନ୍ଦ୍ର ନାଥ ଅତିଥି ପରିଚୟ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida